


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-204 ♦BHUBANESWAR ♦SUNDAY ♦19 JANUARY 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୦୪ ♦ଭୁବନେଶ୍ୱର ♦ରବିବାର ♦୧୯ ଜାନୁଆରୀ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦ (ସିନ୍ଦୂରା ସହ)


### ୧୦ ମାନଦଣ୍ଡ ଆଧାରରେ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତି ପାଇଁ ସରକାରଙ୍କ କସରତ

# ଦୋଛକିରେ ରାଜ୍ୟ ପ୍ରଶାସନ

■ **ଭୁବନେଶ୍ୱର, ୧୮।୧ (ସମିସ):** ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆସନ୍ତା ଫେବୃଆରୀ ମାସରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି । ଏଥିରେ ରାଜ୍ୟ ବିକାଶର ଆଭିମୁଖ୍ୟକୁ ସ୍ପଷ୍ଟ କରିବା ସହ ବିକାଶଧାରାକୁ ଅଧିକ ଗତିଶୀଳ କରିବା ପାଇଁ ରୂପରେଖ ପ୍ରସ୍ତୁତ ହେବ । ଆଗାମୀ ବଜେଟ୍‌ରେ ସାମାଜିକ କ୍ଷେତ୍ରକୁ ପ୍ରାଧାନ୍ୟ ଦେବା ନିମନ୍ତେ ନୂଆ ସରକାର ୧୦ଟି ମାନଦଣ୍ଡ ଅନୁଯାୟୀ ବିଭାଗୱାରୀ ପ୍ରସ୍ତାବ ଲୋଡ଼ିଛନ୍ତି । ଏଥିପାଇଁ ଗତ ଡିସେମ୍ବର ମାସରୁ ଅର୍ଥ ବିଭାଗ ସବୁ ବିଭାଗଠାରୁ ରିପୋର୍ଟ ମାଗିଛି ।

ତେବେ ପୂର୍ବ ବଜେଟର ସିଂହଭାଗ ଖର୍ଚ୍ଚ ହୋଇପାରି ନଥିବା ବେଳେ ଆଗାମୀ ବଜେଟରେ କେଉଁ ଯୋଜନା ଓ ପ୍ରକଳ୍ପର ପ୍ରସ୍ତାବ ସ୍ଥାନିତ ହେବ, ତାକୁ ନେଇ ବିଭାଗଗୁଡିକ ଏବେ ଦୋଛକିରେ । ଗୋଟିଏ ପଟେ ବହୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପ ତଥା ଯୋଜନା ଏଯାବତ୍ ସମ୍ପୂର୍ଣ୍ଣ ହୋଇ ନଥିବା ବେଳେ ନୂତନ ପ୍ରକଳ୍ପ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ କୌଣସି ପ୍ରସ୍ତାବ ଆସିନାହିଁ । ଅନ୍ନଦାତା, ନାରୀଶକ୍ତି, ସହଜ ଜୀବନ ଯାପନ, ମୌଳିକ ନାଗରିକ ସୁବିଧା, ବିକଶିତ ଗାଁ-ବିକଶିତ ସହର, ରୋଜଗାର ଓ କର୍ମ ନିଯୁକ୍ତି, ଓଡିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତି, ଲୋକଙ୍କ ସରକାର ଭଳି ୧୦ଟି ପଏଣ୍ଟ ଆଧାରରେ ବଜେଟ ପ୍ରସ୍ତୁତ କରିବା ନୂଆ ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି ।

ସରକାରରେ ପଟ୍ଟ ପରିବର୍ତ୍ତନ, ବିଳମ୍ବିତ ବଜେଟ ଆବଣ୍ଟନ, ଯୋଜନାରେ ବଡ଼ ପରିବର୍ତ୍ତନ,



**ଆଗାମୀ ଚାରି ବର୍ଷ ପାଇଁ ବଜେଟରେ ଆଭିମୁଖ୍ୟ ସ୍ପଷ୍ଟ କରିବେ ସରକାର**

ପୁରୁଣା ଭିତରେ ନୂଆ ଯୋଜନାର ପ୍ରବେଶ, ସର୍ବୋପରି ପାଣ୍ଠି ପରିଚାଳନାରେ ଉପଯୁକ୍ତ ନିରୀକ୍ଷଣର ଅଭାବ ଚଳିତ ବର୍ଷ ବଜେଟ ବ୍ୟୟରେ ବଡ଼ ଅନ୍ତରାୟ ସାଜିଛି । ପୂର୍ବ ସରକାରଙ୍କ ୨୪ଟି ଯୋଜନାର ନାମ ପରିବର୍ତ୍ତନ କରାଯାଇଥିଲେ ହେଁ ଅଧିକାଂଶ ଯୋଜନା ପାଇଁ ପାଣ୍ଠି ବ୍ୟୟରେ ଶିଥିଳତା ଏବେ ଚିନ୍ତାର କାରଣ ପାଲଟିଛି । ଆଗାମୀ ବଜେଟ୍ ଆଗତ ପାଇଁ ମାତ୍ର ଏକମାସରୁ କମ୍ ସମୟ ଥିବା ବେଳେ ପ୍ରାକ୍ ବଜେଟ୍ ପ୍ରସ୍ତୁତି ପାଇଁ ଅର୍ଥ ବିଭାଗ ପକ୍ଷରୁ କସରତ ଆରମ୍ଭ ହୋଇଛି । କିନ୍ତୁ ବିଭାଗୱାରୀ ତଥ୍ୟ ସମ୍ବଳିତ ପ୍ରସ୍ତାବ ଉପସ୍ଥାପନ ନ ହେବା ଅର୍ଥ ବିଭାଗ ପାଇଁ ସମସ୍ୟା ସୃଷ୍ଟି କରିଛି ।

ପୂର୍ବାପେକ୍ଷା ୨୦୨୪-୨୫ ବଜେଟରେ ଅଧିକ ବ୍ୟୟବରାଦ ହୋଇଥିଲେ ମଧ୍ୟ ପାଣ୍ଠି ବ୍ୟୟରେ ସରକାର ବହୁ ପଛରେ ରହିଥିବାରୁ ବିଧାନସଭାରେ ବିରୋଧୀ ଦଳ ତୀବ୍ର ସମାଲୋଚନା କରିଛନ୍ତି ।

ଆମ ହସ୍ପିଟାଲ, ମିଶନ୍ ଶକ୍ତି ଭିତ୍ତିଭୂମି, ମୋ ସ୍କୁଲ ଅଭିଯାନ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ମୋ ବସ୍‌ଷ୍ଟାଣ୍ଡ, ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା, ଆମ ବ୍ୟାଙ୍କ, କ୍ରୀଡ଼ା ଭିତ୍ତିଭୂମି, ମୁଖ୍ୟମନ୍ତ୍ରୀ ସେତୁ ଯୋଜନା, ବିପର୍ଯ୍ୟୟ ପରିଚାଳନା, ମହାନଦୀ ରିଭର ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପ, ଲାଭ ଯୋଜନା, ବସୁଧା, ମହିଳା ଏସ୍‌ଏଚ୍‌ଜିଙ୍କ ମଧ୍ୟରେ ଉଦ୍ୟୋଗୀ ସୃଷ୍ଟି ପାଇଁ ପ୍ରୋତ୍ସାହନ, ଦୁଗ୍ଧ ବନ୍ୟା ମିସନ ଭଳି ଯୋଜନାରେ ଅର୍ଥ ବ୍ୟୟ ଉତ୍ସାହଜନକ ନଥିବା ଜଣାପଡିଛି ।

ଗତ ବଜେଟରେ ସରକାର ଆୟୁଷ୍ମାନ ଭାରତ ପାଇଁ ୫୦୦ କୋଟି ଏବଂ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି ପାଇଁ ଯେଉଁ ୩୮୮ କୋଟି ଦେଇଥିଲେ ସେଥିରେ ହାତ ବାଜି ନାହିଁ । ନୂଆ ସରକାରଙ୍କର ଅନେକ ନିଜସ୍ୱ ଯୋଜନାରେ ମଧ୍ୟ ଚଳିତ ବର୍ଷ କାମ ନୈରାଶ୍ୟଜନକ ରହିଥିବା ଅଭିଯୋଗ ହୋଇଛି । ଅନେକ ପ୍ରକଳ୍ପ କାର୍ଯ୍ୟାଦେଶରେ ପରିବର୍ତ୍ତନ ହେବ ବୋଲି ସରକାର କହିଥିବାରୁ ପାଣ୍ଠି ବ୍ୟୟ ପ୍ରଭାବିତ ହୋଇଛି । ଜାରି ରହିଥିବା ପୁରୁଣା କାମରେ ମଧ୍ୟ ମନ୍ଥରତା ଆସିଥିବା କୁହାଯାଇଛି । ସାଧାରଣତଃ ଗୋଟିଏ ଆର୍ଥିକ ବର୍ଷର ବଜେଟ ବ୍ୟୟ ଉପରେ ଆଗାମୀ ବର୍ଷର ବଜେଟ ପ୍ରସ୍ତୁତି ନିର୍ଭର କରେ । କିନ୍ତୁ ଚଳିତ ବଜେଟରେ ପ୍ରାୟ ୫୦% ପାଣ୍ଠି ଖର୍ଚ୍ଚ ହୋଇନପାରିବା ନୂଆ ବଜେଟକୁ ପ୍ରଭାବିତ କରିବ । ତେବେ ଧାନ କିଣାରେ ବର୍ଦ୍ଧିତ ସବ୍‌ସିଡି, ସୁଭଦ୍ରା ଯୋଜନା, ବର୍ଦ୍ଧିତ ସାମାଜିକ ସୁରକ୍ଷା ଭତ୍ତା, ମାଧୋ ସିଂ ହାତଖର୍ଚ୍ଚ ଭଳି ଟଙ୍କା ବଣ୍ଟା ଯୋଜନା ଆଗାମୀ ବଜେଟରେ ଗୁରୁତ୍ୱବହନ କରିବ ବୋଲି ଅର୍ଥନୀତିଜ୍ଞ ମତ ପ୍ରକାଶ କରିଛନ୍ତି ।

**ଆର୍‌ଜି କର ହସ୍ପିଟାଲ ଦୁଷ୍କର୍ମ ଓ ହତ୍ୟା ଘଟଣା**

# ସଞ୍ଜୟ ରାୟ ଦୋଷୀ

■ **କୋଲକାତା, ୧୮।୧ (ଏଜେନ୍ସି):** ବହୁଚର୍ଚ୍ଚିତ କୋଲକାତା ଆର.ଜି. କର ମେଡିକାଲ କଲେଜ ହସ୍ପିଟାଲର କାର୍ଯ୍ୟରତ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟକୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି । ଆସନ୍ତା ୨୦ ତାରିଖରେ ଦଣ୍ଡବିଧାନ କରିବେ । ୨୦୨୪ ଅଗଷ୍ଟ ୯ରେ ଆରଜିକେ ହସ୍ପିଟାଲ ମଧ୍ୟରୁ ଜଣେ ଟ୍ରେନି ମହିଳା ଡାକ୍ତରଙ୍କ ମୃତଦେହ ମିଳିଥିଲା । ସେ ପୂର୍ବ ରାତିରେ ଡ୍ୟୁଟି ସାରି ବିଶ୍ରାମ ନେଉଥିଲା ବେଳେ ତାଙ୍କୁ ଦୁଷ୍କର୍ମ କରାଯିବା ପରେ ହତ୍ୟା କରାଯାଇଥିଲା । ଅଭିଯୁକ୍ତ ପ୍ରଥମେ ଦୁଷ୍କର୍ମ କରିବା ପରେ ଗଳା ଚିପି ହତ୍ୟା କରିଥିଲା ବୋଲି ପୋଷ୍ଟମର୍ଟମ ▶ପୃଷ୍ଠା-୯



**୨୦ରେ ଦଣ୍ଡବିଧାନ**

### ୪୦ ଘଣ୍ଟା ପରେ କୋଇଲା ଗଦା ତଳୁ ୩ ଶ୍ରମିକଙ୍କ ମୃତଦେହ ଉଦ୍ଧାର

# 'ଡାଲ୍‌ମିଆ ସିମେଣ୍ଟ' ବିରୋଧରେ ୩ ମାମଲା

■ **ରାଉରକେଲା, ୧୮।୧(ସମିସ):** ଦୀର୍ଘ ୪୦ ଘଣ୍ଟା ପରେ ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ କାରଖାନାର ପାୱାର ପ୍ଲାଣ୍ଟରେ ଧସି ଯାଇଥିବା କୋଇଲା ପାହାଡ଼ ତଳୁ ୩ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକମାନେ ହେଲେ, ମଧୁସୂଦନ କଲୋନୀ ନିବାସୀ ରଞ୍ଜିତ ଭୋଳ, ଆଇଟି କଲୋନୀ ନିବାସୀ ଦଶରଥ ପାତ୍ର ଓ ବଏଲର ଅପରେଟର୍ ସୁଶାନ୍ତ କୁମାର ରାଉତ । ଏହି ଘଟଣାରେ କାରଖାନା ବିରୋଧରେ ରାଜଗାଙ୍ଗପୁର ଥାନାରେ ୩ଟି ମାମଲା ରୁଜୁ ହୋଇଛି । କାରଖାନାର ଫାକ୍ଟ୍ରି ଅକ୍ୟୁପାୟର ଭେଙ୍ଗଟେଶ ତ୍ୟାଗରାଜନ୍ ଏବଂ ମ୍ୟାନେଜର ସନ୍ଦୀପ ବର୍ମାଙ୍କ ନାମରେ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

ସେହିପରି ଏହି ଘଟଣାରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସିମେଣ୍ଟ କାରଖାନାର ପାୱାର ପ୍ଲାଣ୍ଟରେ ୫୪ ମେଗାୱାଟ୍‌ରେ ଥିବା ସମସ୍ତ ବଏଲର ବଙ୍କର ଓ କନଭେୟର ବେଲ୍ଟ



ଚଳାଇବା ପାଇଁ ସମ୍ପୂର୍ଣ୍ଣ ନିଷେଧ କରାଯାଇ ତାକୁ ସିଲ୍ କରି ଦିଆଯାଇଛି । କାରଖାନାରେ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ନଯିବା ପର୍ଯ୍ୟନ୍ତ ପାୱାର ପ୍ଲାଣ୍ଟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ ସୂଚନା ଦେଇଛନ୍ତି । ଏହାସହ କାରଖାନା କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରାଯାଇଥିବା କାରଖାନା ଓ ବାଷ୍ପିତ୍ର ବିଭାଗ ଉପନିର୍ଦ୍ଦେଶକ ଇଂ ବିଭୂପ୍ରସାଦ ସୂଚନା ଦେଇଛନ୍ତି । ସେହିପରି ଏହି ଘଟଣାକୁ

**ବଏଲର ବଙ୍କର୍ ଓ କନଭେୟର ବେଲ୍ଟ ସିଲ୍**

**ମୃତକଙ୍କ ପରିବାରକୁ ୨୫ ଲକ୍ଷର ସହାୟତା**

ଗୁରୁତ୍ୱର ସହ ନେଇ ନିର୍ଦ୍ଦେଶାଳୟ ପକ୍ଷରୁ ଏହାର ତଦନ୍ତ କରାଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ସୂଚନା ଦେଇଛନ୍ତି ।

ଅପରପକ୍ଷେ, ମୃତକଙ୍କ ପରିବାରବର୍ଗଙ୍କୁ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଦେଇଛନ୍ତି କାରଖାନା କର୍ତ୍ତୃପକ୍ଷ । ▶ପୃଷ୍ଠା-୯

### ନିଶା ମାଫିଆଙ୍କ ଗଳାବାଟ ପାଲଟିଛି ବିମାନ ବନ୍ଦର

# ପୁଣି ୭ କୋଟିର ମାରିଜୁଆନା ଜବତ

■ **ଭୁବନେଶ୍ୱର, ୧୮।୧ (ସମିସ):** ନିଶା ମାଫିଆଙ୍କ ଗଳାବାଟ ପାଲଟିଛି ଭୁବନେଶ୍ୱର ବିମାନ ବନ୍ଦର । ସେମାନେ ବିମାନ ବନ୍ଦର ଦେଇ ବିଦେଶରୁ ମାରିଜୁଆନା ଚାଲାଣ କରୁଛନ୍ତି । ଗତ ୧୪ ଦିନରେ ୨୧କୋଟିରୁ ଅଧିକ ଟଙ୍କା ମୂଲ୍ୟର ମାରିଜୁଆନା (ଗଞ୍ଜେଇ ଜାତୀୟ ନିଶାଦ୍ରବ୍ୟ) ଜବତ ହେଲାଣି । ଏହି ଘଟଣାରେ ଦୁଇ ମହିଳା ସମେତ ୩ଜଣଙ୍କୁ ଗିରଫ କରାଗଲାଣି । ତଥାପି ମାରିଜୁଆନା ଚାଲାଣ କମୁନାହିଁ । ଆଜି ପୁଣି ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ୭କୋଟିର ମାରିଜୁଆନା ଜବତ କରାଯାଇଛି । ଜଣେ ଚାଲାଣକାରୀ ମାରିଜୁଆନା ନେଇ ଆସୁଥିବା ବେଳେ ମାଡ଼ି ବସିଥିଲା କଷ୍ଟମ ବିଭାଗ । ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି କଷ୍ଟମ ବିଭାଗ ।

ସାତ କେଜି ମାରିଜୁଆନା ନେଇ ଜଣେ ଅଭିଯୁକ୍ତ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆଣୁଥିଲେ । ଏନେଇ ଗୁଇନ୍ଦା ସୂତ୍ରରୁ ଖବର ପାଇଥିଲା କଷ୍ଟମ ବିଭାଗ । ଇଣ୍ଡିଗୋ ବିମାନ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରିବା ପରେ କଷ୍ଟମ ବିଭାଗ କର୍ମଚାରୀ ଜଣେ ଯାତ୍ରୀଙ୍କ ଲଗେଜ୍ ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ୭ କୋଟିର ମାରିଜୁଆନା ଧରାପଡିଥିଲା । ଉକ୍ତ ବ୍ୟକ୍ତିଙ୍କୁ ଉଠାଇ ନେଇଥିଲା କଷ୍ଟମ ବିଭାଗର ଏୟାର ଇଣ୍ଟେଲିଜେନ୍ସ ୟୁନିଟ୍ । ବ୍ୟାଙ୍କକ୍ ଓ କ୍ୱାଲାଲମପୁରରୁ ପୂର୍ବରୁ ଆସୁଛି ଏହି ଦାମୀ ନିଶାଦ୍ରବ୍ୟ । ପୂର୍ବରୁ ୨ ଜଣ ମହିଳା ଓ ୩ଯୁବକଙ୍କୁ ଗିରଫ କରାଯାଇଥିବା ବେଳେ ବିମାନବନ୍ଦର ବର୍ତ୍ତମାନ ନିଶା ▶ପୃଷ୍ଠା-୯



**ଜଣେ ଚାଲାଣକାରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି**

**୧୪ ଦିନରେ ୨୧ କୋଟିରୁ ଅଧିକ ମାରିଜୁଆନା ଜବତ ହେଲାଣି**

**ଥାଇଲାଣ୍ଡ, ମାଲେସିଆରୁ ହେଉଛି ଚାଲାଣ**

### ଆଳୁ ପରେ ଯୋଗାଣ ମନ୍ତ୍ରୀଙ୍କ ରାସନ କାର୍ଡ କାହାଣୀ

# ଭୂତକାର୍ଡ କହି ଭୁତାଉଛନ୍ତି

■ **ଭୁବନେଶ୍ୱର, ୧୮।୧ (ସମିସ):** ତିରୋଟ ସମୟରେ ଖାଉଟିଙ୍କୁ ସୁଲଭ ମୂଲ୍ୟରେ ରାଜ୍ୟ ସରକାର ଆଳୁ ଯୋଗାଇ ପାରିଲେନି । ଲୋକଙ୍କ ବିଦ୍ରୋହ ଦେଖି ଯୋଗାଣ ମନ୍ତ୍ରୀ ରେଳରେ ଆଳୁ ଆଣିବା ଭଳି କାହାଣୀ ଶୁଣାଇଲେ । ହେଲେ ମନ୍ତ୍ରୀଙ୍କ ଆଳୁ କାହାଣୀ କିଛି କାମ କଲାନି । ଆଳୁ ଦରବୃଦ୍ଧିର ନିଆଁ ଏବେ ବି ଥମିନାହିଁ । ଏପରି ସ୍ଥିତିରେ ରାସନ ସାମଗ୍ରୀ ବଣ୍ଟନରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ମନ୍ତବ୍ୟକୁ ବିରୋଧୀ କଡ଼ା ସମାଲୋଚନା କରିଛନ୍ତି । ଆଳୁ କାହାଣୀ ଭଳି ମନ୍ତ୍ରୀ ରାସନ କାହାଣୀ ଶୁଣାଇ ଲୋକଙ୍କୁ ଭୁତାଉଛନ୍ତି ଏବଂ ଗରିବଙ୍କୁ ରାସନ ସାମଗ୍ରୀ ଦେବାକୁ ସରକାର ଚାହୁଁ ନାହାନ୍ତି ବୋଲି ବିରୋଧୀ ବିଜେଡି ଏବଂ କଂଗ୍ରେସ କହିଛି ।



**ଇ-କେୱାଇସି ବାହାନାରେ ଲୋକଙ୍କୁ ଠକୁଛନ୍ତି ମନ୍ତ୍ରୀ: ସାରଦା**

**ସରକାର ଗରିବଙ୍କୁ ରାସନ ଦେବାକୁ ଚାହୁନାହାନ୍ତି: ସାଲୁଜା**

**ଆୟକର ଦେଉଥିବା ଲୋକ ରାସନ କାର୍ଡ ହାତେଇଛନ୍ତି: ମନ୍ତ୍ରୀ**

ରାସନ ସାମଗ୍ରୀ ବଣ୍ଟନ ଉପରେ ମନ୍ତବ୍ୟ ରଖି ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଆୟକର ଦେଉଥିବା ଲୋକ ରାସନ କାର୍ଡ ହାତେଇଛନ୍ତି । ଇ-କେୱାଇସି ଯାଞ୍ଚ ପ୍ରକ୍ରିୟାବେଳେ ଏହା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି । ବାସ୍ତବରେ ଏଭଳି ହିତାଧିକାରୀଙ୍କ ସଂଖ୍ୟା କେତେ ସେନେଇ ସରକାରୀ ସ୍ତରରେ ତନାଘନା ଚାଲିଛି । ଏଥିରେ କେତେ ମାତ୍ରାରେ ସତ୍ୟତା ଅଛି, କ୍ଷେତ୍ରସ୍ତରୀୟ ଅନୁଧ୍ୟାନରୁ ସ୍ପଷ୍ଟ ଜଣାପଡ଼ିବ । ଯଦି ଏହା ସତ ପ୍ରମାଣିତ ହୁଏ, ତେବେ ତୁରନ୍ତ ସେମାନଙ୍କ ରାସନ କାର୍ଡ କାଟି ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ମନ୍ତ୍ରୀଙ୍କ ବିବୃତ୍ତି ଉପରେ ବିଜେଡି ବିଧାୟକ ସାରଦା ଜେନା କଡ଼ା ଜବାବ ରଖି କହିଛନ୍ତି, ମନ୍ତ୍ରୀ ଭୂତ ରାସନ କାର୍ଡ କଥା କହି ଓଡ଼ିଶାବାସୀଙ୍କୁ ଭୁତାଉଛନ୍ତି । ପ୍ରତ୍ୟେକ ରାସନ କାର୍ଡ ଆଧାର ସଂଲଗ୍ନ ଅଟେ । ଆଧାର କାର୍ଡ ଅନୁସାରେ ରାସନ କାର୍ଡ ▶ପୃଷ୍ଠା-୯




# ‘୨୫ ମିନିଟ ବିଳମ୍ବ ହୋଇଥିଲେ ମୁଁ ବଞ୍ଚି ନ ଥାନ୍ତି’



ନୂଆଦିଲ୍ଲୀ,୧୮।୧(ଏଜେନ୍ସି): ନିଜ ଦେଶରୁ ପଳାଇ ଆସି ବର୍ତ୍ତମାନ ଭାରତରେ ଆଶ୍ରୟ ।।ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ୱାଜେଦ୍ ୨୦୨୪ ଅଗଷ୍ଟ ୫ ତାରିଖର ଘଟଣାକ୍ରମକୁ ମନେ ପକାଇ ନିଜ ଦୁଃଖ ବଖାଣିଛନ୍ତି। ବାଂଲାଦେଶରେ ବିକ୍ଷୋଭ ପରେ ତାଙ୍କ ଉପରେ କିଭଳି ମରଣାନ୍ତକ ଆକ୍ରମଣ ହୋଇଥିଲା ଏବଂ ତାଙ୍କୁ ମାରିଦେବାକୁ ରାଜନୈତିକ ସ୍ତରରେ ଷଡ଼ଯନ୍ତ୍ର କରାଯାଇଥିଲା ତାହାକୁ ହସିନା ସାମ୍ନାକୁ ଆଣିଛନ୍ତି। ସେ ଆଲ୍ଲାଙ୍କ କୃପାରୁ ବଞ୍ଚି ଯାଇଥିବା କହିଛନ୍ତି । ୨୦୦୪ ଅଗଷ୍ଟ ୫ରେ ହସିନା ନିଜ ଦେଶ ଛାଡି ଅପ୍ରତ୍ୟାଶିତ ଭାବେ ଭାରତ ପଳାଇ ଆସିଥିଲା


## ମତେ ମାରିବାକୁ ଷଡ଼ଯନ୍ତ୍ର ହୋଇଥିଲା: ହସିନା

ବେଳେ ସେହି ଦିନ ହିଁ ବାଂଲାଦେଶର କୋଟାଲିପଡ଼ାରେ ହୋଇଥିବା ଗ୍ରେନେଡ୍ ଆକ୍ରମଣରେ ତାଙ୍କୁ ଟାର୍ଗେଟ କରାଯାଇଥିଲା । ଯେଉଁଥିରେ ୨୪ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା ଏବଂ ୩୦ ଜଣ ଆହତ ହୋଇଥିଲେ । ଯଦି ୨୦ ରୁ ୨୫ ମିନିଟ ବିଳମ୍ବ ହୋଇଥାଆନ୍ତା ତେବେ ସେ ଆଜି ନ ଥାନ୍ତେ ବୋଲି ଅଡିଓ ମେସେଜରେ ହସିନା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ରେ ବାଂଲାଦେଶରେ ହସିନା ସରକାରଙ୍କ ବିରୋଧରେ ବ୍ୟାପକ ଆନ୍ଦୋଳନ ଚାଲିବା ସହିତ ଦେଶର ସବୁ ପ୍ରାନ୍ତରେ ବିକ୍ଷୋଭ, ହିଂସା ବଢ଼ିଥିଲା। ହିଂସାରେ ଶତାଧିକ ଲୋକଙ୍କ ମୃତ୍ୟୁ ହେବା ସହିତ ଶହ ଶହ ଲୋକ ଆହତ ହୋଇଥିଲେ। ତେବେ ୨୦୨୪ ଅଗଷ୍ଟ ୫ରେ ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଭିତରେ ପଶିବାକୁ ଉଦ୍ୟମ କରିବା ପୂର୍ବରୁ ଶେଖ ହସିନା ସେନା ହେଲିକପ୍ଟରରେ ଭାରତ ଚାଲି ଆସିଥିଲେ। ତାଙ୍କ ସହ ତାଙ୍କ ଭଉଣୀ ମଧ୍ୟ ଭାରତରେ ଆଶ୍ରୟ ନେଇଛନ୍ତି । କିନ୍ତୁ ଏହାମଧ୍ୟରେ ଶେଖ ହସିନାଙ୍କ ପ୍ରତ୍ୟର୍ପଣ ଲାଗି ବାଂଲାଦେଶର ଅନ୍ତରୀଣ ସରକାର ଦୁଇଥର ଭାରତକୁ ଚିଠି ଲେଖିସାରିଛନ୍ତି। କିନ୍ତୁ ଭାରତ ସରକାର ହସିନାଙ୍କ ପ୍ରତ୍ୟର୍ପଣ ନେଇ ମୁହଁ ଖୋଲି ନଥିଲା ବେଳେ ହସିନାଙ୍କ ଭିସା ଅବଧି ବଢ଼ାଇ ଦେଇଛନ୍ତି।

## ହଟ୍ ସ୍ପଟ୍

### ଚନ୍ଦ୍ରବାବୁଙ୍କ ଓଲଟା ବାଟ

ତିରୁପତି ଲଡ୍ଡୁ ବିବାଦ ଏବଂ ସୁପ୍ରିମ କୋର୍ଟଙ୍କ ଭର୍ତ୍ସନା ପରେ ଦୀର୍ଘ ଦିନ ଧରି ନିରବତା ଅବଲମ୍ବନ କରିଥିବା ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ପୁଣି ମୁହଁ ଖୋଲିଛନ୍ତି। ମୁହଁ ଖୋଲୁ ।।ଖୋଲୁ ସେ ଯେଉଁ କଥାଟି କହିଛନ୍ତି, ତାହା ତାଙ୍କୁ ପୁଣି ବିବାଦ ଘେରକୁ ଟାଣିବା ଥୟ। ରାଜ୍ୟରେ ସେ ନୂଆ ଆଇନ ତିଆରି କରିବାକୁ ଯାଉଛନ୍ତି । ଯେଉଁମାନଙ୍କର ଦୁଇରୁ ଅଧିକ ପିଲା ଥିବେ ସେମାନେ ହିଁ ପଞ୍ଚାୟତ ଓ ପୌର ନିର୍ବାଚନ ଲଢ଼ିପାରିବେ। ଏହି ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ସେ କହିଛନ୍ତି। ତାଙ୍କର ଯୁକ୍ତି ହେଉଛି ଯେ ରାଜ୍ୟରେ ବୟସ୍କମାନଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ପିଲା ଓ ଯୁବକମାନଙ୍କ ସଂଖ୍ୟା



କମି କମି ଚାଲିଛି । ତେଣୁ ଏଭଳି ଅସଙ୍ଗତିକୁ ଦୂର କରିବା ଲାଗି ନୂଆ ଆଇନ ଜରୁରୀ ହୋଇପଡ଼ିଛି। ଦୁଇରୁ ଅଧିକ ସନ୍ତାନ ଥିଲେ ନିର୍ବାଚନ ଲଢ଼ିପାରିବେ ନାହିଁ ସାରା ଦେଶରେ ନିୟମ ରହିଥିବା ବେଳେ ଏହି ଧାରାକୁ ଭାଙ୍ଗିବାକୁ ପ୍ରତିଜ୍ଞା କରିଛନ୍ତି ଚନ୍ଦ୍ରବାବୁ । ଦୁଇ ମାସ ତଳେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ନିର୍ବାଚନ ପାଇଁ ଅଧିକ ସନ୍ତାନ ଉପରେ ରହିଥିବା କଟକଣାକୁ ହଟାଇ ଦିଆଯିବ। ଅଧିକ ସନ୍ତାନ ପରିବାରକୁ ସରକାରୀ ସହାୟତା ମଧ୍ୟ ମିଳୁଛି । ଏଭଳି ପରିବାରକୁ ରିହାତି ଦରରେ ଚାଉଳ ଯୋଗାଇ ଦଆଯାଉଛି। ଦୁଇରୁ ଅଧିକ ସନ୍ତାନ ଥିଲେ ଯାଇ ନିର୍ବାଚନରେ ଲଢ଼ିବାକୁ ସୁଯୋଗ ମିଳିବ ବୋଲି ସେ ଯେଉଁ ନିୟମ କରିବାକୁ ଯାଉଛନ୍ତି, ତାହାକୁ ନେଇ ଅନେକ ନେତା ଚିନ୍ତାରେ। ନିର୍ବାଚନ ଲଢ଼ିବା ଲାଗି ସନ୍ତାନ ସଂଖ୍ୟାକୁ ଦୁଇ ଭିତରେ ସୀମିତ ରଖିଥିବା ନେତା ଏବେ କଣ କରିବେ। ତେବେ ଉଲ୍ଲେଖନୀୟ କଥାଟି ହେଉଛି ଯେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଯୁକ୍ତିକୁ ସମର୍ଥନ କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ । ସେ କହିଛନ୍ତି ଯେ ଦକ୍ଷିଣ ଭାରତରେ ପରିବାର ନିୟନ୍ତ୍ରଣ ଯୋଗୁଁ ଲୋକସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ରାଜନୈତିକ ଦୃଷ୍ଟିକୋଣରୁ ଏହା ଦକ୍ଷିଣ ଭାରତ ରାଜ୍ୟଙ୍କୁ କ୍ଷତି ପହଞ୍ଚାଉଛି। ପୁଣି ଚନ୍ଦ୍ରବାବୁ ଦେଶସାରା ଏଭଳି ନିୟମ ଲାଗୁ କରିବାକୁ ପରାମର୍ଶ ଦେଇଛନ୍ତି । କହିଛନ୍ତି ଦେଶ ଏବେ ନଚେତିଲେ ଜାପାନ ଓ କୋରିଆ ଭଳି ଦୁର୍ଦ୍ଦଶା ଭୋଗିବ।

# ୭୩୭ ପାଲେଷ୍ଟନୀୟ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରିବ ଇସ୍ରାଏଲ

ତେଲ୍ ଆଭିଭ୍,୧୮।୧(ଏଜେନ୍ସି): ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ବିରତିକୁ ନେଇ ବିଗତ କିଛି ଦିନ ହେଲା ଦ୍ୱନ୍ଦ୍ୱ ଉପୁଜିଥିଲା ବେଳେ ରବିବାର ଏହା ବାସ୍ତବାୟିତ ହେବାକୁ ଯାଉଛି। ଯୁଦ୍ଧବିରତି ପ୍ରସ୍ତାବକୁ ଇସ୍ରାଏଲ କ୍ୟାବିନେଟ୍ ଶନିବାର ଅନୁମୋଦନ ଦେବା ପରେ ଏହାକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହିକ୍ରମରେ ଆସନ୍ତାକାଲି ଉଭୟ ପକ୍ଷ ପଣବନ୍ଦୀଙ୍କୁ ମୁକ୍ତ କରିବେ । ମିଳିଥିବା ସୂଚନା ଅନୁସାରେ ଆସନ୍ତାକାଲି ସକାଳେ ଇସ୍ରାଏଲରେ ବନ୍ଦୀ ଥିବା ପାଲେଷ୍ଟାଇନର ପ୍ରାୟ ୭୩୭ ବ୍ୟକ୍ତିଙ୍କୁ ମୁକ୍ତ କରାଯିବ। ଜାନୁଆରୀ ୧୯ ଏଠାକାର ସ୍ଥାନୀୟ ସମୟ ସକାଳ ୮.୩୦ ମିନିଟ୍‌ରେ ଏହି ଯୁଦ୍ଧବନ୍ଦୀଙ୍କୁ ଇସ୍ରାଏଲ ଜେଲରୁ ମୁକ୍ତ କରାଯିବ ବୋଲି ପ୍ରମୁଖ ମଧ୍ୟସ୍ଥ ରାଷ୍ଟ୍ର

## ହମାସ-ଇସ୍ରାଏଲ ଯୁଦ୍ଧ ବିରତି ପ୍ରକ୍ରିୟା ଆରମ୍ଭ

## ପ୍ରଥମ ପର୍ଯ୍ୟାୟରେ ୩୩ ଇସ୍ରାଏଲୀଙ୍କୁ ମୁକ୍ତ କରିବ

କତାର ପକ୍ଷରୁ କୁହାଯାଇଛି । ପ୍ରଥମ ପର୍ଯ୍ୟାୟ ଯୁଦ୍ଧ ବିରତି ବୁଝାମଣା ଅନୁସାରେ ୭୩୭ ପାଲେଷ୍ଟନୀୟ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରାଯିବ ବୋଲି ଇସ୍ରାଏଲ ନ୍ୟାୟିକ ମନ୍ତ୍ରାଳୟ ପକ୍ଷରୁ ମଧ୍ୟ ସ୍ପଷ୍ଟ କରାଯାଇଛି । ମୁକ୍ତି ପାଇବାକୁ ରହିଥିବା ଲୋକମାନଙ୍କ ମଧ୍ୟରେ ୫ ରୁ ୬ ହମାସ ସଂଗଠନର କେତେକ ପ୍ରମୁଖ ନେତା ରହିଥିଲା ବେଳେ ଏଥିରେ ମହିଳା ଏବଂ ଶିଶୁ ମଧ୍ୟ ରହିଛନ୍ତି । ଅନ୍ୟପକ୍ଷରେ ପାଲେଷ୍ଟାଇନରେ ବନ୍ଧକ




ରହିଥିବା ୩୩ ଇସ୍ରାଏଲୀ ବନ୍ଦୀଙ୍କୁ ମଧ୍ୟ ହମାସ ମୁକ୍ତ କରିବ । ଗାଜାପଟି ନିକଟରେ ଉଭୟ ପକ୍ଷ ଲୋକଙ୍କୁ ସ୍ୱେଦଶ ଯିବାକୁ ଅନୁମତି ଦିଆଯିବ ବୋଲି କୁହାଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ଇସ୍ରାଏଲ ଏବଂ ହମାସ ମଧ୍ୟରେ ୪୨ ଦିନ ପାଇଁ ଏହି ପର୍ଯ୍ୟାୟ ଯୁଦ୍ଧ ବିରତି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇଛି । ଏହାପରେ ଯଦି ଦୁଇ ପକ୍ଷ ମଧ୍ୟରେ ସ୍ଥିତି ସ୍ୱାଭାବିକ ହୁଏ ଏବଂ ସବୁକିଛି ଠିକଠାକ୍ ଚାଲେ ତେବେ ଦୀର୍ଘସୂତ୍ରରେ ଯୁଦ୍ଧ ବିରତି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇପାରେ । ଏଥିପାଇଁ କତାରରେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଇଛି । ଅନ୍ୟପକ୍ଷରେ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ ଇସ୍ରାଏଲ ଏବଂ ପାଲେଷ୍ଟାଇନ ସମସ୍ୟା ପ୍ରସଙ୍ଗରେ ଆଗକୁ ନୂଆ ମୋଡ ଦେଇପାରେ ବୋଲି ମଧ୍ୟ ଆକଳନ କରାଯାଉଛି ।

# ଇରାନ ସୁପ୍ରିମକୋର୍ଟର ଦୁଇ ବିଚାରପତିଙ୍କୁ ହତ୍ୟା

ତେହରାନ୍,୧୮।୧(ଏଜେନ୍ସି): ଇରାନ ସୁପ୍ରିମକୋର୍ଟ ପରିସରରେ ଶନିବାର ଆତଙ୍କବାଦୀ ଆକ୍ରମଣ ହୋଇଛି । ଜଣେ ଆତଙ୍କବାଦୀ କିଛି ବିଚାରପତିଙ୍କୁ ନିଶାଣ କରି ଗୁଳି ଚଳାଇଥିଲା ବେଳେ ଏହି ଘଟଣାରେ ଦୁଇ ବରିଷ୍ଠ ବିଚାରପତିଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ଜଣେ ବିଚାରପତି ଆହତ ହୋଇଛନ୍ତି। ଏହି ଘଟଣା ପରେ ଆତଙ୍କବାଦୀ ଜଣକ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛି। ମୃତ ଦୁଇ ବିଚାରପତି ହେଲେ ମହମ୍ମଦ ମୋଘିସେସ୍ ଏବଂ ହାଜୋତୋସଲାମ ଅଲ୍ଲୀରଜିନୀ। ଗୁରୁତର ଆହତ ହୋଇଥିବା ତୃତୀୟ ବିଚାରପତିଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବେଳେ ତାଙ୍କ ଅବସ୍ଥା ଗମ୍ଭୀର ଥିବା ଇରାନ ଗଣମାଧ୍ୟମ ପ୍ରକାଶ କରିଛି । ଇରାନର ଆଇଆରଜିସି ଅନୁମୋଦିତ ଖବର ସଂସ୍ଥା ଫାର୍ ନ୍ୟୁଜ୍ ଅନୁସାରେ କୌଣସି କାରଣକୁ ନେଇ ଆତଙ୍କବାଦୀ ଜଣକ ଏହି ଦୁଇ ବିଚାରପତିଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା। କିନ୍ତୁ ହତ୍ୟାକାରୀ କୁହାଯାଉଥିବା ଆତଙ୍କବାଦୀ କୋର୍ଟ ପରିସରରେ କର୍ମଚାରୀଙ୍କ ପ୍ରକୋଷ୍ଠ ସଫେଇ କାର୍ଯ୍ୟ ପାଇଁ ନିୟୋଜିତ ଥିଲା ବୋଲି କିଛି ସୂତ୍ରରୁ କୁହାଯାଇଛି।

# ଟ୍ରମ୍ପଙ୍କ ଶପଥ ଗ୍ରହଣକୁ ବିରୋଧ; ୱାଶିଂଟନ୍‌ରେ ହଜାର ହଜାର ବିକ୍ଷୋଭକାରୀ

ୱାଶିଂଟନ୍,୧୮।୧(ଏଜେନ୍ସି): ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ମାତ୍ର ଦୁଇ ଦିନ ପରେ ଶପଥ ନେବେ । ଏଥିପାଇଁ ତାଙ୍କ ଶିବିରରେ ଆନନ୍ଦ ଉଲ୍ଲାସ ଖେଳିଯିବା ସହିତ ପ୍ରସ୍ତୁତି ଜୋରଦାର ହୋଇଛି । ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବ ପାଇଁ ୱାଶିଂଟନରେ ଭବ୍ୟ ଉତ୍ସବ ଆୟୋଜନ କରାଯାଉଛି । ଅନ୍ୟପକ୍ଷରେ ଟ୍ରମ୍ପଙ୍କୁ ବିରୋଧ କରି ତାଙ୍କ ଶପଥ ଗ୍ରହଣ ପୂର୍ବରୁ ହଜାର ହଜାର ବିକ୍ଷୋଭକାରୀ ରୁଣ୍ଡ ହେବାରେ ଲାଗିଛନ୍ତି । ଶନିବାର ହଜାର ହଜାର ସଂଖ୍ୟାରେ ବିକ୍ଷୋଭକାରୀ ୱାଶିଂଟନ ଡିସିରେ ଏକାଠି ହେବା ସହିତ ଟ୍ରମ୍ପଙ୍କ (ଜିଓପି) ନୀତିକୁ ବିରୋଧ କରି ସ୍ଲୋଗାନ ଦେଇଛନ୍ତି। ଟ୍ରମ୍ପ ପ୍ରଶାସନରେ ପ୍ରବାସୀ ଲୋକଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବା ସହିତ ସଂଖ୍ୟାଲଘୁ ଲୋକମାନଙ୍କ ସମସ୍ୟା ମଧ୍ୟ ବଢିବ ବୋଲି ସେମାନେ କହିଛନ୍ତି । ଏପରିକି ଅନେକ ଲୋକ ଟ୍ରମ୍ପଙ୍କ ଶପଥ ଉତ୍ସବ ବୟକଟ୍ କରିବା ଉଦ୍ଦେଶ୍ୟରେ ୱାଶିଂଟନ ଛାଡି ଅନ୍ୟ ସହରକୁ ପଳାଇଥିବା କୁହାଯାଇଛି। ଜାନୁଆରୀ ୨୦ ତାରିଖରେ ଯେଉଁମାନଙ୍କ ଜନ୍ମଦିନ ପଡୁଛି ସେମାନେ ଅନ୍ୟ ସହର ଯାଇ ଜନ୍ମଦିନ ପାଳନ କରିବାକୁ ଯୋଜନା କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ ନିର୍ବାଚନୀ ପ୍ରତିଶ୍ରୁତିରେ ଦେଶବାସୀଙ୍କୁ ଯାହା କହିଥିଲେ ତାହାକୁ ପ୍ରଥମ ଦିନରୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ନେଇଛନ୍ତି।

# ଧରାପଡ଼ିଲା ସୈଫ ଆକ୍ରମଣକାରୀ

ରାୟପୁର,୧୮।୧(ଏଜେନ୍ସି): ବଲିଉଡ ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ମୁମ୍ବଇ ପୁଲିସ ଯାଞ୍ଚ ଜୋରଦାର୍ କରିଥିଲା ବେଳେ ବିଭିନ୍ନ ସ୍ଥାନରେ ଚଢଉ କରାଯିବା ସହିତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଉଛି। ଏହିକ୍ରମରେ ରେଳବାଇ ପୁଲିସ ଜଣେ ୩୧ ବର୍ଷୀୟ ବ୍ୟକ୍ତିଙ୍କୁ ଛତିଶଗଡ଼ର ଦୁର୍ଗ ଷ୍ଟେସନରେ ଶନିବାର ଅଟକ ରଖିଥିବା ଜଣାପଡ଼ିଛି। ଆକାଶ କୈଳାସ କନୌଜିଆ ନାମକ ଏହି ବ୍ୟକ୍ତି ଜଣକ ମୁମ୍ବଇର ଲୋକମାନ୍ୟ ତିଳକ ଟର୍ମିନସ୍‌ରୁ କୋଲକାତା ସାଲିମାର ଯାଉଥିବା ଜ୍ଞାନେଶ୍ୱରୀ ଏକ୍ସପ୍ରେସରେ ଯାତ୍ରା କରୁଥିଲା ବେଳେ ତାଙ୍କ ଉପରେ ସନ୍ଦେହ ଆସିବାରୁ ରେଳବାଇ ପୁଲିସ ଦୁର୍ଗ ଷ୍ଟେସନରେ ତାଙ୍କୁ ଅଟକ ରଖିଛି। ଗତ ଗୁରୁବାର ସୈଫ ଅଲ୍ଲୀଙ୍କ ଉପରେ ଆକ୍ରମଣ ପରେ ଦୁର୍ବୃତ୍ତ ଜଣକ ଫେରାର ହୋଇଯାଇଥିଲା ବେଳେ ପୁଲିସ ସିସିଟିଭି ଫୁଟେଜ୍‌କୁ ଆଧାର କରି ଆବଶ୍ୟକ ଫଟୋ ଏବଂ ମୋବାଇଲ ଫୋନ ଟାୱାରକୁ ଆଧାର କରି ଅଭିଯୁକ୍ତକୁ ଟ୍ରାକ କରିବାକୁ ଉଦ୍ୟମ କରିଥିଲା। ଏହିକ୍ରମରେ ମୁମ୍ବଇ ପୁଲିସ ରେଳବାଇ ପୁଲିସକୁ ଆବଶ୍ୟକ ସୂଚନା ଦେଇଥିଲା ବେଳେ ରେଳବାଇ ପୁଲିସ ମୁମ୍ବଇ-ହାଓଡ଼ା ରୁଟ୍‌ରେ ରାଜନନ୍ଦଗାଓଁ ଷ୍ଟେସନରେ ଏହି ସନ୍ଦିଗ୍ଧକୁ ଧରିବାକୁ ପ୍ରୟାସ କରିଥିଲା। କିନ୍ତୁ ସେଠାରେ ମୋବାଇଲ ଟାୱାରକୁ ନେଇ ସନ୍ଦିଗ୍ଧକୁ ଚିହ୍ନଟ କରାଯିବା ସମ୍ଭବ ହୋଇ ନଥିଲା। କିନ୍ତୁ ପରେ ପରେ ଦୁର୍ଗ ଷ୍ଟେସନରେ ସଂପୃକ୍ତ ସନ୍ଦିଗ୍ଧକୁ ଧରିବାକୁ ରେଳବାଇ ପୁଲିସ ଜାଲ ବଛାଇଥିଲା। ପରେ ପରେ ଟ୍ରେନ ଦୁର୍ଗ ଷ୍ଟେସନରେ ପହଞ୍ଚିବା ପରେ ସେଠାରୁ ବ୍ୟ ଆକାଶକୁ ପୁଲିସ ଧରି ଅଟକ ରଖିଥିବା ଜଣାପଡ଼ିଛି।



ଦୁର୍ଗ ଷ୍ଟେସନରେ ସନ୍ଦିଗ୍ଧକୁ ଅଟକ ରଖିଲା ରେଳବାଇ ପୁଲିସ

### ପୁଲିସରେ କରିନାଙ୍କ ବୟାନ

## ଆକ୍ରମଣକାରୀ ଅତ୍ୟନ୍ତ ହିଂସ୍ରକ ଥିଲା

ବଲିଉଡ୍ ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କ ଉପରେ ଆକ୍ରମଣ ହେବା ଘଟଣାକୁ ନେଇ ଏବେ ସବୁ ମହଲରେ ଚର୍ଚ୍ଚା ଚାଲିଥିଲା ବେଳେ ଆକ୍ରମଣକାରୀକୁ ଧରିବା ଲାଗି ମୁମ୍ବଇ ପୁଲିସ ଜୋରଦାର ଉଦ୍ୟମ ଚଳାଇଛି । ମୁମ୍ବଇ ପୁଲିସର ୩୦ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢଉ କରି ସନ୍ଦିଗ୍ଧ ବ୍ୟକ୍ତି ବିଶେଷଙ୍କୁ ପଚରାଉଚରା କରୁଛି। ଏହି ଘଟଣା ସହ କୌଣସି ଅଣ୍ଡରୱାର୍ଲଡ ଗ୍ୟାଙ୍ଗର ହାତ ରହିଛି କି ନାହିଁ ତାହାକୁ ନେଇ ମଧ୍ୟ ପୁଲିସ ଯାଞ୍ଚ କରୁଛି । ଏହାମଧ୍ୟରେ ସୈଫ୍‌ଙ୍କ ପତ୍ନୀ କରିନା କପୁର ଖାନ ପୁଲିସ ନିକଟରେ ନିଜର ବୟାନ ରଖିଛନ୍ତି। ସେ ପୁଲିସକୁ କହିଛନ୍ତି ଯେ ତାଙ୍କ ସ୍ୱାମୀ ସୈଫଙ୍କୁ ଅନୁପ୍ରବେଶକାରୀ ଜଣକ ଅତ୍ୟନ୍ତ ନିର୍ମମ ଭାବେ ଆକ୍ରମଣ କରିଥିଲା ବେଳେ ଛୁରିରେ ବାରମ୍ବାର ଆକ୍ରମଣ କରିଥିଲା। କିନ୍ତୁ ତାଙ୍କ ଘରୁ




କୌଣସି ସାମଗ୍ରୀ ଚୋରି ହୋଇ ନାହିଁ। ଏପରିକି ବ୍ୟକ୍ତି ଜଣକ ଘରେ ରହିଥିବା ଅଳଙ୍କାର ଉପରେ ମଧ୍ୟ ଆଖି ପକାଇ ନଥିବା କରିନା କହିଛନ୍ତି। ହେଲେ ସେ ଅତ୍ୟନ୍ତ ହିଂସ୍ରକ ଭାବେ ଆକ୍ରମଣ କରିଥିଲା ବୋଲି କରିନା କହିଛନ୍ତି। ଏଭଳି ବିଷୟକୁ ନେଇ ପୁଲିସ ଆହୁରି ଚିନ୍ତାରେ ପଡ଼ିଛି। କାରଣ ପ୍ରଥମେ ଦୁର୍ବୃତ୍ତ ଜଣକ ଘରେ ପଶିଲା ପରେ ୧ କୋଟି ଟଙ୍କା ଦାବି କରିଥିଲା। କିନ୍ତୁ ପରେ କୌଣସି ଜିନିଷ ଚୋରି କରି ନଥିଲା ବୋଲି କରିନା କହିଛନ୍ତି।


# କେଜ୍ରିୱାଲଙ୍କ ଗାଡ଼ି ଉପରେ ବିଜେପି ଗୁଣ୍ଡାଙ୍କ ଆକ୍ରମଣ: ଆପ୍

ନୂଆଦିଲ୍ଲୀ,୧୮।୧(ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନ ପାଖେଇ ଆସୁଥିଲା ବେଳେ ବିଜେପି ଏବଂ ଆମ୍ ଆଦମୀ ପାର୍ଟି(ଆପ୍) ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି। ବିଶେଷକରି ନିର୍ବାଚନୀ ପ୍ରଚାର ଏବେ ଜୋରଦାର ହେବା ସହ ବିଭିନ୍ନ ପ୍ରସଙ୍ଗରେ ଉଭୟ ଦଳର ନେତା ମୁହାଁମୁହିଁ ହେଉଥିବା ଦେଖାଯାଉଛି । ଏହାମଧ୍ୟରେ ପ୍ରଚାର ବେଳେ ଆପ୍ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗାଡି ଉପରକୁ ବିଜେପି ଗୁଣ୍ଡାମାନେ ଆକ୍ରମଣ କରିଥିବା ଆପ୍ ଅଭିଯୋଗ ଆଣିଛି। କେଜ୍ରିୱାଲ ନୂଆଦିଲ୍ଲୀ ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା ବେଳେ ଏଠାରେ ବିଜେପି ପକ୍ଷରୁ ପରଭେଶ ବର୍ମା ପ୍ରାର୍ଥୀ ହୋଇଛନ୍ତି । ତେବେ ଶନିବାର କେଜ୍ରିୱାଲ ତାଙ୍କ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରୁଥିଲା ବେଳେ ପରଭେଶଙ୍କ ସମର୍ଥକମାନେ ତାଙ୍କ ଗାଡି ଉପରକୁ ଟେକା ପଥର ମାଡ଼ କରି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଆପ୍ ଅଭିଯୋଗ କରିଛି । କେଜ୍ରିୱାଲ ଯେଭଳି ପ୍ରଚାର କରି ନ ପାରିବେ ସେଥିପାଇଁ ମଧ୍ୟ ଉଦ୍ୟମ କରାଯାଇଛି ବୋଲି ଆପ୍ ‘ଏକ୍ସ’ରେ ପୋଷ୍ଟ କରି ଅଭିଯୋଗ କରିଛି । ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ପ୍ରଚାର ଅଭିଯାନ ସମୟରେ ତିନି ଯୁବକଙ୍କ ଉପରେ ଗାଡି ଚଢାଇ ଦେବାକୁ ଉଦ୍ୟମ ହୋଇଥିଲା ବୋଲି ପରଭେଶ ବର୍ମା କହିଛନ୍ତି । ସେ କହିଛନ୍ତି ଯେ, ନୂଆଦିଲ୍ଲୀ ବିଧାନସଭା ମଣ୍ଡଳକୁ କେଜ୍ରିୱାଲ ପ୍ରଚାର କରିବାକୁ ଯାଇଥିଲା ବେଳେ ତାଙ୍କୁ ବହୁ ଯୁବକ ବିରୋଧ କରିଥିଲେ। ଏହି ସମୟରେ ୩ ଯୁବକଙ୍କ ଉପରେ ଗାଡି ଚଢାଇ ଦେବାକୁ କେଜ୍ରିୱାଲ ଇସାରା କରିଥିଲେ ବୋଲି ପରଭେଶ କହିଛନ୍ତି ।

# ଭାରତ-ବାଂଲାଦେଶ ସୀମାରେ ଉତ୍ତେଜନା

ନୂଆଦିଲ୍ଲୀ, ୧୮।୧(ଏଜେନ୍ସି): ପଶ୍ଚିମବଙ୍ଗର ମାଳଦା ଜିଲ୍ଲାକୁ ଲାଗି ଭାରତ-ବାଂଲାଦେଶ ସୀମାସ୍ଥିତ ସୁଖଦେବପୁର ବିଏସଏଫ ପୋଷ୍ଟ ନିକଟରେ ଉଭୟ ପଟର ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ବାଂଲାଦେଶର କିଛି ଚାଷୀ ଭାରତ ପଟକୁ ଆସି ସେଠାକାର ଚାଷୀଙ୍କ ଫସଲ ନେଇ ଯାଇଥିବା ଅଭିଯୋଗ ଉଠିବା ପରେ ଉଭୟ ପଟର ଚାଷୀମାନଙ୍କ ମଧ୍ୟରେ କିଛି ସମୟ ପାଇଁ ସଂଘର୍ଷ ହୋଇଥିଲା । ତେବେ ବିଏସଏଫ ଏବଂ ବାଂଲାଦେଶ ସୀମା ସୁରକ୍ଷାବଳ ଘଟଣାସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି ।

# ତେଜସ୍ୱୀଙ୍କ ହାତରେ ଆରଜେଡି ନେତୃତ୍ୱ



ପାଟନା, ୧୮।୧ (ଏଜେନ୍ସି): ଆରଜେଡିକୁ ନେଇ ଏବେ ଲାଲୁ ପ୍ରସାଦ ଯାଦବଙ୍କ ଯୁଗ ଶେଷ ହେବାକୁ ଯାଉଛି। ଦଳୀୟ ନେତୃତ୍ୱ ଦାୟିତ୍ୱ ତେଜସ୍ୱୀ ଯାଦବଙ୍କ ହାତରେ ଦେବାକୁ ଦଳ ନିଷ୍ପତ୍ତି ନେଇଛି । ଶନିବାର ପାଟନାରେ ଅନୁଷ୍ଠିତ ଆରଜେଡି କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦଳୀୟ ସମ୍ବିଧାନ ସଂଶୋଧନ ପାଇଁ ଆଗତ ପ୍ରସ୍ତାବ ଜାତୀୟ କାର୍ଯ୍ୟକାରିଣୀରେ ପାରିତ ହେବା ସହିତ ଦଳରେ ଲାଲୁ ଯାଦବଙ୍କୁ ଯେଉଁ ଅଧିକାର ମିଳିଥିଲା ତାହା ଏବେ ତେଜସ୍ୱୀ ଯାଦବଙ୍କୁ ମଧ୍ୟ ଦିଆଯାଇଛି। ବୈଠକରେ ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଆଲୋକ ମେହେଟ୍ଟା ଦଳୀୟ ସମ୍ବିଧାନରେ ସଂଶୋଧନ ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ତେଜସ୍ୱୀ ଯାଦବ ଏବେ ନିର୍ବାଚନରେ ଯାହାକୁ ଚାହିଁବେ ତାଙ୍କୁ ଦଳୀୟ ଚିହ୍ନ ଦେଇପାରିବେ ଏବଂ ଦଳ ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଇପାରିବେ ବୋଲି କୁହାଯାଇଛି।

### ପ୍ରୟାଗରାଜ ମହାକୁମ୍ଭ

# ଷଷ୍ଠ ଦିନରେ ୫୦ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ

ପ୍ରୟାଗରାଜ,୧୮।୧(ଏଜେନ୍ସି): ପ୍ରୟାଗରାଜ ମହାକୁମ୍ଭକୁ ଦିନକୁ ଦିନ ଶ୍ରଦ୍ଧାଳୁଙ୍କ ଆଗମନ ବଢିପାରେ ଲାଗିଛି । ମହାକୁମ୍ଭର ଷଷ୍ଠ ଦିବସରେ ଶନିବାର ୫୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ତ୍ରିବେଣୀ ସଙ୍ଗମରେ ସ୍ନାନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ

- ବୁଡ଼ ପକାଇଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ
- ମହାକୁମ୍ଭରେ ସାମିଲ ହୋଇପାରନ୍ତି ଏଲନ ମସ୍କ

ରାଜନାଥ ସିଂ ଶନିବାର ସ୍ନାନ କରିବା ସହିତ ବିଦେଶାଗତ ବହୁ ଶ୍ରଦ୍ଧାଳୁ ମଧ୍ୟ ବୁଡ଼ ପକାଇଛନ୍ତି। ବର୍ତ୍ତମାନ ସୁଦ୍ଧା ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୭ କୋଟିରେ ପହଞ୍ଚିଥିବା କୁହାଯାଇଛି । ମହାକୁମ୍ଭରେ ସାଧାରଣ ଶ୍ରଦ୍ଧାଳୁଙ୍କ ବ୍ୟତୀତ ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁ, ସନ୍ଥଙ୍କ ମେଳି ଚାଲିଛି । ପ୍ରମୁଖ ୧୩ ଆଖଡ଼ାର ସାଧୁ ଏବଂ ମହନ୍ତଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିଛି । ତେବେ ଏଠାକୁ ଆସୁଥିବା ସାଧୁ ଓ ସନ୍ନ୍ୟାସୀଙ୍କ ଆଶ୍ଚର୍ଯ୍ୟଜନକ ରୂପ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ସବୁଠୁ ଅଧିକ ଆକର୍ଷଣୀୟ ହୋଇଛି ।

ପ୍ରତିରକ୍ଷା ମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରୟାଗରାଜରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଥିଲା । ସହରରେ କୌଣସି ସ୍ତରରେ ଶୋଭାଯାତ୍ରା କିମ୍ବା ବିକ୍ଷୋଭ କରାଯିବା ଉପରେ ପୁଲିସ ରୋକ୍ ଲଗାଇଥିଲା ବେଳେ ଡ୍ରୋନ ଉଡାଣ ଉପରେ ମଧ୍ୟ ବ୍ୟାନ୍



ଘୋଷଣା କରିଥିଲା । ତ୍ରିବେଣୀ ସଙ୍ଗମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ବୁଡ଼ ପକାଇବା ପରେ ମହାକୁମ୍ଭକୁ ଭାରତୀୟତାର ଏକ ଶ୍ରେଷ୍ଠ ପ୍ରଦର୍ଶନ ବୋଲି କହିଥିଲେ । ଆଗାମୀ ଦିନରେ ଦେଶ ବିଦେଶରୁ ଏହି ମେଳାକୁ ଆହୁରି ଶ୍ରଦ୍ଧାଳୁଙ୍କ ଆଗମନ ହେବାକୁ ଥିବାରୁ ଏହା ଭାରତୀୟ ଏବଂ ବିଦେଶୀ ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାବୋଧକୁ ନେଇ ଆହୁରି ଉତ୍ସାହ ଆଣିବ ବୋଲି ସେ କହିଥିଲେ ।

# କୁମ୍ଭାଶ୍ଚର୍ଯ୍ୟ... ଚର୍ଚ୍ଚାରେ ‘ଗୋଲଡେନ୍ ବାବା’, ‘ଚାଏ ୱାଲା ବାବା’

ମହାକୁମ୍ଭରେ ପୂର୍ବରୁ ଆଇଆଇଟି ବାବା, ମସ୍କୁଲାର ବାବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆକର୍ଷଣ ସୃଷ୍ଟି କରିଥିଲା ବେଳେ ଏବେ ସବୁଠୁ ଚର୍ଚ୍ଚାରେ ରହିଛନ୍ତି ଗୋଲଡେନ୍ ବାବା ଏବଂ ‘ ଚାୟ ୱାଲା ବାବା’ । ଗୋଲ୍ଡେନ ବାବାଙ୍କ ପ୍ରକୃତ ନାମ ହେଉଛି ଏସ୍ କେ ନାରାୟଣ ଗିରି ଜୀ ମହାରାଜ । ଯିଏ ମୂଳତଃ କେରଳରୁ ଆସିଛନ୍ତି । ବର୍ତ୍ତମାନ ସେ ଦିଲ୍ଲୀରେ ରୁହିବା ସହିତ ନିରଞ୍ଜନୀ ଆଖଡ଼ା ସହିତ ଜଡିତ ରହିଛନ୍ତି। କିନ୍ତୁ ସେ ମହାକୁମ୍ଭର ସବୁଠୁ ଦାମୀ ବାବା ଭାବେ ପରିଚିତି ଲାଭ କରିଛନ୍ତି ।ସେ ନିଜ ଶରୀରରେ କୋଟି କୋଟି ଟଙ୍କାର ସୁନା ଅଳଙ୍କାର ଧାରଣ କରି ଅଧିକ ଚର୍ଚ୍ଚିତ ହୋଇପଡ଼ିଛନ୍ତି। ଏଥିପାଇଁ ସେ ଗୋଲଡେନ୍ ବାବା ନାମରେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛନ୍ତି। ସେ ପ୍ରାୟ ୪ କିଲୋଗ୍ରାମ ଓଜନର ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧି ଥିଲା ବେଳେ ଏହାର ମୂଲ୍ୟ ପାଖାପାଖି ୬ କୋଟି ଟଙ୍କା ହେବ । ବାବା ପ୍ରତ୍ୟେକ ଅଙ୍ଗରେ ଭିନ୍ନ ଭିନ୍ନ ଅଳଙ୍କାର ଧାରଣ କରିଥିଲା ବେଳେ ଏହାର ଚମକ ଶ୍ରଦ୍ଧାଳୁମାନଙ୍କୁ ବେଶ ଆକର୍ଷିତ କରିଛି । ହାତରେ ସୁନା ମୁଦି, କଙ୍କଣ, ଘଣ୍ଟା ଏବଂ ଏକ ସୁନାର ବାଡି ମଧ୍ୟ ଅଛି । ବାଡ଼ିରେ ଦେବା-ଦେବୀଙ୍କ ଲକେଟ୍ ମଧ୍ୟ ରହିଛି । ୬୭ ବର୍ଷୀୟ ଗୋଲଡେନ୍ ବାବା ରବିନ୍ଦ୍ର ପୁରୀ ମହାରାଜଙ୍କଠାରୁ ଦୀକ୍ଷା ଗ୍ରହଣ କରି ନିରଞ୍ଜନୀ ଆଖଡ଼ା ସହ ଜଡ଼ିତ ରହିଛନ୍ତି । ସେ ଶିକ୍ଷା କ୍ଷେତ୍ରରେ ମଧ୍ୟ କାମ କରୁଛନ୍ତି । ଧର୍ମ ଏବଂ ଶିକ୍ଷାକୁ ନେଇ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିହେବ ବୋଲି ସେ କୁହନ୍ତି ।

ଗୋଲ୍ଡେନ ବାବାଙ୍କ ଭଳି ‘ ଚାଏୱାଲା ବାବା’ ଭାବେ ପରିଚିତ ଆଉ ଜଣେ ବାବା ମଧ୍ୟ ମହାକୁମ୍ଭରେ ବେଶ ଚର୍ଚ୍ଚାରେ ରହିଛନ୍ତି । ଏହି ଚାଏୱାଲା ବାବା’ଙ୍କ ଅସଲି ନାମ ହେଉଛି ଦୀନେଶ ସ୍ୱରୂପ ବ୍ରହ୍ମଚାରୀ । ସେ ‘ ନିରବ ବାବା’ ନାମରେ ମଧ୍ୟ ପରିଚିତ । ଦୀନେଶ ସ୍ୱରୂପ ମହାରାଜ ଏକଦା ଚା’ ବିକ୍ରି କରୁଥିଲା ବେଳେ ଦିନକୁ





କେବଳ ୧୦ କପ୍ ଚାପ ପି’ ହିଁ ଜୀବନଧାରଣ କରିଥାଆନ୍ତି । କୌଣସି ସମୟରେ ସେ କିଛି କଠିନ ଖାଦ୍ୟ ଖାଆନ୍ତି ନାହିଁ। କିନ୍ତୁ ସଦା ସର୍ବଦା ନିରବ ରହୁଥିବାରୁ ତାଙ୍କୁ ‘ ସାଇଲେନ୍ସ ବାବା’ ମଧ୍ୟ କୁହାଯାଏ । ତେବେ ସବୁଠୁ ବଡ଼ କଥା ହେଲା ସେ ବିଗତ ୪୦ ବର୍ଷ ଧରି ଆଇଏଏସ୍ ଆଶାୟୀଙ୍କୁ ଦିଗ୍‌ଦର୍ଶନ ଦେଇ ଆସିଛନ୍ତି। ସେ କଥା କହୁ ନଥିଲେ ମଧ୍ୟ ନିଜର ଭାବ ପ୍ରକାଶ ଏବଂ ହ୍ୱାଟସ୍‌ଆପ୍ ମାଧ୍ୟମରେ ଶିକ୍ଷାର୍ଥୀଙ୍କୁ ନାନା ଦିଗରେ ସଫଳତା ହାସଲ ପାଇଁ ପ୍ରେରଣା ଦେଇଥାଆନ୍ତି।

# ବିଜେପିରେ ଛକାପଞ୍ଝା

## ବିଳମ୍ବିତ ହେବ ରାଜ୍ୟ ସଭାପତି ନିର୍ବାଚନ!

ଭୁବନେଶ୍ୱର,୧୮।୧(ସମିସ): ଯେତେ ଢାଙ୍କିବାକୁ ଚେଷ୍ଟା କଲେ ମଧ୍ୟ ରାଜ୍ୟ ବିଜେପିରେ ଗୋଷ୍ଠୀକନ୍ଦଳ ଲୁଚୁନାହିଁ। ପ୍ରଭାବ ବିସ୍ତାର ପାଇଁ ଦୁଇ ପ୍ରମୁଖ ଗୋଷ୍ଠୀଙ୍କ ମଧ୍ୟରେ ଶୀତଳ ଯୁଦ୍ଧ, ଛକାପଞ୍ଝା ବାହାରକୁ ଜଳଜଳ ଦିଶୁଛି। ଶୀର୍ଷସ୍ତରରେ ଏହି ଗୋଷ୍ଠୀକନ୍ଦଳ ଜିଲ୍ଲା, ମଣ୍ଡଳସ୍ତରୀୟ ରାଜନୀତିକୁ ପ୍ରଭାବିତ କରିଥିବା ବେଳେ ଏହା ଏବେ ନେତୃତ୍ୱଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କଲାଣି। ବାରମ୍ବାର ତାରିଖ ଗଡ଼ିବା ସତ୍ତ୍ୱେ ବିଜେପି ପକ୍ଷରୁ ଏଯାବତ୍ ସବୁଆଡ଼େ ମଣ୍ଡଳ ସଭାପତି ନିଯୁକ୍ତ କରାଯାଇ ପାରିଲା ନାହିଁ। ସେହିପରି ୧୭ ତାରିଖ ସୁଦ୍ଧା ଜିଲ୍ଲା ସଭାପତି ନିଯୁକ୍ତ କରିବାକୁ ତାରିଖ ଧାର୍ଯ୍ୟ ହୋଇଥିଲେ ହେଁ ୩୬ ସାଂଗଠନିକ ଜିଲ୍ଲାରେ ଜଣେ ହେଲେ ସଭାପତି ନିଯୁକ୍ତ ହୋଇପାରିନାହାନ୍ତି। ତୃଣମୂଳ ସ୍ତରରେ ସାଂଗଠନିକ ନିର୍ବାଚନ ବିଳମ୍ବ ହେବା କାରଣରୁ ଏହାର ସିଧାସଳଖ ପ୍ରଭାବ ରାଜ୍ୟ ବିଜେପି ସଭାପତି ଚୟନ, ବିଭିନ୍ନ ନିଗମ ଏବଂ ବୋର୍ଡ ନିଯୁକ୍ତିକୁ ମଧ୍ୟ ପ୍ରଭାବିତ କରୁଛି। ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ସଫଳତା ପାଇଥିବା ଏହି ଜାତୀୟ ଦଳରେ କ୍ଷମତା ଲଢ଼େଇ ଏବେ ରାଜ୍ୟ ରାଜନୀତିକୁ ବେଶ୍ ସରଗରମ୍ କରିଛି।

ପ୍ରଥମେ ଚଳିତ ମାସ ୧୫ ତାରିଖ ମଧ୍ୟରେ ରାଜ୍ୟକୁ ନୂଆ ବିଜେପି ମୁଖିଆ ମିଳିବ ବୋଲି କହିଥିଲେ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର। ଏହାପରେ ଏହି ତାରିଖକୁ ଆସନ୍ତା ୨୫ ତାରିଖକୁ ଘୁଞ୍ଚାଇ ଦିଆଗଲା। ଏପରିକି, ୧୭ ତାରିଖ ସୁଦ୍ଧା ରାଜ୍ୟରେ ଦଳର ସମସ୍ତ ୩୭ଟି ସାଂଗଠନିକ ଜିଲ୍ଲାରେ ସଭାପତି ନିଯୁକ୍ତ ହେବେ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦମ୍ଭୋକ୍ତି ପ୍ରକାଶ

**୧୫ ତାରିଖ ମଧ୍ୟରେ ଜିଲ୍ଲା ସଭାପତି ଚୟନ ନୋହିଲା**

**ଶୀର୍ଷ ନେତୃତ୍ୱଙ୍କ ଫତୁଆ, ଗଣମାଧ୍ୟମ ଆଗରେ ମୁହଁ ଖୋଲନି**

କରିଥିଲେ। ମାତ୍ର ବିଜେପି ମଧ୍ୟରେ ଚାଲିଥିବା ଅନ୍ତଃକନ୍ଦଳ କାରଣରୁ ନିର୍ବାଚନ ପ୍ରକ୍ରିୟା ସଂପନ୍ନ ହୋଇପାରୁନାହିଁ।

ରାଜନୈତିକ ମହଲରେ ହେଉଥିବା ଚର୍ଚ୍ଚା ଅନୁସାରେ, ଗୋଟିଏ ଗୋଷ୍ଠୀ ବର୍ତ୍ତମାନର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସମର୍ଥନ କରୁଥିବାବେଳେ ଅପର ଗୋଷ୍ଠୀଟି ସେମାନଙ୍କ କ୍ୟାମ୍ପରୁ ଜଣେ ରାଜ୍ୟ ଦାୟିତ୍ୱ ତୁଲାନ୍ତୁ ବୋଲି ଜିଦ୍ ଧରି ବସିଛନ୍ତି। ଖାଲି ରାଜ୍ୟ ସଭାପତି ନୁହେଁ; ଜିଲ୍ଲା ସଭାପତି ନିର୍ବାଚନରେ ମଧ୍ୟ ଉଭୟ ଗୋଷ୍ଠୀ ନିଜ ନିଜ ପସନ୍ଦର ନେତାଙ୍କୁ ସଭାପତି ପଦରେ ଆସୀନ କରିବାକୁ ଗୋଟିଚାଳନା କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି।

ସଂଗଠନରେ ନିଜର ଦବ୍‌ଦବା ପାଇଁ ଦୁଇ ଗୋଷ୍ଠୀ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ବେଳେ ତୃଣମୂଳସ୍ତରରେ କର୍ମୀ ମଧ୍ୟ ବର୍ତ୍ତମାନ ଦୁଇ ଦଳରେ ବିଭକ୍ତ ହୋଇଛନ୍ତି। ଫଳସ୍ୱରୂପ ସହମତି ଭିତ୍ତିରେ ଜିଲ୍ଲା ସଭାପତି ଚୟନ ହୋଇପାରୁ ନଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଅପରପକ୍ଷେ ଦଳରେ ଚାଲିଥିବା ଏପରି ଛକାପଞ୍ଝାକୁ ନେଇ ଖୁବ୍ ଚିନ୍ତିତ ଏବଂ ଅସନ୍ତୁଷ୍ଟ ଅଛନ୍ତି ଦଳର ଜାତୀୟ ନେତୃତ୍ୱ। ଗତ ୧୪ ତାରିଖରେ ବିଜେପିର କୋର୍ କମିଟି ସହ ରାଜ୍ୟ ବିଜେପିର ୩-୪ ଜଣ ନେତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ବେଳେ ଏନେଇ ବ୍ୟାପକ ଭାବେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଦଳ ଭିତରେ ଅସନ୍ତୋଷ ଏତେ ଉଗ୍ର ହେଲାଣି ଯେ ଆଗକୁ ଏହା ସଂଗଠନ ପାଇଁ ବିପଦ ସୃଷ୍ଟି କରିପାରେ। ଏଭଳି ଆଶଙ୍କାକୁ ଆଖି ଆଗରେ ରଖି ରାଜ୍ୟ ନେତାମାନଙ୍କୁ ତାଗିଦ କରିଛନ୍ତି ହାଇକମାଣ୍ଡ। ଗଣମାଧ୍ୟମ ଆଗରେ ଏନେଇ ଆଦୌ ମୁହଁ ନ ଖୋଲିବାକୁ ଶୀର୍ଷ ନେତୃତ୍ୱ ଫତୁଆ ଜାରି କରିଥିବା ଜଣାପଡ଼ିଛି। ତେବେ ଫତୁଆକୁ ମାନି ଦଳର ରାଜ୍ୟସ୍ତରୀୟ ନେତା ସାଂଗଠନିକ ନିର୍ବାଚନ, ନିଗମ, ବୋର୍ଡ ନିଯୁକ୍ତିକୁ ନେଇ ମୁହଁ ଖୋଲୁ ନଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଥିବା ଅସନ୍ତୋଷ ଜଳଜଳ ଜଣାପଡୁଛି। ଇତିମଧ୍ୟରେ ରାଜ୍ୟ ସଭାପତି ମନମୋହନ ସାମଲ ଦିଲ୍ଲୀରେ କେନ୍ଦ୍ରୀୟ ନେତାମାନଙ୍କ ସହ ଆଲୋଚନା କରି ଆଜି ଭୁବନେଶ୍ୱର ଫେରି ଆସିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୫ ତାରିଖ ସୁଦ୍ଧା ରାଜ୍ୟ ବିଜେପିକୁ ନୂଆ ମଙ୍ଗୁଆଳ ମିଳି ନପାରନ୍ତି। ରାଜ୍ୟରେ ସାଂଗଠନିକ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ପାଇଥିବା ସାଂସଦ ସଞ୍ଜୟ ଜୟସ୍ୱାଲ ମଧ୍ୟ ଏଯାବତ୍ ଓଡ଼ିଶା ଆସିନାହାନ୍ତି। ତେଣୁ ଆସନ୍ତା ଫେବୃଆରୀ ମାସ ଯାଏଁ ନିର୍ବାଚନ ଗଡ଼ିଯାଇପାରେ ବୋଲି ରାଜନୈତିକ ବିଶେଷଜ୍ଞ ଅନୁମାନ କରୁଛନ୍ତି। ଅନ୍ୟପକ୍ଷରେ ସାଂଗଠନିକ ନିର୍ବାଚନକୁ ନେଇ ଦଳ ମଧ୍ୟରେ ଏତେ ଟଣାଓଟରା ଥିବା ବେଳେ ଆଗାମୀ ଦିନରେ ନିଗମ, ବୋର୍ଡରେ ଅଧ୍ୟକ୍ଷ, ଉପଦେଷ୍ଟା ଓ ସଦସ୍ୟ ପଦ ନିଯୁକ୍ତିରେ ଗୋଷ୍ଠୀକନ୍ଦଳ ଆହୁରି ତୀବ୍ର ହୋଇପାରେ ବୋଲି କର୍ମୀମହଲରେ ଆଶଙ୍କା ପାଇଲାଣି। ତେବେ ପ୍ରଥମ ଥର ଲାଗି ରାଜ୍ୟରେ ନିଜ ଦମ୍‌ରେ କ୍ଷମତାକୁ ଆସିଥିବା ଦଳ ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ ବୋଲି ମତ ଦେଇଛନ୍ତି ରାଜନୈତିକ ବିଶେଷଜ୍ଞ।

# ବିଜେପି ଛାଡ଼ି ବିଜେଡିରେ ସାମିଲ ହେଲେ ହିଞ୍ଜିଳିର ଶତାଧିକ ନେତା ଓ କର୍ମୀ



ଭୁବନେଶ୍ୱର, ୧୮।୧(ସମିସ): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ହିଞ୍ଜିଳି ନିର୍ବାଚନମଣ୍ଡଳୀର ବୁରୁପଡ଼ା ସରପଞ୍ଚ ସନ୍ତୋଷିନୀ ବେହେରାଙ୍କ ସମେତ ନାଏବ ସରପଞ୍ଚ, ୱାର୍ଡମେମ୍ବର ଓ ଶତାଧିକ ବିଜେପି କର୍ମୀ ଆଜି ଶଙ୍ଖଭବନଠାରେ ବିଜୁ ଜନତା ଦଳର କ୍ରିୟାନ୍ୱୟନ ଓ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଶ୍ରୀ ମିଶ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବିଜୁ ଜନତା ଦଳର କାର୍ଯ୍ୟକ୍ରମ ରୂପାୟନ କମିଟି ଆବାହକ ସଞ୍ଜୟ ଦାସବର୍ମା, ସଭ୍ୟ ସଂଗ୍ରହ ଅଭିଯାନ ଆବାହକ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ମିଡିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି, ଡଃ ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ।

ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ସରପଞ୍ଚ ସନ୍ତୋଷିନୀ ବେହେରା ନିଜ ପ୍ରତିକ୍ରିୟାରେ କହିଛନ୍ତି, ଗତ ୭ ମାସ ହେଲା ବିଜେପି ପଞ୍ଚାୟତ ସ୍ତରରେ କିଛି ଉନ୍ନତିମୂଳକ କାର୍ଯ୍ୟ କରୁନାହାନ୍ତି। ଯାହା କହିଥିଲେ ତା'ର ଓଲଟା କାମ କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ବିଜୁ ଜନତା ଦଳରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେବା ପରେ ଆଜି ନବୀନ ନିବାସରେ ବିଜେଡି ସୁପ୍ରିମୋଙ୍କୁ ଦେଖା କଲୁ। ଲୋକଙ୍କ ପାଇଁ କାମ କରିବା ଲାଗି ଶ୍ରୀ ପଟ୍ଟନାୟକ ଆମକୁ ପରାମର୍ଶ ଦେଲେ। ବିଜୁ ଜନତା ଦଳରେ ସାମିଲ ହୋଇ ଆମେ ବହୁତ ଖୁସି ଅନୁଭବ କରୁଛୁ ବୋଲି ଶ୍ରୀମତୀ ବେହେରା କହିଥିଲେ।

ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ନାଏବ ସରପଞ୍ଚ ରଞ୍ଜନ ସ୍ୱାଇଁ, ୱାର୍ଡମେମ୍ବର ସର୍ବଶ୍ରୀ ପୁନମ୍ ପାଲୋ, ଉମାରାଣୀ ପୋଲାଇ, ଜୟନ୍ତୀ ସାହୁ, ଅଭିମନ୍ୟୁ ଖାଟୋଇ, ଶରତ ଚନ୍ଦ୍ର ପଣ୍ଡା, ରିଙ୍କି ମୁନି, ଗଣେଶ ସେଠୀ, ପାଣ୍ଡି ପ୍ରଧାନ, ନିର୍ମଳ ବେହେରା ପ୍ରମୁଖ ବିଜେଡିରେ ସାମିଲ୍ ହୋଇ ଦଳର ସଭାପତି ଶ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ।

# ଅକ୍ଷୟ ଶକ୍ତି ଉତ୍ପାଦନମୁହାଁ ଓଡ଼ିଶା

ଭୁବନେଶ୍ୱର,୧୮।୧(ସମିସ): ରାଜ୍ୟରେ ଅକ୍ଷୟ ଶକ୍ତି ବିଶେଷକରି ସୌର ଶକ୍ତି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି। ବିଶେଷକରି ଓଡ଼ିଶାର ଭୌଗଳିକ ସ୍ଥିତି ଏ କ୍ଷେତ୍ରରେ ସମ୍ଭାବନାକୁ ବହୁଗୁଣିତ କରିଥିବା ବେଳେ ବିଦାୟୀ ସରକାରଙ୍କ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ମଧ୍ୟ ପ୍ରଭାବଶାଳୀ ପରିଲକ୍ଷିତ ହେଉଛି। ଏକ ଘରୋଇ ସଂସ୍ଥାର ଗବେଷଣା ରିପୋର୍ଟ ଅନୁଯାୟୀ ରାଜ୍ୟର ମୋଟ ୨୦୦ ଗିଗାୱାଟ ସୌର ଶକ୍ତି ଉତ୍ପାଦନ କ୍ଷମତା ରହିଛି। ଏଥିରୁ କେବଳ ୩୩.୫ ଗିଗାୱାଟ ଭାସମାନ ସୌର ପ୍ରକଳ୍ପରୁ ଉତ୍ପାଦନ ହୋଇପାରିବ ବୋଲି ଜଣାପଡ଼ିଛି। ଏହାକୁ ନଜରରେ ରଖି ରାଜ୍ୟ ସରକାର ଭାସମାନ ସୌର ପ୍ରକଳ୍ପ ପାଇଁ ଥିବା ଗାଇଡାଲାଇନରେ ଆବଶ୍ୟକୀୟ ସଂଶୋଧନ ମଧ୍ୟ କରୁଛନ୍ତି।

ଓଡ଼ିଶା ୨୦୩୦ ମସିହା ସୁଦ୍ଧା ମୋଟ ୧୦.୯୫ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖିଥିଲା ବେଳେ ଏଥିରେ ସିଂହଭାଗ ଭୂମିକା ସୌରଶକ୍ତିର ରହିବ। ବିଭିନ୍ନ ସୌର ପ୍ରକଳ୍ପ ମାଧ୍ୟମରେ ୭.୫ ଗିଗାୱାଟ ଶକ୍ତି ଉତ୍ପାଦନ କରିବାକୁ ବୃହତ୍ ଲକ୍ଷ୍ୟ ରଖାଯାଇଛି। ଏଥିରେ ଭାସମାନ ସୌର ପ୍ରକଳ୍ପର ପ୍ରମୁଖ ଭୂମିକା ରହିଛି। ଭାରତୀୟ ମହାକାଶ ବିଜ୍ଞାନ ଗବେଷଣା ସଂସ୍ଥା(ଇସ୍ରୋ)ର ଏନ୍ଆର୍ଏସ୍‌ସି ସର୍ଭେ ଅନୁସାରେ, ରାଜ୍ୟରେ ପ୍ରାୟ ୬୭୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ

**୨୦୩୦ ମସିହା ସୁଦ୍ଧା ୭.୫ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ**

**ଭାସମାନ ସୌର ପ୍ରକଳ୍ପରୁ ଉତ୍ପାଦନ ହୋଇପାରିବ ୩୩.୫ ଗିଗାୱାଟ୍ ଶକ୍ତି**

**୫୧ଟି ମଧ୍ୟମ ଜଳଭଣ୍ଡାରରେ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚାଲିଛି ଫିଜିବିଲିଟି ସର୍ଭେ**

ଛୋଟବଡ଼କୁ ମିଶାଇ ମୋଟ ୭୪୪୪ଟି ଜଳଭଣ୍ଡାର, ହ୍ରଦ ଓ ପୁଷ୍କରିଣୀ ରହିଛି। ଏହାକୁ ସଠିକ୍ ଭାବେ ଉପଯୋଗ କରାଯାଇ ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଗଲେ ଓଡ଼ିଶାରେ ୩୩.୫ ଗିଗାୱାଟ୍ ସୌର ଶକ୍ତି ଉତ୍ପାଦନ ହୋଇପାରିବ। ବିଶେଷକରି କୋରାପୁଟ, ବଲାଙ୍ଗିର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ମାଲକାନଗିରି, ରାୟଗଡ଼ା ଓ କେନ୍ଦୁଝର ଜିଲ୍ଲାରେ ଭାସମାନ ସୌର ପ୍ରକଳ୍ପ ପାଇଁ ବେଶ୍ ସମ୍ଭାବନା ରହିଥିବା ଜଣାପଡ଼ିଛି। ଏ ଧରଣର ପ୍ରକଳ୍ପ ପାଇଁ ଏକ ଜଳଭଣ୍ଡାର କମିଟି ଗଠନ କରାଯାଇଥିବା ବେଳେ ଏହା ପ୍ରକଳ୍ପ ସ୍ଥାନ ଚିହ୍ନଟ ଏବଂ ସ୍ଥାପନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କମିଟି ପ୍ରାଥମିକ ଭାବେ ହୀରାକୁଦ, ରେଙ୍ଗାଲି, ଇନ୍ଦ୍ରାବତୀ ଜଳଭଣ୍ଡାରରେ ଭାସମାନ ସୌର ପ୍ରକଳ୍ପ ପାଇଁ ଜିଆଇଏସ୍ ମ୍ୟାପିଂ ଚୂଡ଼ାନ୍ତ କରିଥିବା ବେଳେ ଏଠାରେ ପ୍ରକଳ୍ପ ସ୍ଥାପନ କାର୍ଯ୍ୟ ଜାରି ରହିଛି। ଇତିମଧ୍ୟରେ ରାଜ୍ୟର ୫୧ଟି ମଧ୍ୟମ ଜଳଭଣ୍ଡାରରେ ପ୍ରକଳ୍ପ ସ୍ଥାପନ ପାଇଁ ଫିଜିବିଲିଟି ସର୍ଭେ କରିବାକୁ ପରାମର୍ଶଦାତା ନିଯୁକ୍ତ ମଧ୍ୟ ହୋଇଛନ୍ତି। ସେହିପରି ଆଗାମୀ ଦିନରେ ରାଜ୍ୟର ବୃହତ୍ ଜଳଭଣ୍ଡାରରୁ ୧୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଭାସମାନ ସୌର ପ୍ରକଳ୍ପ ସ୍ଥାପନ ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି। ରାଜ୍ୟ ସରକାରଙ୍କ ଅକ୍ଷୟ ଶକ୍ତି ନୀତି- ୨୦୨୨ ସହ ସୌର ପ୍ଲାଣ୍ଟ ଏବଂ ସୌର ଉତ୍ପାଦନ କ୍ଷେତ୍ରରେ ଦିଆଯାଉଥିବା ପ୍ରୋତ୍ସାହନ ରାଶି ଏକ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଥିବା କୁହାଯାଉଛି। ରାଜ୍ୟରେ ସୌରଶକ୍ତି ଉତ୍ପାଦନ ପାଇଁ ବ୍ୟାପକ ସୁଯୋଗ ଏବଂ ସମ୍ଭାବନା ରହିଛି।

# ହଂସିତାଙ୍କୁ ମିଳିଲାନି ଅନ୍ତରୀଣ ଜାମିନ

ଭୁବନେଶ୍ୱର,୧୮।୧(ସମିସ): ପ୍ରଭାବଶାଳୀ ଲୋକଙ୍କ ସହ ସଂପର୍କ ଥିବାର ମିଛ ପ୍ରମାଣ ଦେଖାଇ ବିଭିନ୍ନ ଉପାୟରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକିଥିବା ଅଭିଯୋଗରେ ଗିରଫ ହୋଇଥିବା ହଂସିତା ଅଭିଲିପ୍ସାଙ୍କୁ ଅଦାଲତ ଅନ୍ତରୀଣ ଜାମିନ୍ ଦେଇ ନାହାନ୍ତି। ଅନିଲ ମହାନ୍ତି ଓ ହଂସିତାଙ୍କ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୧ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସ୍ୱାମୀ ସରୋଜ ସାହୁଙ୍କ ସ୍ୱାସ୍ଥ୍ୟ ଖରାପ ଦର୍ଶାଇ ହଂସିତା ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ହେଲେ କୋର୍ଟରେ ହଂସିତା ଦାଖଲ କରିଥିବା ଦସ୍ତାବିଜ୍‌ରେ ୨ ଜଣ ସ୍ୱାମୀ ଦର୍ଶାଇଛନ୍ତି। ତେଣୁ ହଂସିତାଙ୍କ ପ୍ରକୃତ ସ୍ୱାମୀ କିଏ, ତାହାକୁ ନେଇ ଦ୍ୱନ୍ଦ ବଢୁଥିବାରୁ ସମସ୍ତ ଦସ୍ତାବିଜ ଦାଖଲ ପାଇଁ ସମୟ ମଗାଯାଇଥିବା ସରକାରୀ ଓକିଲ ସଲିଲ ପ୍ରଧାନ କହିଛନ୍ତି। ସବୁଠୁ ବଡ଼କଥା ହେଲା, ହଂସିତାଙ୍କ ବିରୋଧରେ ଆଇଟିପିଏ ଆକ୍ଟର ସେକ୍ସନ ୫ ମଧ୍ୟ ଲଗାଯାଇଛି। ଯାହାକୁ ନେଇ ତଦନ୍ତର ନୂଆ ନୂଆ ଦିଗ ସାମ୍ନାକୁ ଆସୁଛି।

# ଚିଲିକାରେ ୧୧ ଲକ୍ଷ ୨୭ ହଜାର ୨୨୮ ପକ୍ଷୀ

ଖୋର୍ଦ୍ଧା/ବାଲୁଗାଁ, ୧୮।୧(ସମିସ): ଚଳିତବର୍ଷ ଚିଲିକାରେ ମୋଟ ୧୯୬ ପ୍ରଜାତିର ୧୧ଲକ୍ଷ ୨୭ହଜାର ୨୨୮ ପକ୍ଷୀଙ୍କ ସମାଗମ ହୋଇଛି। ସେଥିମଧ୍ୟରୁ ୧୦୯ ପ୍ରଜାତିର ୧୦ ଲକ୍ଷ ୮୭ ହଜାର ୨୨୬ଟି ବିଦେଶାଗତ ପକ୍ଷୀ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ୮୭ ପ୍ରଜାତିର ୪୦ହଜାର ୨ଟି ପକ୍ଷୀ ରହିଛନ୍ତି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ମିଳିତ ଆନୁକୂଲ୍ୟରେ ହୋଇଥିବା ପକ୍ଷୀଗଣନାରୁ ଏଭଳି ତଥ୍ୟ ମିଳିଛି।

ସୂଚନାନୁଯାୟୀ, ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଥିବା ବେଳେ ପ୍ରଜାତି ସଂଖ୍ୟାରେ ବୃଦ୍ଧି ହୋଇଛି। ଗତବର୍ଷ ଚିଲିକାକୁ ୧୮୭ ପ୍ରଜାତିର ୧୧ ଲକ୍ଷ ୩୭ହଜାର ୭୫୯ ପକ୍ଷୀ ଆସିଥିଲେ। ତନ୍ମଧ୍ୟରୁ ୧୦୮ ପ୍ରଜାତିର ୧୦ ଲକ୍ଷ ୯୮ହଜାର ୮୧୩ଟି ବିଦେଶୀ ପକ୍ଷୀ ଏବଂ ୭୯ ପ୍ରଜାତିର ୩୮ ହଜାର ୯ ଶହ ୪୬ଟି ସ୍ଥାନୀୟ ପକ୍ଷୀ ସାମିଲ ଥିଲେ। ଗତବର୍ଷ ତୁଳନାରେ ଚଳିତ ବର୍ଷ ୯ ପ୍ରଜାତିର ପକ୍ଷୀ ବୃଦ୍ଧି ପାଇଥିବା ବେଳେ ୧୦, ୫୩୧ଟି ପକ୍ଷୀ କମିଛନ୍ତି। ସେହିପରି ଚଳିତ ବର୍ଷ ସର୍ବାଧିକ ପକ୍ଷୀ ବାଲୁଗାଁ ରେଞ୍ଜ ଅଞ୍ଚଳରେ ଦେଖାଯାଇଥିବା ବେଳେ ପକ୍ଷୀ ଅଭୟାରଣ୍ୟ ନଳବଣରେ ମୋଟ ୯୨ ପ୍ରଜାତିର ୩ ଲକ୍ଷ ୪୩ ହଜାର ୨୨୬ଟି

**ବଢ଼ିଛନ୍ତି ପ୍ରଜାତି, କମିଛି ସଂଖ୍ୟା**

**ଅଧିକ ସଂଖ୍ୟାରେ ଆସିଛନ୍ତି ଫ୍ଲେମିଙ୍ଗୋ**



ପକ୍ଷୀଙ୍କ ଆଗମନ ହୋଇଛି। ପୂର୍ବବର୍ଷ ନଳବଣରେ ୩ ଲକ୍ଷ ୪୭ ହଜାର ୨୮୦ଟି ପକ୍ଷୀ ଆସିଥିଲେ। ଚଳିତବର୍ଷ ୪ ହଜାର ୫୪ଟି ହ୍ରାସ ପାଇଛି। ତେବେ ନଳବଣରେ ସର୍ବାଧିକ ପକ୍ଷୀ ଦେଖାଯାଇଛି।

ଚଳିତ ବର୍ଷ ସର୍ବାଧିକ ସଂଖ୍ୟାରେ ଗଡ଼ୱାଲ ୨ ଲକ୍ଷ ୧ ହଜାର ୯୨୬, ନର୍ଦନ ପିନ୍‌ଟେଲ୍ ୧ ଲକ୍ଷ ୯୩ ହଜାର ୩୯୪ଟି, ୟୁରାସିଆନ କ୍ୟୁଜ୍‌ୟନ ୧ ଲକ୍ଷ ୫୪ ହଜାର ୯୩୭, ବ୍ଲାକଟେଲ ଗଡ଼ୱାଲ ୬୮ ହଜାର ୩୭୯, କମନ୍ କୁଟ୍ ୫୪ ହାଜର ୬୮୭ ଆସିଛନ୍ତି। ସେହିପରି ଚିଲିକାର ଶୋଭାମଣ୍ଡନ କରୁଥିବା ଫ୍ଲେମିଙ୍ଗୋ ପକ୍ଷୀ ଗତବର୍ଷ ୮୨୦ଟି ଆସିଥିବା ବେଳେ ଚଳିତବର୍ଷ ବୃଦ୍ଧି ପାଇ ୨ ହଜାର ୬୩୮ଟି ପକ୍ଷୀ ଆସିଥିବା ଗଣନାରୁ ଜଣାଯାଇଛି। ସୁଦୂର ସାଇବେରିଆ, କାଜାକିସ୍ଥାନ, ଋଷ, ଆମେରିକା, ଇରାନ୍, ଆଫଗାନିସ୍ଥାନ, ଲଦାଖ ସମେତ ହିମାଳୟ ଆଦି ଅଞ୍ଚଳରୁ ଗତ ବର୍ଷ ୧୮୭ ପ୍ରଜାତିର ବିଦେଶାଗତ ଲକ୍ଷଲକ୍ଷ ପକ୍ଷୀ ଆସିଥିବା ବେଳେ ଚଳିତ ବର୍ଷ ୧୯୬ ପ୍ରଜାତିର ପକ୍ଷୀ ଆସିଛନ୍ତି।

ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଟି ରେଞ୍ଜ ଯଥା ବାଲୁଗାଁ, ଚିଲିକା, ସାତପଡ଼ା, ରମ୍ଭା ଓ ଟାଙ୍ଗୀ ଅଞ୍ଚଳରେ ଏହି ପକ୍ଷୀ ଗଣନା କରାଯାଇଥିଲା।

## ତାପମାତ୍ରା

ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୭.୪ | ୧୩.୯ |
| ଚାନ୍ଦବାଲି | ୨୬.୪ | ୧୪.୪ |
| କଟକ | ୨୫.୨ | ୧୩.୦ |
| ପାରାଦୀପ | ୨୬.୮ | ୧୪.୨ |
| ଭୁବନେଶ୍ୱର | ୨୭.୩ | ୧୨.୩ |
| ଗୋପାଳପୁର | ୨୫.୪ | ୧୫.୩ |
| ପୁରୀ | ୨୭.୮ | ୧୬.୨ |
| ଅନୁଗୋଳ | ୨୬.୧ | ୧୦.୦ |
| ବାରିପଦା | ୨୬.୦ | ୧୩.୪ |
| ଝାରସୁଗୁଡ଼ା | ୨୮.୬ | ୯.୭ |
| କେନ୍ଦୁଝରଗଡ଼ | ୨୫.୪ | ୧୧.୨ |
| ସମ୍ବଲପୁର | ୨୯.୧ | ୧୩.୪ |
| ସୁନ୍ଦରଗଡ଼ | ୨୯.୪ | ୧୧.୦ |
| ହୀରାକୁଦ | ୨୮.୯ | ୧୩.୧ |
| ତାଳଚେର | ୨୮.୪ | ୧୩.୬ |
| ଭବାନୀପାଟଣା | ୨୭.୦ | ୧୧.୦ |
| ବଲାଙ୍ଗିର | ୨୭.୫ | ୧୨.୫ |
| କୋରାପୁଟ | ୨୬.୫ | ୧୧.୦ |
| ଫୁଲବାଣୀ | ୨୫.୭ | ୮.୦ |
| ଟିଟିଲାଗଡ଼ | ୨୭.୫ | ୧୪.୮ |
| ମାଲକାନଗିରି | ୩୦.୩ | ୧୪.୩ |
| ସୋନପୁର | ୨୭.୪ | ୧୩.୪ |
| ଦାରିଙ୍ଗବାଡ଼ି | ୨୫.୦ | ୮.୦ |
| ନୟାଗଡ଼ | - | ୧୨.୪ |
| ବୌଦ୍ଧ | ୨୭.୨ | ୧୪.୮ |
| ଛତ୍ରପୁର | ୨୭.୦ | ୧୫.୨ |
| ପାରଳାଖେମୁଣ୍ଡି | ୨୯.୨ | ୧୫.୦ |
| ରାୟଗଡ଼ା | ୨୭.୦ | ୧୩.୦ |
| ଭଦ୍ରକ | ୨୭.୫ | ୧୧.୫ |
| ଯାଜପୁର | ୨୭.୮ | ୧୪.୨ |
| ଢେଙ୍କାନାଳ | ୨୮.୦ | ୧୧.୪ |
| ବରଗଡ଼ | ୨୮.୫ | ୧୪.୦ |
| ଦେଓଗଡ଼ | ୨୮.୪ | ୧୪.୦ |
| ନୂଆପଡ଼ା | - | ୧୪.୪ |
| ନବରଙ୍ଗପୁର | ୨୭.୨ | ୧୧.୪ |
| ଖୋର୍ଦ୍ଧା | ୨୭.୫ | - |
| ଜଗତସିଂହପୁର | ୨୭.୫ | ୧୪.୦ |
| କେନ୍ଦ୍ରାପଡ଼ା | ୨୭.୮ | ୧୪.୮ |
| ରାଉରକେଲା | - | - |



# ବାହୁଡ଼ିଗଲେ ସିଙ୍ଗାପୁର ରାଷ୍ଟ୍ରପତି

ଭୁବନେଶ୍ୱର/ପୁରୀ, ୧୮।୧(ସମିସ): ଦୁଇ ଦିନିଆ ଓଡ଼ିଶା ଗସ୍ତ ସାରି ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ସନ୍ମୁଗରତ୍ନମ୍ ଶନିବାର ସନ୍ଧ୍ୟାରେ ସ୍ୱଦେଶ ଫେରିଛନ୍ତି। ପ୍ରଥମ ଦିନରେ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ସିଙ୍ଗାପୁର ସହ ଓଡ଼ିଶାର ୮ଟି ଗୁରୁତ୍ୱପୂର୍ଣ୍ଣ ଏମ୍ଓୟୁ ହୋଇଥିବା ବେଳେ ଆଜି ସେ ପୁରୀ ଜିଲ୍ଲାର କଳାଗ୍ରାମ ରଘୁରାଜପୁର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଥିଲେ। ସକାଳ ୯ଟାରେ ରାଷ୍ଟ୍ରପତି ରଘୁରାଜପୁରରେ ସସ୍ତ୍ରୀକ ପହଞ୍ଚିବା ପରେ ସେଠାରେ ତାଙ୍କୁ ପାରମ୍ପରିକ ଲୋକକଳା ଓ ଗୋଟିପୁଅ ନୃତ୍ୟ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। କଳାଗ୍ରାମ ପରିଦର୍ଶନ ଅବସରରେ ରାଷ୍ଟ୍ରପତି ଦମ୍ପତି ଲକ୍ଷାଧିକ ଟଙ୍କାର ପଟ୍ଟଚିତ୍ର କ୍ରୟ କରିଥିଲେ। ସଂଧ୍ୟାରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ରାଷ୍ଟ୍ରପତି ଦମ୍ପତିଙ୍କୁ ବିଦାୟ ଦେଇଥିଲେ। ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଏହି ଦୁଇଦିନିଆ ଗସ୍ତ ଅତ୍ୟନ୍ତ ସମ୍ମାନର ବିଷୟ ଏବଂ ଏହାର ପ୍ରଭାବ ଅତ୍ୟନ୍ତ ସୁଦୂରପ୍ରସାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମୁମୂର୍ଷୁ ଅବସ୍ଥାରେ ଜଙ୍ଗଲରୁ ଯୁବତୀ ଉଦ୍ଧାର ହେବା ଘଟଣା

# ପୀଡ଼ିତାଙ୍କ ଘରେ ବିଜେଡି ଟିମ୍

ବରଗଡ଼, ୧୮।୧(ସମିସ): ଧନୁଯାତ୍ରାରୁ ନିଖୋଜ ଜଣେ ଯୁବତୀ ୪୮ ଘଣ୍ଟା ପରେ ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହେବା ଘଟଣାରେ ଆଜି ବିଜେଡିର ଏକ ପ୍ରତିନିଧିଦଳ ବରଗଡ଼ସ୍ଥିତ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିବା ସହ ତଥ୍ୟ ଅନୁସନ୍ଧାନ କରିଛନ୍ତି।

**୨୧ରେ ୧୨ଘଣ୍ଟିଆ ବରଗଡ଼ ବନ୍ଦ ଡକରା ଦେଲା ଅଗ୍ରଗାମୀ ଯୁବକ ସଂଘ**



ଏଭଳି ଏକ ସ୍ପର୍ଶକାତର ଘଟଣାରେ ପୁଲିସ୍‌ର ନିଷ୍କ୍ରିୟତାକୁ ନେଇ ପ୍ରତିନିଧିଦଳ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ସରକାରଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରିଛନ୍ତି। ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପୁଲିସ୍ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟମ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଏହାସହ, ରାଜ୍ୟରେ ଆଇନଶୃଙ୍ଖଳା ପୂରା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦିଅନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା। ପରେ ପ୍ରତିନିଧିଦଳ ବରଗଡ଼ ଏସ୍‌ପିଙ୍କୁ ସାକ୍ଷାତ କରି ତୁରନ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି କରିଛନ୍ତି। ତୁରନ୍ତ ନ୍ୟାୟ ନ ମିଳିଲେ, ଆଗାମୀ ଦିନରେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ତେବେ ଏହି ଅବସରରେ ବରଗଡ଼ ଏସ୍‌ପି ପ୍ରହ୍ଲାଦ ମୀନା କହିଥିଲେ ଯେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ପୁଲିସ୍‌ର କିଛି ଟିମ୍ ଯାଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ।

ସୂଚନାଯୋଗ୍ୟ, ଏହି ପ୍ରତିନିଧିଦଳରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଆଇନଜୀବୀ ଅନୁପ ଶତପଥୀ ଓ ଜିଲ୍ଲା ପରିଷଦ ସଭ୍ୟାବୃନ୍ଦଙ୍କ ସମେତ ବହୁ ସ୍ଥାନୀୟ ବିଜେଡି ନେତା ସାମିଲ ଥିଲେ। ଅପରପକ୍ଷେ ଏହି ଘଟଣାରେ ଆଜି ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପକ୍ଷରୁ ମଙ୍ଗଳବାର ଦିନ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏକ ସର୍ବଦଳୀୟ ବୈଠକରେ ଆଜି ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବରଗଡ଼ ବାର୍ ଆସୋସିଏସନ୍ ସହ ବିଜୁ ଜନତା ଦଳ, ବରଗଡ଼ ଜିଲ୍ଲା କଂଗ୍ରେସ, ଆପ୍, ସଂଯୁକ୍ତ କୃଷକ ସଂଗଠନ, ଆମ୍ବେଦକର ଯୁବକ ସଙ୍ଘ, ଭୀମ ଆର୍ମି, ବରଗଡ଼ ନାଗରିକ କମିଟି, ସମ୍ବିଧାନ ସୁରକ୍ଷା ମଞ୍ଚ ଓ ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ବୈଠକରେ ପୁଲିସ୍‌ର ନିଷ୍କ୍ରିୟତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା।

# ଏସ୍‌ସିବିରେ ନକଲି ଭିନ୍ନକ୍ଷମ ସାର୍ଟିଫିକେଟ୍ ରାକେଟ୍ ସକ୍ରିୟ

## ରାଷ୍ଟ୍ରପତି କାର୍ଯ୍ୟାଳୟରୁ ଚିଠି ପରେ ତନାଘନା

କଟକ, ୧୮।୧(ସମିସ): କଟକ ବଡ଼ ଡାକ୍ତରଖାନାରେ ଶାରୀରିକ ଯାଞ୍ଚ କରାନଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଉଥିବା ରାଷ୍ଟ୍ରପତିଙ୍କୁ ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ ପାଇଁ ରାଷ୍ଟ୍ରପତି କାର୍ଯ୍ୟାଳୟରୁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଆସିବା ପରେ ତନାଘନା ଆରମ୍ଭ ହୋଇଛି। କଟକ ବଡ଼ ଡାକ୍ତରଖାନା ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ପିଡବ୍ଲୁଡି ବା ଭିନ୍ନକ୍ଷମ ପ୍ରମାଣପତ୍ର ଜାଲିଆତି କରାଯାଉଥିବା ଏବଂ ଏଥିପାଇଁ ରାକେଟ ସକ୍ରିୟ ଥିବା ନେଇ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ଏସ୍‌ସିବି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ଚିଠି କରି ଉତ୍ତର ରଖିବାକୁ କୁହାଯାଇଛି।

**୫ ପ୍ରତିଶତ ଭିନ୍ନକ୍ଷମଙ୍କୁ ୬୦ ପ୍ରତିଶତ ପ୍ରମାଣପତ୍ର**

**ଡିଏମ୍ଇଟି କରିବେ ଘଟଣାର ତଦନ୍ତ**

ସୂଚନାଥାଉକି, ୨୦୧୯ ମସିହାରେ ଗଞ୍ଜାମର ଜଣେ ଯୁବତୀ ଭିନ୍ନକ୍ଷମ କୋଟାରେ ଓପିଏସ୍‌ସି ପରିଚାଳନା କରୁଥିବା ଆସିଷ୍ଟାଣ୍ଟ ଏକଜ୍ୟୁକ୍ୟୁଟିଭ ଅଫିସର ପଦ ପାଇଁ ପରୀକ୍ଷା ଦେଇ ସେଥିରେ ଉତ୍ତୀର୍ଣ୍ଣ ହୋଇଥିଲେ। ହେଲେ ୨୦୨୦ ମସିହାରେ ପ୍ରମାଣପତ୍ର ଯାଞ୍ଚ ସମୟରେ ସମ୍ପୃକ୍ତ ଯୁବତୀଜଣକ ଭିନ୍ନକ୍ଷମ ନଥିବା ଓପିଏସସି କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ଏଥିପାଇଁ ଯୁବତୀଙ୍କୁ ଏସ୍ଏସ୍ଇପିଡି ବିଭାଗ ଅଧୀନରେ ଥିବା ମେଡ଼ିକାଲ ବୋର୍ଡକୁ ଯାଞ୍ଚ ପାଇଁ ପଠାଇଥିଲା। ଯୁବତୀଙ୍କ ଜନ୍ମସ୍ଥାନ ଗଞ୍ଜାମ ଜିଲ୍ଲା ହୋଇଥିବାରୁ ତାଙ୍କୁ ଯାଞ୍ଚ ପାଇଁ ଏମ୍‌କେସିଜି ମେଡ଼ିକାଲ କଲେଜ ପଠାଇବାର ଥିଲା। ହେଲେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ଯାଞ୍ଚ ପାଇଁ ପଠାଯିବାରୁ ଏଥିପାଇଁ ଏକ ରାକେଟ ସକ୍ରିୟ ଥିବା ନେଇ ସନ୍ଦେହ ଉତ୍ପନ୍ନ ହୋଇଥିଲା। ୨୦୨୧ ଫେବ୍ରୁଆରୀ ୨୬ରେ ଯୁବତୀଜଣକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏସ୍‌ସିବି ଅର୍ଥୋପେଡିକ୍ ମେଡିକାଲ ବୋର୍ଡରେ ପହଞ୍ଚିଥିଲେ। ହେଲେ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାନଯାଇ ତାଙ୍କୁ ୬୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ଦିଆଯାଇଥିବା ଅଭିଯୋଗ ହୋଇଛି। ଯୁବତୀଜଣକ ବାମ ହାତର ଏକ ଆଙ୍ଗୁଠି ବଙ୍କା ଥିଲା। ଯାହାକି ପାଞ୍ଚ ପ୍ରତିଶତ ଭିନ୍ନକ୍ଷମ ଥିବା ବେଳେ ଏସ୍‌ସିବିର ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ୬୦ପ୍ରତିଶତ ଭିନ୍ନକ୍ଷମ ଥିବା ନେଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହାସହ ଉକ୍ତ ଯୁବତୀଜଣକ ଏସ୍‌ସିବିରେ ଟଙ୍କା ଦେଇ ଏପରି ସାର୍ଟିଫିକେଟ ଜାଲିଆତି କରିଥିବା ନେଇ ଅଭିଯୋଗ କରି ମୀନକେତନ ସାହୁ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଥିଲେ। ଏହାକୁ ଆଧାର କରି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବଙ୍କୁ ତଦନ୍ତ କରିବା ପାଇ ଚିଠି ଆସିଥିଲା। ଏହାକୁ ନେଇ ତନାଘନା ପରେ ଏସସିବି ମେଡ଼ିକାଲ କଲେଜ ପକ୍ଷରୁ ଏହି ଘଟଣାର ତଦନ୍ତ ପାଇଁ ଡିଏମ୍ଇଟିଙ୍କୁ ଚିଠି କରାଯାଇଛି। ଏନେଇ ଏସସିବି ମେଡ଼ିକାଲ କଲେଜ ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ଡା. ଲୁସି ଦାସଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନି।

# ଶ୍ରୀକ୍ଷେତ୍ର ସିଟି

୧୮/୧/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧୦,୬୪,୨୧୩/- ସୁନା: ୦୧.୦୫୦ ଗ୍ରାମ୍ ରୁପା: ୩୯.୨୦୦ ଗ୍ରାମ୍





## ଝୋଟି ପ୍ରତିଯୋଗିତା ଅନୁଷ୍ଠିତ



ପୁରୀ,୧୮ା୧(ସମିସ): ଆସନ୍ତା ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଶନିବାର ମହିଳାମାନଙ୍କ ମଧ୍ୟରେ ଏକ ଝୋଟି ପ୍ରତିଯୋଗିତା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କ ମଧ୍ୟରେ ପ୍ରତିଭା ରହିଛି ଓ ଏହାର ପରିପ୍ରକାଶ ପାଇଁ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ପ୍ରତିଯୋଗିତାରେ ୪୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଜଲି ସାହିର ଲିପି ବେହେରା ପ୍ରଥମ, ମାଟିଆପଡାର ରେବତୀ ବେହେରା ଦ୍ୱିତୀୟ ଏବଂ ବାସେଲୀ ସାହିର ଛବିରାଣୀ ମିଶ୍ର ଓ ତ୍ରିନାଥ ନଗରର ରୋମ୍ୟା ଅନ୍ୟଶା ମହାନ୍ତି ତୃତୀୟ ସ୍ଥାନ ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଇ, ପ୍ରୋଜେକ୍ଟ ଅଧିକାରୀ ତଥା ପ୍ରୋଟେକ୍ସନ ଅଧିକାରୀ ସୁହାଗୀ ହେମ୍ବ୍ରମ, ପୁରୀ ସଦର ସିଡିପିଓ ଗୀତାଞ୍ଜଳି ନାୟକ, ପୁରୀ ମ୍ୟୁନିସିପାଲ୍ଟି ସିଡିପିଓ ବିନୋଦିନୀ ତ୍ରିପାଠୀ, ସୁପରଭାଇଜର ବାଲ୍ୟବତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ସମାଜ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

### ଶ୍ରୀମନ୍ଦିର ଫଟୋ ଭାଇରାଲ୍ ପ୍ରସଙ୍ଗ

# ସଚେତନତାର ଅଭାବ ନା ସୁରକ୍ଷା ଢିଲା?

ପୁର,୧୮ା୧(ସମିସ)

ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେଉଛି। ଏହି ଭାଇରାଲ ଫଟୋ କିମ୍ବା ଭିଡ଼ିଓ ଯଦି ଶ୍ରୀମନ୍ଦିର ପ୍ରଶାସନ ନଜରକୁ ଆସୁଛି ତେବେ ଥାନାରେ ଏତଲା ଦିଆଯାଉଛି। ପରବର୍ତ୍ତୀ ସମୟରେ ଏ ନେଇ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତା' ଉପରେ କାହାର ନିଘା ରହୁନି। ନା ଶ୍ରୀମନ୍ଦିର ପ୍ରଶାସନ ନା ପୁଲିସ କେହି ଏ ଦିଗରେ ତତ୍ପରତା ଦେଖାଉନାହାନ୍ତି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ବାରମ୍ବାର ବଡ଼ଦେଉଳ ଭିତର ଫଟୋ ଏବଂ ଭିଡ଼ିଓ ମୋବାଇଲରୁ ମୋବାଇଲକୁ ଘୂରିବୁଲୁଛି। ଏହି ଭାଇରାଲର ସବୁଠୁ ବଡ଼ କାରଣ ହେଉଛି ମୋବାଇଲ ଫୋନ। ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ହେଲେ ପ୍ରଶ୍ନ ଉଠୁଛି ମନ୍ଦିର ଭିତରକୁ ମୋବାଇଲ ଯାଉଛି କିପରି? ଶ୍ରୀମନ୍ଦିରକୁ ମୋବାଇଲ ନେବା ନିଷିଦ୍ଧ ସମ୍ପର୍କରେ ଭକ୍ତମାନେ ସଚେତନ ଅଛନ୍ତି ନା ସୁରକ୍ଷା ବ୍ୟବସ୍ଥା ଢିଲା ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରତି ଦ୍ୱାରରେ ମେଟାଲ ଡିଟେକ୍ଟର ସାଙ୍ଗକୁ ପୁଲିସ କର୍ମଚାରୀ ମୁତୟନ ରହୁଛନ୍ତି। ପ୍ରବେଶ ପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ସୁରକ୍ଷା ବ୍ୟବସ୍ଥା ଆହୁରି ବଢିଯାଇଛି। ମାଳମାଳ ସୁରକ୍ଷା କର୍ମୀ ଏବଂ ମନ୍ଦିର ଭିତରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ବି ନିୟୋଜିତ କରାଯାଇଛି। ତଥାପି ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ନିକଟରେ ଗୌରବ କୁମାର ସାହୁ ନାମକ ଜଣେ ଯୁବକ ମନ୍ଦିର ଭିତରେ ଫଟୋ ଉଠାଇ ଏହାକୁ ଭାଇରାଲ କରିଛନ୍ତି। ଏହି ଫଟୋ ଶ୍ରୀମନ୍ଦିର ଭିତର ବେଢାରୁ ଉଠାଇଛନ୍ତି। ଏହି ଫଟୋରେ କୀର୍ତ୍ତନ ଚକଡ଼ା, ଘଣ୍ଟି ଦ୍ୱାର ଆଦି ସ୍ପଷ୍ଟ ଭାବେ ରହିଛି। ଏମିତି ନିୟମିତ ବ୍ୟବଧାନରେ ମନ୍ଦିର ଫଟୋ ଭାଇରାଲ ହେଉଛି। ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଏତଲା ଦିଆଯାଉଛି। ହେଲେ ପରବର୍ତ୍ତୀ ସମୟରେ ଏହାକୁ ସମସ୍ତେ ଭୁଲି ଯାଉଛନ୍ତି। ପୁଣି କିଛି ବ୍ୟବଧାନରେ ବାହାରେ ବୁଲୁଛି ଶ୍ରୀମନ୍ଦିର ଭିତର ଫଟୋ।



୨୦୧୯ରେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣାକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ମନ୍ଦିର ଭିତରେ ଯଦି କାହାଠାରୁ ମୋବାଇଲ ଫୋନ ଜବତ ହୁଏ ତେବେ ତାହାକୁ ବାଜ୍ୟାପ୍ତି ନଚେତ୍ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ ଧରପଗଡ଼ କମିଯିବାରୁ ମଝିରେ ମଝିରେ ଫଟୋ ଭାଇରାଲ ହେଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ହେଲେ ଭକ୍ତମାନେ ନେଉଛନ୍ତି କିପରି? ଶ୍ରଦ୍ଧାଳୁଙ୍କ ଏ ବିଷୟରେ ଠିକ୍ ଭାବେ ସଚେତନ କରାଯାଉଛି ନା ନାହିଁ? ଯଦି କରାଯାଉଛି ତେବେ ମୋବାଇଲ ଭିତରକୁ ନେଉଛନ୍ତି କିପରି? ପ୍ରବେଶ ପଥରେ ସୁରକ୍ଷା କର୍ମୀମାନେ ଯାଞ୍ଚ କରୁଛନ୍ତି କିଭଳି? ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କିମାରୁଛି।

ମନ୍ଦିରକୁ ଅନେକ ଭକ୍ତ ପ୍ରଥମ ଥର ପାଇଁ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନିଷିଦ୍ଧ ଥିବା ସମ୍ପର୍କରେ ଅବଗତ ନ ଥିବେ। ସେହି ଭକ୍ତମାନଙ୍କୁ ଠିକ୍ ଭାବେ ଏ ବିଷୟରେ ଅବଗତ କରାଯାଉଛି ତ? ଯଦି ସେମାନେ ନ ଜାଣି ସାଥିରେ ମୋବାଇଲ ନେଇ ଯାଉଛନ୍ତି ତେବେ ପ୍ରବେଶ ପଥରେ ସୁରକ୍ଷା କର୍ମୀ ଯାଞ୍ଚ କରୁଛନ୍ତି କେମିତି? ସେଠାରେ କିପରି ଭକ୍ତ ଧରାପଡୁନାହାନ୍ତି। ସେହିପରି ମନ୍ଦିର ପରିସରରେ ମୋବାଇଲରେ ଫଟୋ, ଭିଡ଼ିଓ ଉତ୍ତୋଳନ ବେଳେ ପୁଲିସ, ଜେଟିପି ଏବଂ ଅନ୍ୟାନ୍ୟ ସୁରକ୍ଷା କର୍ମୀ ଜାଣିପାରୁନାହାନ୍ତି କିପରି? ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ବେଳେ ଏହା ଉପରେ ଅଙ୍କୁଶ ଲଗାଇବାକୁ ଦାବି କରିଛନ୍ତି ବୁଦ୍ଧିଜୀବୀ।

# ଗୌରବିହାରରେ ଅମୃତ ମହୋତ୍ସବ ଉଦ୍‌ଯାପିତ



ପୁରୀ, ୧୮ା୧ (ସମିସ): ଆଧ୍ୟାତ୍ମିକ ଚେତନାରେ ବିଶ୍ୱ ଉଦ୍‌ବୁଦ୍ଧ ହେଉ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ଗୋବଂଶର ସୁରକ୍ଷା ହେଉ। ଯୁବପିଢୀଙ୍କ କର୍ମନିଷ୍ଠତାରେ ପରିବାର ଓ ସମାଜ ଶୃଙ୍ଖଳିତ ହେଉ ବୋଲି କହିଛନ୍ତି ହରିହରାନନ୍ଦ ଗୁରୁକୂଳ ଆଶ୍ରମର ପ୍ରମୁଖ ପରମହଂସ ପ୍ରଜ୍ଞାନନନ୍ଦ। ଓଡ଼ିଶାର ଅନ୍ୟତମ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଗୌରବ ବିହାରରେ ନବଦିନ ବ୍ୟାପୀ ଅମୃତ ମହୋତ୍ସବର ଶନିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାମୀ ପ୍ରଜ୍ଞାନାନନ୍ଦ ଜରାଜୀର୍ଣ୍ଣ ମାତାମଠକୁ ଗୌରବିହାରରେ ପରିଣତ କରିଥିବା ୭୫ ବର୍ଷିୟ ମହନ୍ତ ସୁବଳ ଦାସଜୀ ମହାରାଜା ଶତାୟୁ ହୁଅନ୍ତୁ ବୋଲି ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ମହୋତ୍ସବରେ "ଗୌର ବିଭୂତି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହେବା ପରେ ବିଭିନ୍ନ ସାଧୁସନ୍ଥ, ମହନ୍ତ, ମଠାଧୀଶ ଓ ଗବେଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପ୍ରକୃତିବନ୍ଧୁ ବଦ୍ରି ମିଶ୍ରଙ୍କ ସହଯୋଗରେ ଗୌର ବିହାର ପରିସରରେ ଚାରା ରୋପଣ କରାଯାଇଥିଲା। ସୁବଳ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏହି ଅବସରରେ ସମ୍ପାଦକ ଶ୍ୟାମାନନ୍ଦ ଦାସଜୀ ମହାରାଜ, କୋଷାଧ୍ୟକ୍ଷ ପ୍ରଫେସର ନରେନ୍ଦ୍ର ମହାନ୍ତି, ହରିହର ଦୋରା, ମନୋଜ ପଟ୍ଟନାୟକ ଓ ଦୁର୍ଗା ବିଶୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ଋଷିକେଶର ସନ୍ଥ ଶଙ୍କରାନନ୍ଦ ଗିରି, ମହନ୍ତ ଶ୍ରୀନିବାସ ଦାସ, ବ୍ରହ୍ମାନନ୍ଦ ସରସ୍ୱତୀ, ମହନ୍ତ ରାମକୃଷ୍ଣ ଦାସ, ମହନ୍ତ ଶୁଭାନନ୍ଦଜୀ ମହାରାଜ, ମହନ୍ତ ନାରାୟଣ ରାମାନୁଜ ଦାସ, ଭାଗବତ ଆଶ୍ରମର ବାବା ବ୍ରଜ ଦାସ, ରାୟ ରାମାନନ୍ଦଙ୍କ ପିଢୀର ଗବେଷକ ଦିଲୀପ ପଟ୍ଟନାୟକ, ମନୋଜ ରଥ, ମହନ୍ତ ଅଭିରାମ ଦାସ, ମହନ୍ତ ରାମଚରଣ ଦାସ, ମହନ୍ତ ବିଶ୍ୱମ୍ଭର ଦାସ, ଗୋବଂଶ ସଙ୍ଗଠକ ବିଷ୍ଣୁଦତ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ।

## ସମୂହ ବ୍ରତୋପନୟନର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

ପୁରୀ,୧୮ା୧(ସମିସ): ଆସନ୍ତା ୨୬ ତାରିଖ ମାଘ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଉତ୍କଳ ବିଦ୍ୱତ୍ ପରିଷଦ ଆନୁକୂଲ୍ୟରେ ଚତୁର୍ଥ ଥର ପାଇଁ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ପୁରୀ ରାମାୟଣୀ ଚଉରା ପରିସରରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକରେ ସହଯୋଗୀ ଅନୁଷ୍ଠାନ ଆପଣଙ୍କ ସେବାରେ ଯୋଗଦେଇ ଏଥର ୨୧ଜଣ ବ୍ରାହ୍ମଣ ବାଳକଙ୍କ ବ୍ରତୋପନୟନ କାର୍ଯ୍ୟକ୍ରମ କିପରି ସୁରୁଖୁରୁରେ ସମ୍ପନ୍ନ ହେବ ସେଥିପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏଥିରେ ଓଡ଼ିଶାର ୧୨ଟି ଜିଲ୍ଲାରୁ ୨୧ ଜଣ ବାଳକ ଓ ସେମାନଙ୍କ ପରିବାରକୁ ସାମିଲ କରାଯାଇଛି। ଗୁଣ୍ଡିଚା ଭକ୍ତ ନିବାସରେ ଏହି କାର୍ଯ୍ୟକ୍ରମ ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ତଥା ବାହାରୁ ଆନକ ସାଧୁସନ୍ଥ, ବୁଦ୍ଧିଜୀବୀ ଓ ଧର୍ମାନୁରାଗୀ ବ୍ୟକ୍ତି ଯୋଗଦେଇ ନବ ବ୍ରହ୍ମଚାରୀଙ୍କୁ ଆଶୀର୍ବାଦ ପ୍ରଦାନ କରିବେ। ବୈଠକରେ ପରିଷଦର ସଭାପତି ମନୋଜ ରଥ, ସମ୍ପାଦକ ବିଜୟକୃଷ୍ଣ ବ୍ରହ୍ମା, ଆପଣଙ୍କ ସେବାରେ ଅନୁଷ୍ଠାନର ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ର, ସମ୍ପାଦକ ଚିତ୍ତରଞ୍ଜନ ବିଶ୍ୱାଳ, ପୁରୀ ନଗର ସଭାପତି ବିରଞ୍ଚି ମିଶ୍ର, ଦିବ୍ୟରଞ୍ଜନ ଦାଶ, ରଞ୍ଜେଶ ସାହୁ, ଦେବୀ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ମାର୍ଟ ମିଟର ପ୍ରସଙ୍ଗ


## ଉପମୁଖ୍ୟମନ୍ତ୍ରୀଙ୍କ ମତକୁ ପୁରୀ ଆପ୍‌ର ବିରୋଧ



ପୁର,୧୮ା୧(ସମିସ): ସ୍ମାର୍ଟ ମିଟରକୁ ବିରୋଧ କରାଯାଉଥିବା ବେଳେ ଏହାକୁ ସମର୍ଥନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ। ଟେକ୍ନୋଲୋଜି ସହିତ ଯୋଡି ହେବାକୁ ହେଲେ ସ୍ମାର୍ଟ ମିଟର ଲଗାଇବାକୁ ପଡିବ ମତ ରଖିଛନ୍ତି। ତେବେ ଉପମୁଖ୍ୟମନ୍ତ୍ରୀଙ୍କ ଏଭଳି ମତକୁ ବିରୋଧ କରିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ ମହାନ୍ତି। ସେ କହିଛନ୍ତି, ହଠାତ୍ ଏତେ ସଂଖ୍ୟକ ମିଟର ଖରାପ ହୋଇଗଲା କେମିତି? ଯଦି ହେଲା ତେବେ ଏହାକର ତଦନ୍ତ କରାଯିବ କି? ଏଥିପାଇଁ ଗ୍ରାହକ ଯେଉଁ ଟଙ୍କା ଦେଇଛନ୍ତି ତାହାକୁ ଠକେଇ ବୋଲି ଧରାଯିବ କି ନାହିଁ ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ମହାନ୍ତି। ଅନ୍ୟପକ୍ଷରେ ସରକାର ଯଦି ଖୋଲା ବଜାରରେ ମିଟର ବିକ୍ରି କରିବାକୁ ଦିଅନ୍ତେ ତେବେ ଲୋକେ କିଣି ସରକାରଙ୍କ ମିଟର ଟେଷ୍ଟିଂ ଲ୍ୟାବରେ ଟେଷ୍ଟ କରି ଲଗାଇପାରନ୍ତେ ବୋଲି ସେ କହିଛନ୍ତି।

## ଯୁବଶିଳ୍ପୀଙ୍କ ହାତରୁ ଉପହାର ଗ୍ରହଣ କଲେ ସିଙ୍ଗାପୁର ରାଷ୍ଟ୍ରପତି

ପୁର,୧୮ା୧(ସମିସ): ଇଚ୍ଛା ଥିଲା ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ତାଙ୍କର ଏକ ପୋଟ୍ରେଟ ପ୍ରଦାନ କରିବେ। ଏଥିପାଇଁ ସେ ରଙ୍ଗ ତୂଳୀରେ ସିଙ୍ଗାପୁର ରାଷ୍ଟ୍ରପତି ଦମ୍ପତିଙ୍କ ଏକ ସୁନ୍ଦର ପୋଟ୍ରେଟ ପ୍ରସ୍ତୁତ କରିଥିଲେ। ହେଲେ ରାଷ୍ଟ୍ରପତିଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ସେ ଦେଇପାରିବେ ନା ନାହିଁ ତାହାକୁ ନେଇ ସନ୍ଦେହରେ ଥିଲେ। ହେଲେ ନିଜ ଉପରେ ଭରସା ଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବି ସ୍ମରଣ କରିଥିଲେ। ଶନିବାର ସକାଳେ ସିଙ୍ଗାପୁର ରାଷ୍ଟ୍ରପତି ଐତିହ୍ୟ ଗ୍ରାମ ରଘୁରାଜପୁର ପରିଦର୍ଶନ କରିଥିଲେ। ଏଥିପାଇଁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ହେଲେ ନିଜେ ପ୍ରସ୍ତୁତ କରିଥିବା ପେଣ୍ଟିଂ ଧରି ପୁରୀରୁ ରଘୁରାଜପୁରରେ ପହଞ୍ଚିଥିଲେ ପୁରୀର ଯୁବ ରିଭର୍ସ ପେଣ୍ଟର ଆୟୁଷ ମହାପାତ୍ର। ହେଲେ ସୁରକ୍ଷା ଦୃଷ୍ଟିକୋଣରୁ ପୋଲିସ ତାଙ୍କୁ ମନା କରିଦେଇଥିଲା। ମନଦୁଃଖରେ ହାତରେ ରାଷ୍ଟ୍ରପତି ଦମ୍ପତିଙ୍କ ଚିତ୍ର କରିଥିବା ଫଟୋକୁ ଧରି ରାସ୍ତା ପାଶ୍ୱର୍ରେ ଛିଡା ହୋଇରହିଥିଲେ ଆୟୁଷ। ରଘୁରାଜପୁର ଗାଁ ବୁଲିସାରିବା ପରେ କାର୍‌ରେ ବସି ଫେରି ଯାଉଥିଲେ ରାଷ୍ଟ୍ରପତି ଏବଂ ତାଙ୍କ ପତ୍ନୀ। ଯିବା ବାଟରେ ସେମାନଙ୍କର ନଜର ପଡିଲା ଆୟୁଷଙ୍କ ଉପରେ। ହଠାତ୍ ରାଷ୍ଟ୍ରପତିଙ୍କ କାର୍ ଅଟକିଗଲା। ରାଷ୍ଟ୍ରପତିଙ୍କ ସୁରକ୍ଷା କର୍ମୀ ଆୟୁଷଙ୍କ ଡାକିଲେ। ନିଜେ ରାଷ୍ଟ୍ରପତି ଏବଂ ତାଙ୍କ ସହଧର୍ମିଣୀ ଗାଡିରୁ ଓହ୍ଲାଇ ଆୟୁଷଙ୍କଠାରୁ ସେହି ସୁନ୍ଦର ପେଣ୍ଟିଂଟି ଗ୍ରହଣ କରିଥିଲେ। ସେମାନଙ୍କର ଏଭଳି ପେଣ୍ଟିଂ ପ୍ରସ୍ତୁତ କରିଥିବାରୁ ଧନ୍ୟବାଦ ଜଣାଇଥିଲେ ରାଷ୍ଟ୍ରପତି ଦମ୍ପତି। ଏ ସମ୍ପର୍କରେ ଆୟୁଷ କହିଛନ୍ତି ଯେ ହେତୁ ସିଙ୍ଗାପୁର ରାଷ୍ଟ୍ରପତି ଏବଂ ତାଙ୍କ ସହଧର୍ମିଣୀ ପୁରୀ ଆସିବାର ନ ଥିଲା ଏବଂ ସେ ମଧ୍ୟ ଶ୍ରୀମନ୍ଦିର ଯାଇପାରିବେ ନାହିଁ ତେଣୁ ଶ୍ରୀମନ୍ଦିର ସହ ସେମାନଙ୍କର ଏକ ପୋଟ୍ରେଟ ପ୍ରସ୍ତୁତ କରି ଉପହାର ଦେବା ପାଇଁ ମନସ୍ଥ କରିଥିଲି। ଯଦିଓ ସୁରକ୍ଷା ଦୃଷ୍ଟିରୁ ନିରାଶ ଥିଲି, ହେଲେ ମହାପ୍ରଭୁଙ୍କ କୃପାରୁ ନିଜେ ରାଷ୍ଟ୍ରପତି ଗାଡି ଅଟକାଇ ତାଙ୍କ ସହଧର୍ମିଣୀଙ୍କ ସହ ମୋଠାରୁ ସେହି ପେଣ୍ଟିଂ ଗ୍ରହଣ କରିଥିଲେ। ମୋ ନାମ, ବାୟୋଡାଟା ଏବଂ କ'ଣ ପୁରସ୍କାର ପାଇଛ ଏ ସବୁ ବିଷୟରେ ପଚାରିଥିଲେ। ଏମିତି କରିଚାଲ ବୋଲି କହି ମୋତେ ପ୍ରଶଂସା କରିଥିଲେ ବୋଲି କହିଛନ୍ତି ଆୟୁଷ।




# ବ୍ଲୁ ଫ୍ଲାଗ୍ ବିଚ୍‌ରେ ଶ୍ରମିକ ଶୋଷଣ

## ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ





ପୁରୀ,୧୮ା୧(ସମିସ)

ପୁରୀ ବ୍ଲୁ ଫ୍ଲାଗ ବିଚ୍‌ରେ କର୍ମଚାରୀଙ୍କୁ ଶୋଷଣ କରାଯାଉଛି। ଏହି ଅଭିଯୋଗ ଆଣି ଶନିବାର ସ୍ୱର୍ଣ୍ଣାଭ ବେଳାଭୂମି କର୍ମଚାରୀ ସଂଘ ପକ୍ଷରୁ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ କହିଛନ୍ତି, ବ୍ଲୁ ଫ୍ଲାଗ ବିଚ୍‌ର ମୁଖ୍ୟ ନିଯୁକ୍ତିଦାତା ବନଖଣ୍ଡ ଅଧିକାରୀ। ଭୁବନେଶ୍ୱରର ଦୁଇ ଠିକାସଂସ୍ଥା ଜରିଆରେ ବିଚ୍‌ରେ ୬୫ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ଠିକା ସଂସ୍ଥା ବର୍ଗୀକରଣ ଆଧାରରେ ଦରମା ଦେଉନି। ବର୍ଦ୍ଧିତ ସର୍ବନିମ୍ନ ମଜୁରି ଅଦ୍ୟାବଧି କର୍ମଚାରୀଙ୍କୁ ମିଳିନି। ଇପିଏଫ୍ ଟଙ୍କା କର୍ମଚାରୀଙ୍କ ଆକାଉଣ୍ଟରେ ଭରାଯାଉ ନ ଥିବାବେଳେ ଇଏସ୍‌ଆଇ କାର୍ଡ ଖୋଲା ଆକାଶ ତଳେ କାମ କରୁଛନ୍ତି। ବୋନସ ଆଇନ କାର୍ଯ୍ୟକାରୀ ହେଉନି। ଯେଉଁ କର୍ମଚାରୀ ଅଭିଯୋଗ କରୁଛନ୍ତି ତାଙ୍କୁ ବାହାର କରିଦେବା ପାଇଁ ଧମକ ଦେଉଛି ସଂସ୍ଥା। ଏ ନେଇ ସେମାନେ ଶ୍ରମ ଦପ୍ତରରେ ଅଭିଯୋଗ କରିଛନ୍ତି। ତୁରନ୍ତ ସଂସ୍ଥାର ମ୍ୟାନେଜରଙ୍କୁ ବହିଷ୍କାର କରିବାକୁ ଦାବି ହୋଇଛି। ଏଥିରେ ନାହିଁ। ପ୍ରତ୍ୟେକ ମାସରେ ୱେଜ ବିଲ୍ ଦେଉନି ସଂସ୍ଥା। ଏହା ବିରୋଧରେ ପୁରୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ ସହ ଦାବିପତ୍ର ପ୍ରଦାନ କରାଯାଇଛି। ସିଆଇଟିୟୁ ଜିଲ୍ଲା ସମ୍ପାଦକ ତଥା ସଂଘ ସଭାପତି ଶରତ କୁମାର ରାୟଗୁରୁ କହିଛନ୍ତି, ଦୁଇ ଠିକାସଂସ୍ଥା ଶ୍ରମ ଆଇନକୁ ଉଲ୍ଲଂଘନ କରି ଇଏସ୍‌ଆଇ, ଇପିଏଫ୍ ଓ ୱେଜ ବିଲ୍ କର୍ମଚାରୀଙ୍କୁ ନ ଦେଇ ପ୍ରତ୍ୟେକ ମାସରେ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ମାର୍ଚ୍ଚ ମାସରୁ ବର୍ଦ୍ଧିତ ମଜୁରି ଦେଲେନାହିଁ। କର୍ମଚାରୀଙ୍କୁ ବର୍ଷାତି, ଶୀତ ପୋଷାକ ଦିଆଯାଉ ନାହିଁ। ଖରା ବର୍ଷାରେ ସମ୍ପାଦକ ସଞ୍ଜୟ ପ୍ରଧାନ, ଅଜୟ ସୁବୁଦ୍ଧି, ସଞ୍ଜୟ ପ୍ରଧାନ, ମାନସ ନାୟକ, ମାନସ ବେହେରା, ସରୋଜିନୀ ପ୍ରଧାନଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ଥିଲେ।

## ରାଷ୍ଟ୍ରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ




ପୁରୀ,୧୮ା୧(ସମିସ): ସଡକ ସୁରକ୍ଷା, ଜୀବନ ରକ୍ଷା। ଏହି ବାର୍ତ୍ତା ପ୍ରତିଟି ମଣିଷଙ୍କ ନିକଟରେ ପହଞ୍ଚିବା ବର୍ତ୍ତମାନ ପରିସ୍ଥିତିରେ ଆବଶ୍ୟକତା ରହିଛି। ପ୍ରତିଦିନ କେଉଁଠି ନା କେଉଁଠି ଦୁର୍ଘଟଣା ଯୋଗୁ ଅକାଳରେ ଅନେକ ଜୀବନ ଚାଲିଯାଉଛି। ଏହାକୁ ନଜରରେ ରଖି ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଶନିବାର ସ୍ଥାନୀୟ ୟୁଥ୍ ହଷ୍ଟେଲରେ ନେହରୁ ଯୁବକେନ୍ଦ୍ର ପୁରୀ ପକ୍ଷରୁ ରାଷ୍ଟ୍ରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପୁରୀ ଜିଲ୍ଲାର ୧୧ଟି ବ୍ଲକରୁ ୨୫ ଜଣ ସ୍ୱେଚ୍ଛାସେବୀ ଏଥିରେ ଯୋଗଦାନ କରିଥିଲେ। ଏହି ଶିବିରକୁ ଜିଲ୍ଲା ପରିବହନ ଅଧିକାରୀ ଉଦ୍‌ଘାଟନ କରିଥିଲେ। ନେହରୁ ଯୁବକେନ୍ଦ୍ରର ଏପିଓ ଅଶୋକ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିଭାବେ ଜିଲ୍ଲା ପରିବହନ ଅଧିକାରୀ (ଓଏସ୍‌ଡି) ରବିନ ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି, ମିଶନ ଓଡିଶାର ସମ୍ପାଦକ ମଧୁସୂଦନ ମିଶ୍ର, ମାର୍ସ ଓଡ଼ିଶାର ସାଧାରଣ ସମ୍ପାଦକ ଭାସ୍କର ଚନ୍ଦ୍ର ପୂଜାରୀ ଯୋଗଦାନ କରି ଶିବିରାର୍ଥୀମାନଙ୍କୁ ସଡକ ସୁରକ୍ଷା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରବିବାରଠାରୁ ୫ ଦିନ ପର୍ଯ୍ୟନ୍ତ ପୁରୀ ସହରର ବିଭିନ୍ନ ସ୍ଥାନ ଏବଂ ଟ୍ରାଫିକରେ ଏହି ସ୍ୱେଚ୍ଛାସେବୀମାନେ ଉପସ୍ଥିତ ହୋଇ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟ କରିବେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାନନ ପଲେଇ, ବାସୁଦେବ ସେନାପତି, ଆଲୋକ ପୂଜାରୀ, ରାକେଶ ସେଠୀ, ଓମ୍ ପ୍ରକାଶ ମହାନ୍ତି ଓ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।





# ପାଣ୍ଡୁଗୁର ଖୁସି

ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ

"କି ସରେ ଲାକିଆ ପାଣ୍ଡୁଗୁ (ସଂକ୍ରାନ୍ତି) ପାଇଁ ସଜବାଜ କେମିତି ! ଏଥର ଟିକେ ପାଗ ଭଲ ଅଛି । ଏ ବର୍ଷ ସଂକ୍ରାନ୍ତିଟା ସଂକ୍ରାନ୍ତି ଭଳି ଲାଗିବ ।"

"କାରାକ୍ କଥା ମାତ୍ର ବୋଇଲୁ । ଦି ବର୍ଷ ଯୋଉ ବାଧା । ମାପ୍ରୁ ଦୟାରୁ ଏ ବର୍ଷ ସିନ୍ତି ନାହିଁ ମାତ୍ର ।" ଧାନ ବସ୍ତା ସିଲାଉ ସିଲାଉ ଉତ୍ତର ଫେରେଇଲା ଲାକିଆ ।

ଲାକିଆ, ଟିବୁ, ସନିଆ, ଜୁର ଓ ସାତି ପାଞ୍ଚଜଣ କୁଲି କାମ କରନ୍ତି । ଚାଷ ଦିନରେ ହଳ ଲଙ୍ଗଳ, କତି କାମ, ହିଡ଼ ଛଂଛା । ପଛକୁ ପଛ ତଳି ଝିଙ୍କିବା । ଚାଷବାସ ସରିଲେ କୁଲି କାମକୁ ପ୍ରସ୍ତୁତ । ପୁଣି ଧାନ ପାଚି ଆସିଲେ ଧାନ କଟା ଓ ବୁହା ଦଳରେ ସାମିଲ ହୋଇଯିବେ । ତେଣିକି ଅମଳ ବେଳେ ସ୍ଥାନୀୟ ଧାନ ମିଲ୍ ମାଲିକର କାମରେ ଜୁଟିଯିବେ । ମାଲିକ ଯେଉଁ ଚାଷୀର ଧାନ କିଣିବ, ସେଠି ଗାଡ଼ି ସହ ଯିବେ । ଧାନକୁ ଓଜନ କରିବେ । ସିଲେଇ କରି ଗାଡ଼ିରେ ଭରିବେ । ପୁଣି ମିଲ୍‌ରେ ଖାଲି କରି ଆଉ ଏକ ଚାଷୀ ନିକଟକୁ ଯିବେ । ଭାରି କଷ୍ଟ କାମ । କିନ୍ତୁ ଏସବୁ ଦେହସୁହା ହୋଇଯାଇଥିବାରୁ କଷ୍ଟ ଲାଗୁନି । ଦେହ ବି ବୋଲ ମାନି ନେଇଛି । ସଂକ୍ରାନ୍ତି ପୂର୍ବରୁ ଭାରି କାମ । ଶୀତ କାକରରେ ଟିକେ ଅଧିକ ପରିଶ୍ରମ କରିବାକୁ ପଡ଼େ । ସଂକ୍ରାନ୍ତି ଆସିଲେ ଛୁଟି । ମଉଜ ମସ୍ତି । ନୂଆ ଲୁଗାପଟା କିଣା ହେବ । କୁଣିଆମୈତ୍ର ଘରକୁ ଆସିବେ । ପୂର୍ବପୁରୁଷଙ୍କୁ ଶ୍ରାଦ୍ଧ ପିଣ୍ଡ ସରିଲା ପରେ ଖାଲି ମଜା ମଜଲିସ୍‌ରେ କଟିବ ସମୟ । ତେଣୁ ଗୋଟେ ମଜାରେ ସନିଆ ପଚାରି ଦେଲା ଏମିତି ପ୍ରଶ୍ନ ।

ଅସଲରେ ସଂକ୍ରାନ୍ତି ବୋଇଲେ ବେଶୀ ଖର୍ଚ୍ଚର ଦିନ । ଘରର ସମସ୍ତଙ୍କ ପାଇଁ ଲୁଗାପଟା କିଣିବାକୁ ହେବ । ଘରେ ଚୂନ ଧଉଳା । ଘର ଭର୍ତ୍ତି କୁଣିଆମୈତ୍ରଙ୍କୁ ଚର୍ଚ୍ଚା ଖର୍ଚ୍ଚ । ଦି ବର୍ଷ ପରେ ଟିକେ ଜାକଜମକରେ ପାଳିବା ଲାଗି ସଜବାଜ ପାଞ୍ଚ ବନ୍ଧୁଙ୍କର । ଦି ବର୍ଷ ପରର ପାଣ୍ଡୁଗୁରେ ଡବଲ ଦାଣ୍ଡୁଗୁ (ଅଯଥା ଖର୍ଚ୍ଚ) ହେବ ଏଥର । ସେଥିପାଇଁ ରାତିଦିନ ଏକ୍ କରି ଖଟୁଛନ୍ତି ସମସ୍ତେ । ହାତକୁ ଅଧିକା ଅର୍ଥ ଆସିଲେ ଖର୍ଚ୍ଚ କରିପାରିବେ ।

"ସଂକ୍ରାନ୍ତି ପାଇଁ ଦିଟା ଗଞ୍ଜା କିଣି ଦେଇଛି । ହେଲେ ଗୁଟେ ଜାଟି ହୋଇ ଯାଇଛି ।" ଲାକିଆ କହିଲା ।

"କିସ ହେଲା କି ?" ସନିଆ ପ୍ରଶ୍ନ ପଚାରିଲା ।

"ଆମର ପୁଅ ଗୁଟେ ଗଞ୍ଜାକୁ ବାଆଣଉଛି । କୁକୁଡ଼ା ଲଢ଼େଇରେ ଲଗେଇବ । ପାଠଶାଠ ପଢ଼ି ବି କେତେ ବୁଝେଇଲେ ମିଶା ବୁଝିବାର ନାହିଁ ସେ । କୋଉଠି ଗୁଟେ ଚାକିରି ମିଳିଲେ ଭଲ ହୋଇଥାନ୍ତା । ଏ ବେକାର କାମରେ ମୁଣ୍ଡ ଖଟେଇ ନଥାନ୍ତା । ଗଞ୍ଜା ଲଢ଼େଇ ଭଲ କାମ କି । ପାନୁ ଲଗେଇବେ । କୁକୁଡ଼ା ଲଢ଼େଇବେ । ଝଗଡ଼ାଝାଟି ହେବ । ଥାନା କଚେରୀ ହେଲେ ତା'ର ଜୀବନ କିସ ହେବ କହ? ମୁଁ ଜଣେ ଖଟିଖଟି ମରୁଛି । ସେ ସେମିତି ହେଉଛି ।"

"ହଉରେ ପାଠ ପଢ଼ିଛି । ତା'ର ଜ୍ଞାନ ନାହିଁ କି ! ତା'ର ଗୁଟେ ଶ୍ରଦ୍ଧା ବୋଲି କିଛି ନାଇଁ କି । କିସ ହୋଇଗଲା ଯେ ଏତେ ଟେନ୍‌ସନ୍ ହୋଇ ଯାଉଛୁ । କିଛି ହେବନି ସେମିତି । ସେ ଭଲ ପିଲା ।" ବୁଝାଇଲା ଭଳି କହିଲା ସନିଆ ।

ମଝିରେ ପଶି ଆସି ଟିବୁ କହିଲା – "ଏ ଯୁଗ ଅଲଗାରେ ବାବୁ । ଆମର ବେଳେ ସଂକ୍ରାନ୍ତି ଆଗରୁ ଭୋଗି ହେଉଥିଲା କିମିତି ଯେ ! କୁଆଡୁ କୁଆଡୁ କାଠ ଆଣି ଭୋଗି ନିଆଁରେ ପୋଡୁଥିଲୁ । ବାସୁଆ ବଳଦ ଆସୁଥିଲା । ବେକରେ ଘଣ୍ଟି ଥିବ । ଦେହରେ ବଢ଼ିଆ ଡ୍ରେସ୍ ଲାଗିଥିବ । ଗୀତ ଗାଇ ଗାଇ ଘର ଘର ବୁଲୁଥିଲେ ଦଳ ଦଳ ହୋଇ । ଆଉ ସମସ୍ତେ ଶଗଡ଼ ସବୁ ସଜେଇ ରଙ୍ଗ ଦେଇ ବୁଲଉଥିଲେ । ତାସ୍ ଖେଳ ହେଉଥିଲା । ଗଞ୍ଜା ଲଢ଼େଇ ବଢ଼ିଆ ହେଉଥିଲା । ଏବେ ଖାଲି ତୁଚ୍ଛା ମଦପାଣିରେ ସବୁ ଯାଉଛି ।"

"ଯୁଗରେ ବାବୁ ! ସମୟ ବଦଳୁଛି । ଏବେ ପିଲାମାନେ ମୋବାଇଲ ପିଟା । କାହାର କଥା ଶୁଣିବାର ନାହିଁ ।"

ଏତିକି କହି ରଡ଼ି ଛାଡ଼ିଲା ବସ୍ତା ସବୁ ଗାଡ଼ିରେ ଲୋଡ଼ କରିବାକୁ । ସମସ୍ତେ ଲାଗି ପଡ଼ିଲେ ଟ୍ରାକ୍ଟର ଟ୍ରଲିରେ ବସ୍ତା ଲୋଡ଼ କରିବାରେ । ନିମିଷକରେ ଗାଡ଼ିରେ ଭର୍ତ୍ତି ହୋଇଗଲା ଧାନ । ଟ୍ରାକ୍ଟର ଡାଲାରେ ସବା ଉପରେ ବସିଗଲେ ପାଞ୍ଚଜଣ । ଚାଲିଲା ଗାଡ଼ି । ବିଲ ରାସ୍ତାରେ ଦୋହଲି ଦୋହଲି ଗାଡ଼ି ଆଗେଇଲା । ସଂକ୍ରାନ୍ତିର ପାରିବାରିକ ଖର୍ଚ୍ଚ ହିସାବରେ ଲାଗି ପଡ଼ିଥିଲେ ପରସ୍ପର । ଖର୍ଚ୍ଚ ହେଲେ ବି ସମସ୍ତଙ୍କ ମନରେ ତଥାପି ପୁଲା ପୁଲା ଖୁସି । ଦି' ବର୍ଷ ପରେ ଭଲରେ ହେବ ସଂକ୍ରାନ୍ତି ପାଳନ ।

ହ୍ୟାପ୍ ପେଣ୍ଟରୁ ବିଡ଼ି କାଢ଼ି ନିଆଁ ଲଗେଇଲା ଲାକିଆ । ପୁଳେ ଧୂଆଁକୁ ନେଇ ଭକଭକ କରି ଛାଡ଼ିଲା । ଏତିକିବେଳେ ମୋବାଇଲ୍ ଫୋନ୍ ବାଜି ଉଠିଲା ।

ସେପଟୁ ପୁଅ କହିଲା – "ବାପା ! କୋଉଠି ଅଛ । ଶୁଣ ! ମୋର ପୋଲିସ ଚାକିରି ହୋଇ ଯାଇଛି । ଘରକୁ ଜଲ୍‌ଦି ଆସ । ଆଉ ଏମିତି ତୁମେ ଖଟିବା ଲୁଡାନି ବାପା ! ଏଣିକି ମୁଁ ଅର୍ଜିବି । ତୁମେ ବସିବ ।"

ଲାକିଆ ବିଡ଼ି ଫିଙ୍ଗି ଦେଲା । କିଛି କହି ପାରିଲାନି । ଭୋ ଭୋ ହୋଇ ପିଲା ପରି କାନ୍ଦିବାକୁ ଲାଗିଲା । ବାକି ସମସ୍ତେ ଛାନିଆ ହୋଇଗଲେ । ଲାକିଆ ଘରେ କିସ ଅସୁବିଧା ହୋଇଗଲା କି ?

ହାତରୁ ଫୋନ୍ ଛଡ଼େଇ ନେଇ ସନିଆ ପଚାରିଲା । ସେପଟୁ ପୁଅ କହିଲା ତା' ଚାକିରି ଖବର । ଖୁସିରେ ଫାଟି ପଡ଼ିଲା ସନିଆ । ଲାକିଆକୁ କୋଳେଇ ଦେଇ ଖୁବ୍ ଜୋର୍‌ରେ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ କହିଲା : "ଲାକିଆର ଦୁଃଖ ପଳେଇଲା । ତା'ର ପୁଅକୁ ପୋଲିସ ଚାକିରି ମିଳିଗଲା ।"

ସମସ୍ତେ ହୋ ହୋ ହୋଇ ରଡ଼ି ଛାଡ଼ିଲେ । ସଂକ୍ରାନ୍ତି ଅସରାଏ ଖୁସି ଆଣି ଦେଇଛି ଲାକିଆ ଘରକୁ । ତଥାପି ଲାକିଆ ହସି ପାରୁ ନଥିଲା । ଜୀବନ ତମାମ ଖଟି ଆସିଥିବା ମଣିଷ ପାଇଁ ଖୁସିର ଆବେଗ କିଛି ଅଲଗା ଥିଲା । ସାଙ୍ଗମାନେ ଟାପରା ଆରମ୍ଭ କରିବାକୁ ଲାଗିଲେ ଖୁସିରେ । ମୁଣ୍ଡ ଉପର ଆକାଶ ଓ ଚାରିପଟର ପୃଥିବୀ ଏବେଠୁ ସଂକ୍ରାନ୍ତିମୟ ଲାଗୁଥିଲା ଲାକିଆ ପାଇଁ ଯେମିତି । ସତରେ ଏଥର ପାଣ୍ଡୁଗୁ ମୋଟେ ଦାଣ୍ଡୁଗୁ ହେବନି ନିଶ୍ଚିତ ।

ଇନ୍ଦିରା ନଗର, ଚତୁର୍ଥ ଗଳି
ରାୟଗଡ଼ା -୭୬୫୦୦୧
ମୋ: ୯୪୩୭ ୯୦୯ ୬୭୧

# ନିଜ ଭିତରେ ପୋତି ହୋଇଯାଉଥିବା ସମୟ

ଡ. ପ୍ରହଲ୍ଲାଦ ଶତପଥୀ



ଠିକ୍ ଏଇମିତି ଆସିଥିଲା
କୋଳାହଳର ପସରା ମେଲେଇ
ଗଲାବେଳେ ନୀରବରେ ଚାଲିଗଲା ।

ସେମାନେ ସଭିଏଁ ପହଞ୍ଚି ଯିବେଣି
ମୁଁ ମୋ ଭିତରେ ପୋତି ହୋଇଯିବି ।
ମୋ କଫିନ୍ ଚାରିପଟେ ମୁଠାଏ ମୁଠାଏ ମାଟି ଦେଇ
ସଭିଏଁ ଫେରିଯିବେ,
ଯିଏ ଯେଉଁମିତି ଆସିଥିଲା ଠିକ୍ ସେଇମିତି ।

ନିଜକୁ ନିଜେ ଚାରିଚଉତା କରି, ନିଜ ବୋଝକୁ ନିଜେ ହିଁ
ବୋହି ଚାଲିବାକୁ ହୁଏ,
ନିଜ ଭିତରେ ନିଜେ ପୋତି ହୋଇଯାଉଥିବା ସମୟ
କେଉଁ ପ୍ରତ୍ନତତ୍ତ୍ୱବିତ୍‌ର ପ୍ରତୀକ୍ଷାରେ,
ଯିଏ ଆସି କହିଦେବ ଇଏ ତମ ମହେଞ୍ଜୋଦାରୋ,
ଇଏ ହରପ୍ପା ।

ଏଥାଏଁ ଫୁଲ ଝରିନି, ଡେମ୍ଫରେ କିନ୍ତୁ କଢ଼ର ଭିଡ଼
କ'ଣଟା ଊଣା ହୋଇଯିବ ଯେ ଗଛର
ଫୁଲଟିଏ ଝରିଗଲେ, ବର୍ଷଟିଏ ଗଡ଼ିଗଲେ?

କ'ଣଟା ବଦଳି ଯିବ ଯେ,
ଥୁର୍ ଥୁରିଆ ଶୀତରେ ଶୋଇ ପଡୁଥିବା ଫୁଟ୍‌ପାଥର,
ବଢ଼ିପାଣିରେ ଭାସିଯାଇ ବିଲବାଡ଼ିରେ ପଡ଼ିରହିଥିବା
ପଟୁମାଟିର
କେରୋସିନ୍‌ର ଦର ବଢ଼ିଗଲେ ଅନ୍ୟ ପନ୍ଥା ଧରିନେବ
ଶାଶୂର ଗଞ୍ଜଣା ସହି ପାରୁନଥିବା ମଖମଲି ପାଟର
ସାଧବ ବୋହୂ,
ସମୟ ଠିକ୍ ଆଗ ଭଳି ଦସ୍ତକ ଦେଇ ଚାଲିଥିବ
ମଲା ଆଗରୁ ଖୋଜିନେବ ଭୂତାଣୁ ଆଉ ଏକ ଜୀଅନ୍ତା ମଣିଷ
ସଂଗରୋଧ ଥିଲା, ଅଛି, ରହିବ
ମୁଖାପିନ୍ଧା ମଣିଷମାନେ ଥିଲେ, ଅଛନ୍ତି, ରହିବେ ।

ଦିନ ସବୁରେ କେବଳ ଯାହା କିଛିଟା ଅଦଳ ବଦଳ
ନୂଆଁବର୍ଷରେ,
ବେଶ୍ କିଛିଟା ତତ୍ପରତା ସମୟର ମେଟରନିଟି ୱାର୍ଡରେ
ଶ୍ମଶାନରୁ ଏଥାଏଁ ସେମାନେ ଫେରି ନାହାନ୍ତି
ସେପଟେ ଘରେ କୁଆଁକୁଆଁ ରାବ!
କିଛି ବି ନୂତନତ୍ୱ ନଥାଏ ପୁରୁଣା ପୃଥିବୀର ଏଇ
ନୂତନ ବର୍ଷରେ ।

ଟିକ୍ରାପଡା, ବଲାଙ୍ଗୀର
ପିନ୍: ୭୬୭୦୦୧
ମୋ: ୯୪୩୭୧୫୦୯୫୧

# ପ୍ରେମକୁ ବୁଝି ହେଲାନି

ସେନାପତି ପ୍ରଦ୍ୟୁମ୍ନ କେଶରୀ





ସେଦିନ ସଞ୍ଜବେଳେ ଯାହା
ମୋ ଛାତି ଭିତରୁ ଖସି ପଡ଼ିଲା
ତାହା କ'ଣ ଥିଲା ?

କଲିଜାର ଟୁକୁଡ଼ା
ନା ଚାପା କାନ୍ଦର ମଉଳା ପାଖୁଡ଼ା?

ଛେଉଣ୍ଡ ମନର ଛିଣ୍ଡା ଚେହେରାସବୁ
କେବେହେଲେ କାହାର ଆଖିରେ ପଡ଼େନା
କୋଉ ନଡ଼ିଆ ରସୁଆଳ
କୋଉଟା ଭୂତଖିଆ
ବାହାରୁ ଦେଖିଲେ ଜାଣି ହୁଏନି
ଦି'ଫାଳ କଲେ ଦିଶେ ପୋଡ଼ା ଅଙ୍ଗାର !

ସମସ୍ତେ ଭାବନ୍ତି, କାନ୍ଦ ଗୋଟେ ଡିଆଁ ରୋଗ
ଆଖିରୁ ଆଖିକୁ ଡେଇଁ
କେତେ କେତେ କଲିଜାରେ ଲଗାଏ ଅକାରଣ ଦାଗ ।

ଥରକୁ ଥର ନାରଖାର ହେଲେ ବି
କେଡ଼େ ସୁନ୍ଦର ବାଗରେ ପୁଣି
ସୁନ୍ଦର ସବୁଜିମାରେ
ନିଜକୁ ସଜେଇ ଦିଏ ବଗିଚାଟି
ଥୁଣ୍ଟା ଡାଳସବୁ
ନୂଆ ଭାବର ଉଦ୍‌ବେଳନରେ ଉଚ୍ଛୁଳି ଉଠନ୍ତି
କେବେ କେବେ ଶ୍ରାବଣ କି ଫଗୁଣ
ଯେତେ ଆଉଁଶିଲେ ବି
ଜମା ଆଖି ଖୋଲେନି ଥୁଣ୍ଟା ମାଟି ।

ସତ କଥା ହେଲା
ପ୍ରେମକୁ କେବେ ଠିକ୍‌ରେ ବୁଝି ହେଲାନି ।

ଯାବତୀୟ ଆକ୍ରମଣର କବଳରୁ
କୁନି କୁନି ତାରାମାନଙ୍କୁ ଉଦ୍ଧାର କରି ହେଲାନି ।

'ସାଇ ସର୍ଜନା' ଜଗନ୍ନାଥ କଲୋନୀ
ବାଲିକୁଦା, କଟକ -୭୫୩୦୧୧
ମୋ: ୬୩୭୧୫୨୩୫୯୮

# ସତ୍ୟବାଦୀ ସାହିତ୍ୟର ବୈଶିଷ୍ଟ୍ୟ

ଡକ୍ଟର ହେମନ୍ତ କୁମାର ଛୋଟରାୟ



ଓଡ଼ିଆ ସାହିତ୍ୟରେ ୧୯୦୯ଠାରୁ ୧୯୨୧ ମସିହା ପର୍ଯ୍ୟନ୍ତ ଲିଖିତ ସାହିତ୍ୟକୁ ସମାଲୋକଚମାନେ ସତ୍ୟବାଦୀ ଯୁଗ ନାମରେ ନାମିତ କରିଛନ୍ତି । 'ସତ୍ୟବାଦୀ ବନବିଦ୍ୟାଳୟ', 'ସତ୍ୟବାଦୀ' ସାହିତ୍ୟ ପତ୍ରିକା ପ୍ରକାଶନ ଓ ସତ୍ୟବାଦୀର ଆରାଧନା ଯୋଗୁଁ ଏହି ଯୁଗର ସାଧକମାନେ ଯେଉଁ ଚେତନାର ବିକାଶ ଘଟାଇଛନ୍ତି, ତାହା ସତ୍ୟବାଦୀ ଚେତନା ରୂପେ ଗୃହୀତ । ଆଧୁନିକ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିବା ଦିଗରେ ଏହି ମନସ୍ୱୀ ସ୍ରଷ୍ଟାମାନଙ୍କ ସାମୂହିକ ପ୍ରଚେଷ୍ଟା ଆଜି ଅବିସ୍ମରଣୀୟ ଇତିହାସ । ଏହି ସାଧକମାନଙ୍କ ମଧ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଅଗ୍ରଭାଗରେ ରହିଥିଲେ ହେଁ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ଐତିହାସିକ କୃପାସିନ୍ଧୁ ଓ ଆଚାର୍ଯ୍ୟ ହରିହରଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ଏହି ଯୁଗର ବିନ୍ଧାଣିମାନଙ୍କ ସର୍ଜନାରେ ମୁଖ୍ୟତଃ ଜାତୀୟବାଦ, ଆଧ୍ୟାତ୍ମିକତା, ଐତିହାସିକ ଅନୁଶୀଳନ, ମୁକ୍ତିଗାଥା, ମାନବପ୍ରେମ ଓ ସାମାଜିକ ଚିତ୍ର ପ୍ରତିଫଳିତ ହୋଇଛି ।

ଜାତୀୟତାର ଚେତନା ସର୍ବାଧିକ ପ୍ରତିଫଳିତ ହୋଇଛି ଗୋପବନ୍ଧୁଙ୍କ ରଚନାରେ । ଜାତୀୟ ଜୀବନର ବିକାଶ ପାଇଁ ସେ ନିଜକୁ ତିଳତିଳ ଦଗ୍ଧ କରିଛନ୍ତି । ଜାତି ପାଇଁ ଭଲ ମଣିଷମାନଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ସେ ଆରମ୍ଭ କରିଥିଲେ, ମଣିଷଗଢ଼ା କାରଖାନା ଇତିହାସ ପ୍ରସିଦ୍ଧ 'ବନବିଦ୍ୟାଳୟ' । ଭାରତର ମୁକ୍ତି ସଂଗ୍ରାମ ପାଇଁ ବନବିଦ୍ୟାଳୟର ଶିକ୍ଷକ ଗୋଷ୍ଠୀ ପ୍ରାଣପଣେ ଉଦ୍ୟମ କରିଥିଲେ । ଏହି ସମସ୍ତ ପ୍ରଜ୍ଞାପୁରୁଷଙ୍କ ତ୍ୟାଗ ଅତୁଳନୀୟ ଥିଲା । କେବଳ ଗୋପବନ୍ଧୁ ନୁହଁନ୍ତି, ନୀଳକଣ୍ଠ, କୃପାସିନ୍ଧୁ, ଗୋଦାବରୀଶ ମଧ୍ୟ ନିଜ ରଚନାରେ ଜାତୀୟତାକୁ ପ୍ରାଧାନ୍ୟ ଦେବାରେ ଅବହେଳା କରିନାହାନ୍ତି । ଅନ୍ୟ ସହକର୍ମୀଙ୍କ ସହିତ ନିଜେ ଗୋପବନ୍ଧୁଙ୍କ ଦୃଷ୍ଟିକୋଣ ହେଉଛି -

"ଜାତୀୟ ମମତା ବିଶ୍ୱଜନ ପ୍ରୀତି,
ଉତ୍କଳବାସୀର ହେଉ ଏହା ନୀତି ।"

ଗୋପବନ୍ଧୁଙ୍କ ରଚନା ମଧ୍ୟରେ 'ଅବକାଶ ଚିନ୍ତା', 'କାରାକବିତା', 'ବନ୍ଦୀର ଆତ୍ମକଥା', 'ଧର୍ମପଦ'; ନୀଳକଣ୍ଠଙ୍କ 'କୋଣାର୍କେ', 'ଖାରବେଳ', 'ଆର୍ଯ୍ୟଜୀବନ'; ଗୋଦାବରୀଶଙ୍କ 'କଳିକା', 'ଆଲେଖିକା', 'କିଶଳୟ', 'ପୁରୁଷୋ ମଦେବ', 'ମୁକୁନ୍ଦଦେବ', 'ଅଭାଗିନୀ', 'ଗଳ୍ପମାଳା', 'ପୁଆଣିଘର' ଓ କୃପାସିନ୍ଧୁଙ୍କ 'ବାରବାଟୀ', 'କୋଣାର୍କ' ଆଦି ପୁସ୍ତକ ଜାତୀୟ ଚେତନାରେ ସମୃଦ୍ଧ ଗୋଟିଏ ଗୋଟିଏ ଅମୂଲ୍ୟ ଦସ୍ତାବିଜ୍ । ଏପରିକି ବହୁବର୍ଷ ଧରି ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ରହିଆସିଥିବା କୃପାସିନ୍ଧୁଙ୍କ 'କା' ପ୍ରବନ୍ଧ ମଧ୍ୟ ଜାତୀୟ ଚେତନାର ଏକ ମହତ୍ତ୍ୱପୂର୍ଣ୍ଣ ବିଚାର କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତବର୍ଷ ଭଳି ସମୃଦ୍ଧିଶାଳୀ ଦେଶର ସୌଧ ଦଣ୍ଡାୟମାନ ହୋଇଛି ଆଧ୍ୟାତ୍ମିକତାର ଭିତ୍ତି ପ୍ରସ୍ତର ଉପରେ । ଏ ଦେଶର ପ୍ରାଚୀନ ସାହିତ୍ୟରୁ ଆଧୁନିକ ସାହିତ୍ୟ ଯାଏଁ ସବୁ ସାହିତ୍ୟରେ ଆଧ୍ୟାତ୍ମିକତାର ବାର୍ତ୍ତା ଭରପୂର ରହିଛି । ଓଡ଼ିଆ ସାହିତ୍ୟରେ ମଧ୍ୟ ସାରଳା ଦାସଙ୍କଠାରୁ ଆରମ୍ଭ କରି ବଳରାମ, ଜଗନ୍ନାଥ, ଯଶୋବନ୍ତ, ଅନନ୍ତ ଆଦି ସିଦ୍ଧସାଧକମାନେ ଯେଉଁ ସନ୍ଥସାହିତ୍ୟର ଅପୂର୍ବଧାରା ସୃଷ୍ଟି କଲେ, ତାହା ଓଡ଼ିଆ ସାହିତ୍ୟକୁ ମର୍ଯ୍ୟାଦାବନ୍ତ କରିବାରେ ସହାୟକ ହୋଇଆସିଛି । ସତ୍ୟବାଦୀ ସାହିତ୍ୟ ସ୍ରଷ୍ଟାମାନେ ମଧ୍ୟ ତାଙ୍କ ଅମୂଲ୍ୟ ସୃଷ୍ଟିରେ ଧର୍ମ, ଆଧ୍ୟାତ୍ମିକ ଚେତନା ଓ ଈଶ୍ୱରଭକ୍ତିକୁ ପ୍ରାଧାନ୍ୟ ଦେଇଛନ୍ତି । ଗୋପବନ୍ଧୁଙ୍କ 'ଗୋମାହାତ୍ମ୍ୟ', 'ନଚିକେତା ଉପାଖ୍ୟାନ'; ନୀଳକଣ୍ଠଙ୍କ 'ଭକ୍ତିଗାଥା', 'ଆର୍ଯ୍ୟଜୀବନ'; ଗୋଦାବରୀଶଙ୍କ 'କଳିକା', 'କୁସୁମ', 'କବିତା ଚୟନ', 'ଗୀତିଗୁଚ୍ଛ; କୃପାସିନ୍ଧୁଙ୍କ 'ଲୀଳା' ପ୍ରବନ୍ଧ ଆଦିରେ ଆଧ୍ୟାତ୍ମିକତାର ଜ୍ୱଳନ୍ତ ଛବି ପ୍ରକଟିତ ହୋଇଛି । ନୀଳକଣ୍ଠଙ୍କ ଭକ୍ତିଗାଥାର -

"ଜୀବନ ମରଣ ସମ, ସବୁ ଯେ ତୁମ୍ଭରି
ବିଳାସ ବ୍ୟସନ ପାପ ପୁଣ୍ୟ ଅନୁଷ୍ଠାନ
ନିରାଶ ଅନ୍ତରେ ଯାଏ ତବ ଆଶା ଧରି
ଦୁର୍ବଳ ମୁଁ ତବ ବଳେ ମହାବଳୀୟାନ ।
ସ୍ମରି ତବ ସେ ବିଭୂତି ଦେବାର୍ଚ୍ଚନ କରେ ନିତି
ନ ଗଣି ସେ ଅର୍ଚ୍ଚନାରେ ଫଳର ଭିଆଣ ।।"

ପଙ୍କ୍ତିରେ ରହିଛି ଧର୍ମ ଦର୍ଶନ, ଭକ୍ତି ପୁଷ୍ପାଞ୍ଜଳି ଓ ଆଧ୍ୟାତ୍ମିକତାର ସମଧୁର ବାର୍ତ୍ତା, ଯାହା ସତ୍ୟବାଦୀ ସାହିତ୍ୟଯୁଗର ଅନ୍ୟତମ ବୈଶିଷ୍ଟ୍ୟ । ଇତିହାସର ଅନୁଶୀଳନ ଗୋଟିଏ ଜାତିର ଭବିଷ୍ୟତକୁ ସୁଦୃଢ଼ କରିଥାଏ । ଓଡ଼ିଶାର ଇତିହାସ ସେତେବେଳେ ଅଣଓଡ଼ିଆ ପ୍ରଶାସକମାନେ ଲେଖୁଥିଲେ । ତହିଁରେ ଅନେକ ଭୁଲ୍ ତଥ୍ୟ ପରିବେଷିତ ହେଉଥିଲା, କିନ୍ତୁ ଏଥିରେ ସଂସ୍କାର ଆଣି ଆମ ଓଡ଼ିଆ ଜାତିର ବୀରତ୍ୱଗାଥାକୁ ଅନୁଶୀଳନ କରିଥିଲେ ସତ୍ୟବାଦୀ ସ୍ରଷ୍ଟାଗଣ । ଆମମାନଙ୍କ ଶୌର୍ଯ୍ୟ-ବୀର୍ଯ୍ୟର ପ୍ରତୀକ ହେଉଛି କୃପାସିନ୍ଧୁଙ୍କ 'ବାରବାଟୀ ଦୁର୍ଗ' ପୁସ୍ତକ, ଯାହା ପ୍ରତ୍ୟେକଙ୍କ ମନରେ ନବଜାଗରଣ ସୃଷ୍ଟି କରିଥିଲା । ସେହିପରି ଗୋପବନ୍ଧୁଙ୍କ 'ଧର୍ମପଦ', ନୀଳକଣ୍ଠଙ୍କ 'କୋଣାର୍କେ', 'ଖାରବେଳ'; ଗୋଦାବରୀଶଙ୍କ 'ପୁରୁଷୋ ମଦେବ', 'ମୁକୁନ୍ଦଦେବ' ନାଟକ ଓ କୃପାସିନ୍ଧୁଙ୍କ 'କୋଣାର୍କ', 'ଉତ୍କଳର ଇତିହାସ' କେବଳ ଐତିହାସିକ ଘଟଣାବଳୀକୁ ନେଇ ରଚିତ ହୋଇନାହିଁ ବରଂ ଏଥିରେ ଓଡ଼ିଆ ଜାତିର ଦେଶପ୍ରେମ ଓ ଗୌରବଗାଥାର ମାର୍ମିକ ଅନୁଶୀଳନ ପରିସ୍ଫୁଟ । ଅନୁବାଦ ହିଁ ଭାଷାଗତ ବିବିଧତାକୁ ଦୂର କରି ସାର୍ବଜନୀନ ପାଠକୀୟତା ସୃଷ୍ଟି କରିବାକୁ ସକ୍ଷମ ହୋଇଥାଏ । ସାହିତ୍ୟକ୍ଷେତ୍ରରେ ଅନ୍ୟର ଅନୁଭୂତିକୁ ଅନୁଭବ କରିବା ପାଇଁ ଅନୁବାଦ ଏକ ମିଳନ ମଞ୍ଚ । ସତ୍ୟବାଦୀ ସୃଜନସ୍ରଷ୍ଟାମାନେ ଏ ଦିଗରେ ଯତ୍ନବାନ ହୋଇ ନିଜର ଲେଖନୀ ଚଳାଇ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାକୁ ଆଗେଇ ଆସିଛନ୍ତି । ଏହା ପୂର୍ବରୁ ଫକୀରମୋହନ, ରାଧାନାଥ ପ୍ରମୁଖ ଲେଖକ ଅନୁବାଦ କ୍ଷେତ୍ରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ହେଁ ଗୋପବନ୍ଧୁ ସଂସ୍କୃତ ମହାଭାରତରୁ 'ଗୋ-ମାହାତ୍ମ୍ୟ', 'ବ୍ରହ୍ମତତ୍ତ୍ୱ ବା ନଚିକେତା ଉପାଖ୍ୟାନ', ନୀଳକଣ୍ଠ ଟେନସନ୍‌ଙ୍କ 'ଦି ପ୍ରିନ୍‌ସେସ୍'ରୁ 'ପ୍ରଣୟିନୀ', ଟେନସନ୍‌ଙ୍କ 'ଏନୋକ ଆର୍ଡେନ୍'ରୁ 'ଦାସନାଏକ'; ଗୋଦାବରୀଶ ଟେନିସନ୍, ୱାର୍ଡସ୍‌ୱାର୍ଥ, ୱାଲ୍‌ଟର୍ ସ୍କଟ୍ ପ୍ରମୁଖଙ୍କ କବିତାରୁ 'ଚୟନିକା', ଷ୍ଟିଭେନ୍‌ସନ୍‌ଙ୍କ ଉପନ୍ୟାସ 'ଡ.ଜେକ୍‌ଲି ଆଣ୍ଡ ମି.ହାଇଡ୍'ରୁ 'ଘଟାନ୍ତର', ଡିକେନ୍‌ସନ୍‌ଙ୍କ ଉପନ୍ୟାସ 'ଏ ଟେଲ୍ ଅଫ୍ ଟୁ ସିଟିଜ୍'ରୁ 'ଅଠରଶହ ସତର'; ଆଚାର୍ଯ୍ୟ ହରିହର ସଂସ୍କୃତ ଗୀତା ଓ ଉପନିଷଦରୁ 'ଶ୍ରୀମଦ୍‌ଭଗବଦ୍‌ଗୀତା', 'ଉପନିଷଦ' ଆଦି ଅନୁଦିତ ପୁସ୍ତକ ରଚନା କରି ନିଜସ୍ୱ ଜ୍ଞାନ ଓ କଳା-କୌଶଳର ଚମତ୍କାରିତା ଛାଡ଼ିଦେଇ ଯାଇଛନ୍ତି, ଯାହାର ପାଠକୀୟତା ଯୁଗେ ଯୁଗେ ଅମଳିନ ହୋଇ ରହିବ ।

ଓଡ଼ିଆ ଜାତି କେବେ ଭୀରୁ କାପୁରୁଷ ପରି ନ ବଞ୍ଚୁ - ଏହା ଥିଲା ସତ୍ୟବାଦୀ ସାହିତ୍ୟିକମାନଙ୍କ ପ୍ରଧାନ ଆଭିମୁଖ୍ୟ । ସେଥିପାଇଁ ଗୋପବନ୍ଧୁଙ୍କ ଆହ୍ୱାନ - "ପଛଘୁଞ୍ଚା ନାହିଁ ବୀରର ଜାତକେ । ନ ମରୁ ସେ କେବେ ପରାଣ ଆତଙ୍କେ ।।"କୁ ଉଦାହରଣ ରୂପେ ନିଆଯାଇପାରେ । ଜାତିଭେଦ ଗୋଟିଏ ଜାତିର ପ୍ରଗତି ପାଇଁ ପାହାଡ଼ ଭଳି ପ୍ରତିବନ୍ଧକ । ଜାତିଭେଦ ବିରୁଦ୍ଧରେ ସ୍ୱର ମଧ୍ୟ ଦେଖିବାକୁ ମିଳେ ଏହି ଯୁଗର ସାରସ୍ୱତ ସ୍ରଷ୍ଟାମାନଙ୍କ ବକ୍ତବ୍ୟରେ । ଆଚାର୍ଯ୍ୟ ହରିହର ନିଜର ପଇତା କାଢ଼ିଦେଇ ମନ୍ତବ୍ୟ ଦେଇଥିଲେ ଯେ "ମୁଁ ଅନୁଭବ କରୁଛି ମୋ ଭିତରେ ସବୁ ଜାତି ଅଛନ୍ତି । ମୁଁ ଗୋଟିଏ ଜାତି ଭିତରେ ବାନ୍ଧି ହେବାଟା କ'ଣ ଠିକ୍ ହେବ?... ।" ସମାଜ ସଂସ୍କାର ପାଇଁ ନୀଳକଣ୍ଠଙ୍କ 'ଅଛୁ ଓ ହେବୁ' ଓ 'ମୋ ନିଶ' ଆଦି ସେହି ଶ୍ରେଣୀର ସୃଷ୍ଟି ।

ବାସ୍ତବ ପକ୍ଷେ ସତ୍ୟବାଦୀ ଯୁଗର ସମଗ୍ର ସାହିତ୍ୟକୁ ଅନୁଶୀଳନ କଲେ ଜଣାଯାଏ, ଏଥିରେ ଦୟା, ପ୍ରେମ, କରୁଣା, ତ୍ୟାଗ, ସାଧୁତା, ବିଶ୍ୱାସ ଓ ସତ୍ୟ ପ୍ରତି ନିଷ୍ଠାର ମାନବବାଦୀ ଚେତନା ବହୁଳ ଭାବେ ଅନୁରଣିତ । ସରଳ ବୋଧଗମ୍ୟ ଭାଷା ଓ ସୁଚିନ୍ତିତ ଶୈଳୀରେ ପାଠକପ୍ରାଣକୁ ଆହ୍ଲାଦିତ କରିବାକୁ ସକ୍ଷମ ଏହି ଯୁଗର ସାହିତ୍ୟ - ଏଥିରେ ସନ୍ଦେହ ନାହିଁ । ସ୍ରଷ୍ଟାମାନଙ୍କ ଅମ୍ଳାନ ରଚନା ଉଚ୍ଚକୋଟୀର କୃତି ଓ ମର୍ଯ୍ୟାଦାସମ୍ପନ୍ନ ହୋଇଥିବାରୁ ଏହି ସମୟର ମନସ୍ୱୀ ଲେଖକମାନେ ଯୁଗଯୁଗ ପାଇଁ ଅମର ହୋଇ ରହିବେ ।

ନାଗାବଗିଚା, ମଧୁବନ ପ୍ରଥମଗଳି, ପୁରୀ-୨
ମୋ: ୯୮୬୧୪୭୨୪୫୭

## ପୁସ୍ତକ ପରିଚୟ

### ଭାବ ବିଭାବନା

ଦୁର୍ଗାପ୍ରସାଦ ଆଚାର୍ଯ୍ୟ




ପଶ୍ଚିମା ପବ୍ଲିକେଶନ୍‌ସ
୧୮୮୨, ନୟାପଲ୍ଲୀ,
ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୪
ମୂଲ୍ୟ: ୨୨୯ ଟଙ୍କା

ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କ ଲଳିତ ନିବନ୍ଧ ସଂକଳନ 'ଭାବ ବିଭାବନା' ପ୍ରକାଶ ପାଇଛି । ଏହି ପୁସ୍ତକରେ ସଂକଳିତ ପ୍ରବନ୍ଧଗୁଡ଼ିକ ସଂକ୍ଷିପ୍ତ ଅଥଚ ଭାବଗର୍ଭକ । ପ୍ରତିଟି ପ୍ରବନ୍ଧରେ ନାନ୍ଦନିକ ଅନୁଭୂତି ଓ ଅଭିଜ୍ଞତାର ପରିପ୍ରକାଶ ଘଟିଛି । 'ଜଣେ ପଦାର୍ଥ ବିଜ୍ଞାନୀଙ୍କ ଦୃଷ୍ଟିରେ ଈଶ୍ୱର- ପ୍ରତ୍ୟୟ', 'ଜୀବନ କବିତା', 'କୃତ୍ରିମ ବୁଦ୍ଧିମତ୍ତା ଓ ମାନବୀୟ ସୃଜନଶୀଳତା', 'ଅଲୌକିକ ଭାବ ବିଶ୍ୱାସ ଓ ବିଜ୍ଞାନ', 'ଡକ୍ଟର ଆମ୍ବେଦକର ଓ ବୌଦ୍ଧଧର୍ମର ବିଚାରଧାରା', 'ଈଶ୍ୱରବାଦୀ ଭାବବିଚାର ଓ ହେତୁବାଦ', 'ଓଡ଼ିଆ ଭାଷାକୋଷର ଉଚ୍ଚାଙ୍ଗ ଶବ୍ଦ ସମ୍ଭାର', 'ଫ୍ରାନ୍‌ଜ କାଫ୍‌କା ଏବେ ବି ପ୍ରାସଙ୍ଗିକ କାହିଁକି', 'ରବୀନ୍ଦ୍ର ନାଥ ଓ ଆଇନଷ୍ଟାଇନ୍', 'ଓଡ଼ିଆ ଭାଷାର ଜାହ୍ନବୀ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ଚିନ୍ତନଶୀଳ ହୋଇଛି । ଏହି ପୁସ୍ତକର ପ୍ରତ୍ୟେକ ପ୍ରବନ୍ଧ ତଥ୍ୟଭିତ୍ତିକ ଓ ଯୁକ୍ତିସଂଗତ । 'ବିଡ଼ମ୍ବିତ ଦାମ୍ପତ୍ୟ', 'ରୋବଟ୍‌ର ଆତ୍ମହତ୍ୟା', 'ବନ୍ଦୀ ମାନବିକ ମୂଲ୍ୟବୋଧ ଓ ଜଣେ ନିର୍ଭୟ ଶିକ୍ଷାଦାତ୍ରୀ' ଆଦି ଲଳିତ ନିବନ୍ଧରେ ସାଂପ୍ରତିକ ସମାଜର କେତେକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଛି । ବିଜ୍ଞାନ, ଧର୍ମ, ଦର୍ଶନ, ରାଜନୀତି, ଭାଷା, ସାହିତ୍ୟ ଆଦି ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ଏହି ପୁସ୍ତକରେ ସନ୍ନିବେଶିତ ପ୍ରବନ୍ଧଗୁଡ଼ିକ ଋଦ୍ଧିମନ୍ତ ହୋଇଛି । ପୁସ୍ତକରେ ସଂକଳିତ ପ୍ରତିଟି ଲେଖାର ସ୍ୱର ଓ ଭାବ ନିଆରା । 'ଭାବ ବିଭାବନା'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

### ଭାବରୂପ

ପବିତ୍ର ମୋହନ ଦାଶ



ଅଦିତି
କଟକ
ପ୍ରଥମ ପ୍ରକାଶ: ୨୦୨୩
ମୂଲ୍ୟ: ୯୦ ଟଙ୍କା

କବିତାରେ ଭାବର କୋଣାର୍କ ନିର୍ମାଣ କରୁଥିବା କବି ପବିତ୍ର ମୋହନ ଦାଶଙ୍କ ନିବନ୍ଧ ପୁସ୍ତକ 'ଭାବରୂପ' ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ୨୧ଟି ନିବନ୍ଧ ସଂକଳିତ ହୋଇଛି । 'ପଠିତ କବିତ୍ୱ ବନାମ ପରିବେଷିତ କବିତ୍ୱ', 'ନେପଥ୍ୟ ସଙ୍ଗୀତ ଓ ନାଟକୀୟତା', 'ଚିରନ୍ତନତା ଓ ମୁହୂର୍ତ୍ତର ସୀମାନ୍ତ', 'ହାଟ, ବାଟ ଓ ଭାଷା ଚହଟ', 'କାବ୍ୟ ନାୟକର ରୂପାନ୍ତର', 'ଶବ୍ଦଙ୍କ ଜୀବନ୍ୟାସ', 'ଦୁଃଖବୋଧ ଓ କବିତ୍ୱ', 'ଦୁଃଖ ସହ ବାସ', ' ଅନ୍ଧାରର ଆଲୁଅରେ କବିପଣ', 'ଅଜ୍ଞାତର ରୂପକ', 'କଳ୍ପଲୋକ ବନାମ ବାଞ୍ଛିତ ପୃଥିବୀ', 'ଅନାତ୍ମାର କବିତା', 'ଅସ୍ତିତ୍ୱର କୁହୁକ ଓ ଆନନ୍ଦବୋଧ', 'ବିସ୍ମୟବୋଧ ଓ ସର୍ଜନା', 'କଳ୍ପନାର ଚଳନ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚାଙ୍ଗ ଓ ମନଛୁଆଁ ହୋଇଛି । 'ପଠିତ କବିତ୍ୱ ବନାମ ପରିବେଷିତ କବିତ୍ୱ' ନିବନ୍ଧଟି ଚମତ୍କାର ହୋଇଛି । ଲୋକକବିଙ୍କ କବିତା କିଭଳି ଆଜି ମଧ୍ୟ ସାଧାରଣ ଲୋକଙ୍କୁ ଆକୃଷ୍ଟ କରିପାରିଛି, ତାହା ବର୍ଣ୍ଣନା କରାଯାଇଛି ଏହି ପ୍ରବନ୍ଧରେ । ଏହି ପୁସ୍ତକର ଅନେକ ପ୍ରବନ୍ଧରେ କବିତାର ଭାବ ଓ ଜୀବନବୋଧର କଥା ଉତ୍କୀର୍ଣ୍ଣ ହୋଇଛି । କଳା, କବିତା, ସଙ୍ଗୀତ, ନାଟକ ଭିତରେ ଥିବା ଆନନ୍ଦବୋଧ ଓ ଜୀବନମୟତାକୁ ଅତି ସୂକ୍ଷ୍ମ ଭାବରେ ବିଭିନ୍ନ ପ୍ରବନ୍ଧରେ ପ୍ରାବନ୍ଧିକ ଆଲୋକପାତ କରିଛନ୍ତି । ଗଦ୍ୟ ରଚନା ଭିତରେ କବିତାର ଭାବକୁ ପାଠକମାନେ ଏହି ପୁସ୍ତକରେ ଅନୁଭବ କରିବେ ବୋଲି ଆଶା କରାଯାଏ ।

### ଲମ୍ବା ରାତି

ମମତା ସାହୁ



ଟାଇମ୍ ପାସ୍
ନୀଳକଣ୍ଠେଶ୍ୱର ମାର୍ଗ, ବରମୁଣ୍ଡା
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୯୫ ଟଙ୍କା

"ଏବେ ରାତିରେ ରତି ନାହିଁ କି/ ରତିରେ ରାତି/ ଝରକା ଫାଙ୍କରେ/ ଦରମଲା ଜହ୍ନ ମାଗୁଛି ସୁରତି/ ପଦିଆନା ସିଲଟଟେ ଶୂନ ଲେଖି/ ଜୀବନକୁ ମୁଣ୍ଡୁଳି ଭାବୁଛି ।" ରାତି ବେଶ୍ ରହସ୍ୟମୟ । କିନ୍ତୁ ଏହି ରହସ୍ୟ ଭିତରେ ମଧ୍ୟ ଛପି ରହିଛି ଜୀବନର ସ୍ୱାଦ । ଏଭଳି ସ୍ୱପ୍ନମୟ ରାତିର ଗହନ କଥା ମାର୍ମିକ ଭାବେ ପ୍ରତିଫଳିତ ହୋଇଛି ମମତା ସାହୁଙ୍କ 'ଲମ୍ବା ରାତି' କବିତା ପୁସ୍ତକରେ । ଏହି ପୁସ୍ତକରେ ସଂକଳିତ 'ଚିତ୍ର ପ୍ରତିମା', 'ଡାହାଣୀ', 'ବିସ୍ଥାପିତ', 'ଦେଶ', 'ସ୍ତ୍ରୀ ଲୋକ', 'ଦେହଦାହ', 'କାଳିଝିଅର ମାଆ', 'ବର୍ଷାବରଣ', 'ଝିଅ ଓ ବର୍ଷା', 'ଦଗାବାଜ୍ ପ୍ରେମିକା', 'ସଞ୍ଜ ନଇଁଗଲେ', 'ଲହୁ', 'ଦୋଚାରୁଣୀ' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ମାନବୀୟ ଆବେଗ, ଜୀବନର ଦ୍ୱନ୍ଦ୍ୱ, ସଂଘର୍ଷ, ସାମାଜିକ ବାସ୍ତବତାର ଚିତ୍ର ମର୍ମସ୍ପର୍ଶୀ ଭାବେ ଅନେକ କବିତାରେ ପ୍ରସ୍ଫୁଟିତ ହୋଇଉଠିଛି । ସେହିପରି 'ରାତି ସାଢ଼େବାର', 'ଖରାବେଳେ ନାରୀ ନଦୀ ରାତି ହେଲେ ସମୁଦ୍ର', 'ରାତିଟା ଭାରି ସନ୍ଦେହୀ', 'ଲମ୍ବା ରାତି', 'ଶୀତରାତି ଓ ରାଜକୁମାରମାନେ', 'ଜହ୍ନ ରାତିରେ ବର୍ଷା' ଆଦି କବିତାରେ ରାତିର ଚିତ୍ର, ଚରିତ୍ରର କଥା ବର୍ଣ୍ଣିତ ହୋଇଛି । କବି କେତେବେଳେ ପ୍ରେମର ଉଚ୍ଛ୍ୱାସ ତ ପୁଣି କେତେବେଳେ ବିଦ୍ରୋହର ସ୍ୱର ଉତ୍ତୋଳନ କରିଛନ୍ତି କବିତା ମାଧ୍ୟମରେ । 'ଲମ୍ବା ରାତି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ଅଭୟାରଣ୍ୟରୁ ବେଆଇନ ଇଟାଭାଟି ହଟାଅ: ହାଇକୋର୍ଟ

କଟକ, ୧୮ ।୧(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଲଡିହା ବନ୍ୟଜନ୍ତୁ ଅଭୟାରଣ୍ୟର ସମ୍ବେଦନଶୀଳ ଇକୋ-ସେନସିଟିଭ୍ ଜୋନ୍ (ଇଏସଜେଡ) ଅଞ୍ଚଳରେ ଚାଲୁଥିବା ବେଆଇନ ଇଟାଭାଟିଗୁଡ଼ିକୁ ହଟାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆସନ୍ତା ଜୁଲାଇ ୩୦ପର୍ଯ୍ୟନ୍ତ ଇଟାଭାଟିଗୁଡ଼ିକ ଚାଲିବା ପାଇଁ ଅନୁମତି ପ୍ରଦାନ ନିମନ୍ତେ ଇଟାଭାଟି ମାଲିକମାନେ ହାଇକୋର୍ଟରେ ଏକ ଅନ୍ତରୀଣ ଆବେଦନ ଦାୟର କରିଥିଲେ ମଧ୍ୟ ଅଦାଲତ ଏହାକୁ ଗ୍ରହଣ କରିନାହାନ୍ତି । ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଏହି ଇଟାଭାଟିଗୁଡ଼ିକୁ ମାଲିକମାନେ ନିଜଆଡୁ ହଟାଇବେ, ନଚେତ ଜିଲ୍ଲାପାଳ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଚ୍ଛେଦ ସୁନିଶ୍ଚିତ କରିବେ ବୋଲି ହାଇକୋର୍ଟ କହିଛନ୍ତି । ହରୀଶ ଚନ୍ଦ୍ର ଜେନାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ମାମଲାରେ ବାଲେଶ୍ୱର ଜିଲ୍ଲାପାଳ ଓ ନୀଳଗିରି ତହସିଲଦାର ଶୁଣାଣି ସମୟରେ ଭର୍ଚୁଆଲରେ ଉପସ୍ଥିତ ରହିଥିଲେ । ତେବେ ପରବର୍ତ୍ତୀ ସମୟରେ ଏହି ଅଭୟାରଣ୍ୟ ଇକୋ-ସେନ୍‌ସିଟିଭ୍ ଜୋନ୍‌ରୁ ସମସ୍ତ ଇଟାଭାଟିଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ଓ ଆଉ ଅନୁମତି ଦିଆନଯିବା ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ବଢ଼ିଲା ଅଧିକାରୀଙ୍କ ସରକାରୀ ଗାଡ଼ି ବ୍ୟବହାର ଦେୟ

ଭୁବନେଶ୍ୱର,୧୮ ।୧(ସମିସ): ଏଣିକି ଅଧିକାରୀମାନେ ସରକାରୀ ଗାଡ଼ିର ବ୍ୟବହାର କଲେ ଅଧିକ ଅର୍ଥ ପୈଠ କରିବାକୁ ହେବ । ଗତ ୮ ବର୍ଷ ହେଲା ଗାଡି ଭଡ଼ାରେ ପରିବର୍ତ୍ତନ ହୋଇ ନ ଥିବା ବେଳେ ଇନ୍ଧନ ମୂଲ୍ୟ ବହୁ ଗୁଣରେ ବଢ଼ିଛି । ଏହାକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ପକ୍ଷରୁ ଦରରେ ପରିବର୍ତ୍ତନ କରାଯାଇଛି । ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ବାସଭବନରୁ ଦପ୍ତର ଏବଂ କଟକ-ଭୁବନେଶ୍ୱର ମଧ୍ୟରେ ଯିବା ଆସିବା ଲାଗି ଭିନ୍ନ ଭିନ୍ନ ଦର ଲାଗୁ ହେବ । ସଚିବ, ଅତିରିକ୍ତ ସଚିବ, ବିଭାଗୀୟ ମୁଖ୍ୟ, ଆରଡିସି ମାନଙ୍କ ସରକାରୀ ଗାଡ଼ି ବ୍ୟବହାର ପାଇଁ ମାସିକ ୧୬୮୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା । ଏବେ ତାହା ୨୫୨୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ପ୍ରଶାସନିକ ବିଭାଗର ଅଧିକାରୀ ଏବଂ ବିଭାଗୀୟ ମୁଖ୍ୟମାନଙ୍କୁ ପୁଲ୍ ଆଧାରରେ ଯୋଗାଇ ଦିଆଯାଇଥିବା ଗାଡ଼ି ପାଇଁ ମାସିକ ୧୧୨୦ ଟଙ୍କା ଧାର୍ଯ୍ୟ ହୋଇଥିଲା ବେଳେ ତାହା ୧୬୮୦ ଟଙ୍କାକୁ ବୃଦ୍ଧି ପାଇଛି । ଅଧିକାରୀମାନଙ୍କୁ ବ୍ୟକ୍ତିଗତ ଭାବେ ଯୋଗାଇ ଦିଆଯାଇଥିବା ଗାଡି ପିଛା ମାସିକ ୧୪୦୦ ଟଙ୍କା ଆଦାୟ ହେଉଥିଲା ବେଳେ ଏବେ ୨୧୦୦ ଟଙ୍କା ଦେବାକୁ ହେବ । ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ଗାଡି ବାବଦରେ ମାସିକ ୧୧୨୦ ଟଙ୍କା ବୃଦ୍ଧି ପାଇ ୧୬୮୦ ଟଙ୍କା ହୋଇଛି ।

ଅପରପକ୍ଷେ ଭୁବନେଶ୍ୱର-କଟକ ମଧ୍ୟରେ ଅଧିକାରୀଙ୍କ ଯିବା ଆସିବା ପାଇଁ ଧାର୍ଯ୍ୟ ଥିବା ୬୦୦୦ ଟଙ୍କା ଅପରିବର୍ତ୍ତିତ ରହିଛି । ତେବେ ସ୍ୱାଧୀନ ଭାବେ ଗାଡି ପାଇବା ପାଇଁ ଯୋଗ୍ୟ ବିବେଚିତ ଦୁଇ ଅଧିକାରୀ ଯଦି ଏହି ରୁଟ୍‌ରେ ସରକାରୀ ଗାଡି ବ୍ୟବହାର କରନ୍ତି, ତା'ହେଲେ ଉଭୟଙ୍କ ପାଖରୁ ମାସିକ ୩୦୦୦ ଟଙ୍କା ଲେଖାଏଁ ଆଦାୟ କରାଯିବ । ବ୍ୟକ୍ତିଗତ କାର୍ଯ୍ୟରେ ଗାଡି ବ୍ୟବହାର କରୁଥିବା ସଚିବ କିମ୍ବା ତଦୁର୍ଦ୍ଧ୍ୱ ପାହ୍ୟାର ଅଧିକାରୀ, ଅତିରିକ୍ତ ସଚିବ, ବିଭାଗୀୟ ମୁଖ୍ୟ, ଜିଲ୍ଲାପାଳ, ପୁଲିସ ଆଇଜି କିମ୍ବା ତଦୁର୍ଦ୍ଧ୍ୱ ପାହ୍ୟାର ଆଇପିଏସ୍ ଅଧିକାରୀ, ସିସିଏଫ୍ କିମ୍ବା ତଦୁର୍ଦ୍ଧ୍ୱ ପାହ୍ୟାର ଆଇଏଫ୍‌ଏସ୍ ଅଧିକାରୀ, କମିଶନର ପାହ୍ୟାରେ ଥିବା ଆଇଏଏସ୍ ଅଧିକାରୀଙ୍କ ମାସିକ ୩୦୦ କିମି ପର୍ଯ୍ୟନ୍ତ ଗାଡି ବ୍ୟବହାର ନିମନ୍ତେ ଏବେ ୨୫୨୦ ଟଙ୍କା ଦାଖଲ କରୁଥିଲା ବେଳେ ଏଣିକି ୩୭୮୦ ଟଙ୍କା ଦେବେ । ୩୦୦ କିମିରୁ ଅଧିକ ଦୂର ଯାତ୍ରା ପାଇଁ ୪୨୦୦ ଟଙ୍କା ବଦଳରେ ୬୩୦୦ ଟଙ୍କା ଦେବାକୁ ହେବ ।

## ଓଏଏସ୍ ସ୍ତରରେ ଅଦଳବଦଳ / ଅମ୍ରିତା ପ୍ରୀତିନନ୍ଦା 'ବୋର୍ଡ'ର ପରୀକ୍ଷା ନିୟନ୍ତ୍ରକ

ଭୁବନେଶ୍ୱର, ୧୮ ।୧(ସମିସ): ଓଡ଼ିଶା ଶିକ୍ଷା ସେବା (ଓଇଏସ୍) ଅଧିକାରୀ ସ୍ତରର ବଡ଼ଧରଣର ଅଦଳ ବଦଳ ହୋଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଉପ ପରୀକ୍ଷା ନିୟନ୍ତ୍ରକ ଥିବା ଅମ୍ରିତା ପ୍ରୀତିନନ୍ଦାଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପରୀକ୍ଷା ନିୟନ୍ତ୍ରକ ଭାବେ ବଦଳି କରାଯାଇଛି । ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ବିଶ୍ୱଜିତ ଘୋଷଙ୍କୁ ଓସେପାର ଅତିରିକ୍ତ ନିର୍ଦ୍ଦେଶକ କରାଯାଇଥିବା ବେଳେ ଅମ୍ରିତା ପଟ୍ଟନାୟକ, ସସ୍ମିତା ସାହୁ ଓ ଗୌରୀରାଣୀ ନାୟକ ଓସେପା ଯୁଗ୍ମ ନିର୍ଦ୍ଦେଶକ ହୋଇଛନ୍ତି । ଓସେପା ଯୁଗ୍ମ ନିର୍ଦ୍ଦେଶକ ଥିବା ନିରଞ୍ଜନ ସାହୁଙ୍କୁ ଅନଗୁଳ ଏବଂ ରାମଚନ୍ଦ୍ର ନାହକଙ୍କୁ ରାୟଗଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଭାବେ ନିଯୁକ୍ତି ଦିଆଯାଇଛି । ଅଦଳବଦଳ ପରେ ପ୍ରାଚୀ ତନୟା ଗିରି ବାଲେଶ୍ୱର ଡିଇଓ ହୋଇଥିବାବେଳେ ବିଶ୍ୱନାଥ ସାହୁ ବରଗଡ଼, ଜଗବନ୍ଧୁ ସାହୁ ଭଦ୍ରକ, ପ୍ରଦୀପ କୁମାର ନାଗ ବଲାଙ୍ଗୀର, ଡେମଲାଲ ଦୁବେ ବୌଦ୍ଧ, ଯୋଗେନ୍ଦ୍ର କୁଜୁର ଦେବଗଡ଼, ସୁସ୍ମିତା ସାହୁ ଗଞ୍ଜାମ, ନିତ୍ୟାନନ୍ଦ ବାରିକ ଯାଜପୁର, ରାଧାକାନ୍ତ ଛତ୍ରୀ କଳାହାଣ୍ଡି, ସୋନାମିକା ରାୟ ଖୋର୍ଦ୍ଧା, ଅକ୍ରୁର ବାରିକ ମାଲକାନାଗିରି, ଚିତ୍ତରଞ୍ଜନ ପାଣ୍ଡେ ନୟାଗଡ଼, ଲକ୍ଷ୍ମଣ ଭୋଇ ସମ୍ବଲପୁର, ମିନାରାଣୀ ମଙ୍ଗଲ ସୋନପୁର, ପୂର୍ଣ୍ଣଚନ୍ଦ୍ର ବରିହା କେଉଁଝର ଓ ବସନ୍ତ କୁମାର ନାୟକ କେନ୍ଦ୍ରାପଡ଼ା ଡିଇଓ ଭାବେ ନିଯୁକ୍ତି ପାଇଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ପଦରେ ନିଯୁକ୍ତି ପାଇଁ ସ୍କୁଲ୍ ବ୍ରାଞ୍ଚ ଓ କଲେଜ ବ୍ରାଞ୍ଚ ଅଧିକାରୀଙ୍କ ମଧ୍ୟରେ ଉପୁଜିଥିବା ବିବାଦର ମଧ୍ୟ ଅନ୍ତ ହୋଇଛି । ପ୍ରଥମେ ଖୋର୍ଦ୍ଧା ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଏଡିଇଓ) ଥିବା ଅମ୍ରିତା ପ୍ରୀତିନନ୍ଦାଙ୍କୁ ପରୀକ୍ଷା ନିୟନ୍ତ୍ରକ କରିବା ଏବଂ ବିବାଦ ହେବା ପରେ ତାଙ୍କ ପଦାବନତ କରି ଉପପରୀକ୍ଷା ନିୟନ୍ତ୍ରକ ଭାବେ ନିଯୁକ୍ତି ହୋଇଥିଲା । ଏପ୍ରିଲ୍ ୩୦ରୁ ତାଙ୍କୁ ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ କରିବାକୁ ମଧ୍ୟ ବିଭାଗ ଦର୍ଶାଇଥିଲା । ହେଲେ ବରିଷ୍ଠତା ନେଇ ଉପୁଜିଥିବା ବିବାଦ ଥମିବା ବଦଳରେ ଅଧିକ ବଢ଼ିଥିଲା ।

## ଟୋଲ୍‌ଗେଟ୍ ଧରିବ ବୀମାବିହୀନ ଗାଡ଼ି

କଟକ, ୧୮ ।୧ (ସମିସ): ବର୍ଷବର୍ଷ ଧରି ବୀମା ନଥାଇ ଗାଡ଼ି ଚଳାଇ ଆସୁଥିବା ଚାଳକ ସାବଧାନ । ଏଥର ସେମାନଙ୍କୁ ଟୋଲଗେଟ୍ ଧରିବ ଏବଂ ସେମାନେ ଆଉ ଜରିମାନାରୁ ବର୍ତ୍ତିପାରିବେ ନାହିଁ । ପରିବହନ ପ୍ରାଧିକରଣ ପକ୍ଷରୁ ଏଭଳି ନିୟମ ଉଲ୍ଲଙ୍ଘନକାରୀଙ୍କୁ ସ୍ୱୟଂକ୍ରିୟ ପ୍ରଣାଳୀରେ ଧରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଇ-ଚିହ୍ନଟ ପ୍ରକ୍ରିୟାରେ ଏଭଳି ବୀମା ନଥିବା ଗାଡିଗୁଡ଼ିକ ପାଇଁ ଜାରି ହେବ ଇ-ଚାଲାଣ । ଆସନ୍ତା ଫେବ୍ରୁଆରୀ ପହିଲାରୁ ରାଜ୍ୟର ଜାତୀୟ ରାଜପଥଗୁଡ଼ିକରେ ଥିବା ସମସ୍ତ ୨୨ଟି ଟୋଲଗେଟ୍‌ରେ ଏହା କାର୍ଯ୍ୟକାରୀ ହେବାକୁ ଯାଉଛି । ଅନେକ ଘରୋଇ ଓ ବ୍ୟବସାୟିକ ଗାଡ଼ି ନିୟମ ଉଲ୍ଲଘଂନ କରି ବୀମା କରୁନାହାନ୍ତି । ଫଳରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ମୃତକଙ୍କ ପରିବାର ଅନୁକମ୍ପାମୂଳକ ବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି । ଏନେଇ ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ଏପରି ଏକ ନୂଆ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି । ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ଆୟୁକ୍ତ ଅମିତାଭ ଠାକୁର କହିଛନ୍ତି ।

ମୋଟର ଯାନ ଆଇନ ଅନୁଯାୟୀ, ବୈଧ ବୀମା ନଥାଇ ଗାଡ଼ି ଚଳାଚଳ କରୁଥିବା ନିୟମ ଉଲ୍ଲଘଂନକାରୀଙ୍କୁ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମୋଟର ଯାନ ଆଇନର ଧାରା ୧୪୬ ଅନୁଯାୟୀ ପ୍ରତ୍ୟେକ ମୋଟର ଯାନ ବୈଧ ବୀମାଭୁକ୍ତ ହେବା ବାଧ୍ୟତାମୂଳକ । ଏହାର ଉଲ୍ଲଘଂନ କଲେ ଧାରା ୧୯୬ ଅନୁଯାୟୀ ୨ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ୍ କିମ୍ବା ଉଭୟ ଦଣ୍ଡ

**ସ୍ୱୟଂକ୍ରିୟ ପଦ୍ଧତିରେ ଜାରି ହେବ ଇ-ଚାଲାଣ**

**ଫେବ୍ରୁଆରୀ ପହିଲାରୁ ୨୨ଟି ଟୋଲଗେଟ୍‌ରେ ଲାଗୁ**

ଭୋଗିବାକୁ ପଡ଼ିବ । ସେହିଭଳି ପୁନର୍ବାର ନିୟମ ଉଲ୍ଲଂଘନ କଲେ ଜରିମାନା ରାଶି ୪ହଜାର ଟଙ୍କା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ପ୍ରାବଧାନ ରହିଛି । ପୂର୍ବରୁ ଇ-ଚିହ୍ନଟ ପ୍ରକ୍ରିୟାରେ ପରମିଟ୍, ଫିଟନେସ୍, ଟିକସ ନିୟମ ଉଲ୍ଲଂଘନକାରୀ ଟୋଲଗେଟ୍‌ରେ ଧରାପଡୁଥିଲେ । ଏବେ ବୀମା ନିୟମ ଉଲ୍ଲଂଘନକାରୀଙ୍କୁ ମଧ୍ୟ ଏହି ପ୍ରକ୍ରିୟାରେ ଚିହ୍ନଟ କରାଯିବ । ଏନ୍‌ଫୋର୍ସମେଣ୍ଟରେ ଆଧୁନିକ ଜ୍ଞାନକୌଶଳକୁ ଅଧିକ ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଛି । ତେଣୁ ଗାଡ଼ିର ବୀମା ନଥିଲେ, ତୁରନ୍ତ ବୀମା କରାଇନେବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି ।

## ଡିଜି-ଗଭ୍ ପୋର୍ଟାଲ ଅଚଳ | ୪୬୦୦୦ ଶିକ୍ଷକ ଦରମାରୁ ବଞ୍ଚିତ

ଭୁବନେଶ୍ୱର, ୧୭ ।୧ (ସମିସ): ଅଚଳ ହୋଇପଡ଼ିଛି ଡିଜି-ଗଭ୍ ପୋର୍ଟାଲ । ଫଳରେ ବିଦ୍ୟାଳୟକୁ ମିଳୁଥିବା ବିଭିନ୍ନ ଅନୁଦାନ ଠପ୍ ହୋଇଯାଇଛି । ବିଦ୍ୟାଳୟ ଉନ୍ନତୀକରଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ବିଭିନ୍ନ ଅତ୍ୟାବଶ୍ୟକ କାର୍ଯ୍ୟ ବାକିରେ ଚାଲୁଛି । ଏପରିକି, ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଦରମା ମିଳୁନି । ପ୍ରାୟ ୨୦ଦିନ ହେବ ପୋର୍ଟାଲ୍‌ର ଅଚଳାବସ୍ଥା ଲାଗି ରହିଥିବାରୁ ପ୍ରାୟ ୪୬ ହଜାର ଶିକ୍ଷକ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି । ଗୋଟିଏପଟେ ସରକାର କନିଷ୍ଠ ଶିକ୍ଷକ ସ୍କିମାଟିକ୍‌ଙ୍କ ଦରମା ପ୍ରାୟ ୫ ହଜାର ବଢ଼ାଇଥିବା ବେଳେ ଅଧାରୁ ଅଧିକ ଜିଲ୍ଲାର ସ୍କିମାଟିକ୍ ଶିକ୍ଷକମାନେ ଚାକିରି କରିବା ଦିନଠାରୁ ଆଦୌ ଦରମା ପାଇନାହାନ୍ତି ।

ଡିଜି-ଗଭ୍ ପୋର୍ଟାଲ ଜରିଆରେ ସ୍କୁଲଗୁଡ଼ିକୁ ସମସ୍ତ ଅନୁଦାନ ପ୍ରଦାନ କରାଯାଇଥାଏ । କିନ୍ତୁ ଏହା ଅଚଳ ହୋଇପଡ଼ିଥିବାରୁ କମ୍ପୋଜିଟ୍ ଓ ଖେଳ ଅନୁଦାନ, ବିଦ୍ୟାଳୟର ନିରାପତ୍ତା ଓ ସୁରକ୍ଷା, ଏଫ୍‌ଏଲ୍‌ଏନ୍, ଇକୋ ଆଣ୍ଡ ୟୁଥ୍ କ୍ଲବ୍, ଛାତ୍ରଛାତ୍ରୀଙ୍କ ପୋଷାକ ପରି ବିଭିନ୍ନ ଅନୁଦାନ ମିଳିପାରୁନି । ସମସ୍ୟା ଏମିତି ଯେ ବିଦ୍ୟାଳୟରେ ବଲ୍‌ବ, ପଙ୍ଖା ଖରାପ ହେଲେ ମଧ୍ୟ ସଜାଡ଼ିବାକୁ ଅନୁଦାନ ନାହିଁ । ଅନୁରୂପ ଭାବେ ଏହି ପୋର୍ଟାଲ ମାଧ୍ୟମରେ କନିଷ୍ଠ ଶିକ୍ଷକ, ଖେଳ ଶିକ୍ଷକ ଓ ଏକ୍ସ କ୍ୟାଡର ଶିକ୍ଷକ, ଖେଳ ଶିକ୍ଷକ ଓ କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ମାନେ ଦରମା ପାଇଥା'ନ୍ତି । ଏହି ସମସ୍ତ ବର୍ଗର ଶିକ୍ଷକଙ୍କ ସଂଖ୍ୟା ପ୍ରାୟ ୪୬ ହଜାରରୁ ଅଧିକ । ସେମାନେ ସମସ୍ତେ ଡିସେମ୍ବର ମାସର ଦରମା ପାଇପାରୁନାହାନ୍ତି । ସେହିପରି କାର୍ଯ୍ୟରତ ଥିବା ୧୩,୭୪୦କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କ ମଧ୍ୟରୁ ଅଧାରୁ ଅଧିକ ଜିଲ୍ଲାରେ ମୂଳରୁ ଦରମା ପାଇନାହାନ୍ତି । ଅର୍ଥାତ ଅକ୍ଟୋବର ୫ ତାରିଖରେ ନିଯୁକ୍ତି ପାଇବାଠାରୁ

**ପୋର୍ଟାଲ୍ ପରିଚାଳନା କରିପାରୁନି ଓସେପା**

ତିନି ମାସ ବିତିଥିଲେ ମଧ୍ୟ ଅଧାରୁ ଅଧିକ ଜିଲ୍ଲାରେ ଆଦୌ ଦରମା ପାଇନାହାନ୍ତି । ଫଳରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଛନ୍ତି । ବହୁ ଜିଲ୍ଲାରେ କନିଷ୍ଠ ଶିକ୍ଷକମାନେ ନିୟମିତ ହୋଇଥିଲେ ମଧ୍ୟ ବର୍ଦ୍ଧିତ ଦରମା ପାଇପାରୁନାହାନ୍ତି । ଏହାର ପରିଚାଳନା ଦାୟିତ୍ୱ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ହୋଇଥିବା ବେଳେ ଏଯାଏ ଠିକ୍ କରାଯାଇ ନଥିବାରୁ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି ।

ଗତ ଶିକ୍ଷାବର୍ଷ ଆରମ୍ଭରୁ ଡିଜି-ଗଭ୍ ପୋର୍ଟାଲ୍ ଆରମ୍ଭ ହୋଇଛି । ଏହା ପୂର୍ବରୁ ପିଏଫ୍‌ଏମ୍‌ଏସ୍ ପୋର୍ଟାଲ ମାଧ୍ୟମରେ ଏହି ସମସ୍ତ କାର୍ଯ୍ୟ ହେଉଥିଲା । ପିଏଫ୍‌ଏମ୍‌ଏସ୍ ପୋର୍ଟାଲ ବାରମ୍ବାର ଅଚଳ ହେବାରୁ ଡିଜି-ଗଭ୍ ପୋର୍ଟାଲ୍‌କୁ ଆପଣାଇଥିଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ।

## ଉପଭୋକ୍ତାଙ୍କ ଉପରେ ଟାଟା ପାୱାରର ସ୍ମାର୍ଟ ମିଟର ବୋଝ

ଭୁବନେଶ୍ୱର,୧୮ ।୧(ସମିସ): ଟାଟା ପାୱାର ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଉପଭୋକ୍ତାଙ୍କର ପୁରୁଣା ମିଟରକୁ କାଢ଼ି ଦିଆଯାଇ ତା' ବଦଳରେ ୭ ହଜାର ଟଙ୍କିଆ ସ୍ମାର୍ଟ ମିଟର ସବୁ ଲଗାଯାଉଛି । ଉପଭୋକ୍ତାଙ୍କର ମିଟର ଚାଲୁ ଅବସ୍ଥାରେ ଥିଲେ ସୁଦ୍ଧା ତାହାକୁ ଖରାପ ଦର୍ଶାଯାଇ ତା' ସ୍ଥାନରେ ନୂଆ ସ୍ମାର୍ଟ ମିଟର ଲଗାଇବାକୁ ବାଧ୍ୟ କରାଯାଉଛି । ଫଳରେ ଏହାକୁ ନେଇ ଉପଭୋକ୍ତାମାନଙ୍କ ଭିତରେ ଜନଅସନ୍ତୋଷ ବ୍ୟାପିବାରେ ଲାଗିଛି । ବରଗଡ଼ରୁ ଆରମ୍ଭ କରି ସାଲେପୁର ପର୍ଯ୍ୟନ୍ତ ସ୍ମାର୍ଟ ମିଟର ବିରୋଧୀ ଆନ୍ଦୋଳନ ତେଜୁଛି । ଏହି ସବୁ ଆନ୍ଦୋଳନକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ନୈତିକ ସମର୍ଥନ କରାଯାଉଛି ବୋଲି ମହାସଂଘର ଆବାହକ ରବି ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ସ୍ମାର୍ଟ ମିଟରକୁ ନେଇ ଯେତେ ଅଭିଯୋଗ ଆସିଲେ ସୁଦ୍ଧା ରାଜ୍ୟ ସରକାର ସେଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ବରଂ ଲୋକଙ୍କ ସରକାର ଆଜି ଟାଟା ପାୱାର ପ୍ରବକ୍ତା ସାଜି ସ୍ମାର୍ଟ ମିଟର ଲଗାଇବା ପାଇଁ ସାଧାରଣ ଲୋକଙ୍କୁ ବାଧ୍ୟ କରୁଛି । ଏହି ମିଟର ଲାଗିବା ପରେ ୧୦୦ ଟଙ୍କା ଜାଗାରେ ୫୦୦ରୁ ୭୦୦ ଟଙ୍କା ବିଜୁଳି ବିଲ୍ ଆସୁଛି । ଉପଭୋକ୍ତାମାନେ ବାଧ୍ୟହୋଇ ସ୍ମାର୍ଟ ମିଟରର ବୋଝ ନିଜେ ମୁଣ୍ଡାଉଛନ୍ତି । ସ୍ମାର୍ଟ ମିଟର ଲଗାଇଲେ ଯେଉଁଭଳି ପ୍ରିପେଡ୍ ମୋବାଇଲ୍ ରିଚାର୍ଜ କରିବାକୁ ପଡୁଛି, ସେହିଭଳି ରିଚାର୍ଜ ନ କଲେ ଘର ଅନ୍ଧାର ରହିବ । ବିଜୁଳି ଆଲୁଅ ଜଳିବ ନାହିଁ । ଏବେ ଓଡ଼ିଶାରେ ଆଉ କିଛିଦିନ ପରେ ମ୍ୟାଟ୍ରିକ୍ ପରୀକ୍ଷା ସମେତ କଲେଜ ଓ ବିଶ୍ୱବିଦ୍ୟାଳୟ ପରୀକ୍ଷା ସବୁ ଆରମ୍ଭ ହୋଇଯିବ । ଏହି ସମୟରେ ଚାଲୁ ଅବସ୍ଥାରେ ଥିବା ମିଟର ବଦଳାଇ ସ୍ମାର୍ଟ ମିଟର ବସାଇବା ଆଳରେ ଉପଭୋକ୍ତାଙ୍କ ଉପରେ ଅତିରିକ୍ତ ବୋଝକୁ ଉପଭୋକ୍ତା ମହାସଂଘ ବିରୋଧ କରିଛି । ତୁରନ୍ତ ସ୍ମାର୍ଟ ମିଟର ପ୍ରତ୍ୟାହାର କରିବାକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ସରକାରଙ୍କ ପାଖରେ ଦାବି କରିଛନ୍ତି ।

## ହାତଗୋଡ଼ ବାନ୍ଧି ମହିଳାଙ୍କୁ ଦୁଷ୍କର୍ମ

ଢେଙ୍କାନାଳ, ୧୮ ।୧ (ସମିସ): ଘରେ ପଶି ମହିଳାଙ୍କୁ ଛୁରି ଦେଖାଇ ହାତଗୋଡ଼ ବାନ୍ଧି ଦୁଷ୍କର୍ମ । ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି । ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ଦେବଗଡ଼ ଜିଲ୍ଲା ବାସିନ୍ଦା ହୃଷୀକେଶ ସାହୁଙ୍କୁ ଗିରଫ କରିଛି । ମହିଳାଜଣକ ଏକ ଭଡ଼ାଘରେ ଏକୁଟିଆ ରହୁଥିଲେ । ଏହାର ସୁଯୋଗ ନେଇ ଶୁକ୍ରବାର ରାତିରେ ହୃଷୀକେଶ ତାଙ୍କ ଘରେ ପଶି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ତେବେ ଆଜି ଏହି ଘଟଣା ପଦାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି । ହୃଷୀକେଶ ମହିଳାଙ୍କ ଘର ନିକଟରେ ଥିବା ଏକ ସ' ମିଲରେ କାମ କରୁଥିଲେ । ଗତ କିଛି ଦିନ ହେବ ସେ ମହିଳାଙ୍କ ଉପରେ ନଜର ରଖିଥିଲେ । ଶୁକ୍ରବାର ସନ୍ଧ୍ୟାରେ ମହିଳାଜଣଙ୍କ କୌଣସି କାମରେ ଘର ବାହାରକୁ ଯାଇଥିଲେ । ସେ ଫେରିବା ବେଳେ ହୃଷୀକେଶ ତାଙ୍କ ଘର ଭିତରେ ପଶି ଯାଇଥିଲା । ଛୁରି ଦେଖାଇ ମହିଳାଙ୍କୁ ଭୟଭୀତ କରିବା ସହ ତାଙ୍କ ହାତଗୋଡ଼ ବାନ୍ଧି ଦୁଷ୍କର୍ମ କରିଥିଲେ । ଏ ନେଇ ପୀଡ଼ିତାଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ■ ସ୍ୱାମୀଙ୍କୁ ଖୋଜିଖୋଜି ପାଇଲେନି
## ଥାନାରେ ଫିନାଇଲ୍ ପିଇ ଆତ୍ମହତ୍ୟା ଉଦ୍ୟମ

ବନ୍ତ/ଆଗରପଡ଼ା, ୧୮ ।୧(ସମିସ): ଅହମଦାବାଦରୁ ଆସି ଭଦ୍ରକ ଜିଲ୍ଲା ବନ୍ତରେ ଦୀର୍ଘ ଦିନ ହେବ ସ୍ୱାମୀଙ୍କୁ ଖୋଜୁଥିଲେ ପ୍ରତାରିତା ପତ୍ନୀ । ସ୍ୱାମୀଙ୍କୁ ଖୋଜିଖୋଜି ନୟାନ୍ତ ହେଲେ; କିନ୍ତୁ ପତ୍ତା ମିଳିବା ସମ୍ଭବ ହେଲାନି । ଶେଷରେ ବାଧ୍ୟ ହୋଇ ଥାନାରେ ଆତ୍ମହତ୍ୟା ଉଦ୍ୟମ କଲେ ପତ୍ନୀ ।

ସୂଚନା ମୁତାବକ, ଗୁଜରାଟ ଅହମଦାବାଦ ନିଉରୁମିପର ଅଞ୍ଚଳର ହିରଲ ମୋଦୀଙ୍କୁ ବନ୍ତ ଥାନା ଅଧୀନ ନରସିଂହପୁର ଗାଁର ମନୋଜ ନାୟକ ପ୍ରେମ ବିବାହ କରିଥିଲେ । ମନୋଜ ଓ ହୀରଲ ଦୁହେଁ ଏକ ଆଇଟି କମ୍ପାନୀରେ କାମ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ହେବା ପରେ ପରସ୍ପର ବିବାହ କରିଥିଲେ । ମନୋଜ ଓ ହୀରଲଙ୍କର ଗୋଟିଏ ଦୁଇ ବର୍ଷର ପୁତ୍ର ସନ୍ତାନ ମଧ୍ୟ ଅଛି । ହୀରଲଙ୍କ ରଙ୍କୱେ ପ୍ରାଇଭେଟ୍ ଲିମିଟେଡ୍ ନାମକ ଆଇଟି କମ୍ପାନୀ ଥିଲା । ମନୋଜ ତାକୁ ବ୍ୟାଙ୍କରେ ବନ୍ଧକ ରଖି ଲୋନ ଆଣିଥିଲେ; କିନ୍ତୁ କମ୍ପାନୀ ଏବେ ବନ୍ଦ ହେଇଗଲାଣି । ରହୁଥିବା ଘରକୁ ବନ୍ଧା ରଖି ଟଙ୍କା ଆଣିବାରୁ ବ୍ୟାଙ୍କ ଏବେ ଘର ନିଲାମ କରିବାକୁ ବସିଲାଣି । ମନୋଜ ଗାଁରେ ବ୍ୟବସାୟ କରୁଥିବା କହି ନିଜେ ସ୍ୱାବଲମ୍ବୀ ହେବା ପାଇଁ ପତ୍ନୀ ଓ ତାଙ୍କ ପରିବାର ଲୋକଙ୍କ ଘରକୁ ବନ୍ଧକ ରଖି ପର୍ଯ୍ୟାୟକ୍ରମେ ପ୍ରାୟ ୫ କୋଟି ଟଙ୍କା ଆଣିଲେ । ଶେଷରେ ସ୍ତ୍ରୀ ଓ ପୁଅକୁ ଛାଡ଼ି ଫେରାର ହୋଇଗଲେ ସ୍ୱାମୀ । ଛୋଟ ପୁଅକୁ ଧରି ଅହମଦାବାଦରୁ ଆସି ସ୍ୱାମୀଙ୍କୁ ଭଦ୍ରକ ଜିଲ୍ଲା ବନ୍ତରେ ଖୋଜୁଥିଲେ ହିରଲ । ବନ୍ତ ପୁଲିସଠାରୁ ପୁଲିସ ଡିଜି, ପୁଣି ଗାଁରୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିଥିଲେ ସେ । ଛୁଆକୁ ଧରି ଗଳିକନ୍ଦିରେ ଖୋଜିଥିଲେ ସ୍ୱାମୀକୁ । କିନ୍ତୁ ସ୍ୱାମୀଙ୍କର କୌଣସି ଟେର୍ ପାଇନଥିଲେ । କିନ୍ତୁ ପୁଲିସ ଦୀର୍ଘ ଦିନ ହେବ କୌଣସି ଅଭିଯୋଗ ଶୁଣୁ ନଥି ବାରୁ ଶନିବାର ଥାନା ଭିତରେ ଫିନାଇଲ୍ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ମହିଳାଜଣଙ୍କ । ତାଙ୍କୁ ଗୁରୁତର ଅବସ୍ଥାରେ ବନ୍ତ ପୁଲିସ୍ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଞ୍ଜୟ ରୟ...

ରିପୋର୍ଟରୁ ଜଣାପଡିଥିଲା । ପ୍ରାରମ୍ଭରେ ଏହି ଘଟଣାକୁ ଆତ୍ମହତ୍ୟାର ରୂପ ଦିଆଯାଇଥିଲା ।। କିନ୍ତୁ ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ କରିବା ସହିତ ବିରୋଧ କରାଯିବା ପରେ ମାମଲାର ରହସ୍ୟ ଖୋଲିବା ଆରମ୍ଭ କରିଥିଲା । ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଘଟଣାର ଯାଞ୍ଚ ଆରମ୍ଭ କରିଥିଲା ଏବଂ ପରେ ପରେ ଯେଉଁସବୁ ତଥ୍ୟ ସାମ୍ନାକୁ ଆସିଥିଲା ତାହା ସମଗ୍ର ଦେଶକୁ ସ୍ତମ୍ଭୀଭୂତ କରିଦେଇଥିଲା । ଯାହାକୁ ନେଇ ସୁପ୍ରିମକୋର୍ଟ ମଧ୍ୟ ହତବାକ୍ ହୋଇପଡ଼ିଥିଲେ । ତେବେ ଏହି ମାମଲାର ଶୁଣାଣି ଶେଷ କରି ସିଆଲଦା କୋର୍ଟ ଶନିବାର ଘଟଣାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । କୋର୍ଟ ରାୟ ଶୁଣିବା ପରେ ସଞ୍ଜୟ କୋର୍ଟ ପରିସରରେ ବଡ଼ ପାଟିରେ ଚିତ୍କାର କରିବା ସହିତ ତାକୁ ଫସାଇ ଦିଆଯାଇଛି ବୋଲି ଅଭିଯୋଗ କରିଛି । ଏହି ଘଟଣାରେ ଜଣେ ଆଇପିଏସ୍ ଅଫିସରଙ୍କ ହାତ ରହିଛି ଏବଂ ତାଙ୍କ ଯୋଗୁଁ ଡାକ୍ତରଙ୍କ ମୃତ୍ୟୁ ହୋଇଥିବା ସଞ୍ଜୟ କହିଛି । ସଞ୍ଜୟର ଏହି ବୟାନ ପରେ ପୁଣି ଡାକ୍ତର ମୃତ୍ୟୁଘଟଣାକୁ ନେଇ ସଂଶୟ ବଢିଥିଲା ବେଳେ ଏହି ଆଇପିଏସ୍ ଜଣକ କିଏ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଅନ୍ୟପକ୍ଷରେ କୋର୍ଟ ରାୟ ନେଇ ଜୁନିଅର ଡାକ୍ତର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ଯେ ଏହି ଘଟଣା ପଛରେ ରହିଥିବା ଖଳନାୟକମାନଙ୍କୁ ଦଣ୍ଡିତ କରାନଯିବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରଖିବେ ।

### 'ଡାଲମିଆ ସିମେଣ୍ଟ'...

ଏତଦ୍‌ବ୍ୟତୀତ ମୃତକଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ପ୍ରଦାନ, ସେମାନଙ୍କୁ ଘର ଯୋଗାଇବା ସହ ଦୁଇପିଲାଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି । ପ୍ରତିଶ୍ରୁତି ମିଳିବା ପରେ ଶବଗୁଡ଼ିକୁ ବ୍ୟବଛେଦ ପାଇଁ ରାଉରକେଲା ପଠାଯାଇଛି ।

ସୂଚନାଯୋଗ୍ୟ ଯେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକଙ୍କ ପରିବାର ସଦସ୍ୟଙ୍କୁ ୫୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ସହ ବିଭିନ୍ନ ସହାୟତା ପ୍ରଦାନ କରିବା ଦାବିରେ ଆଜି କାରଖାନା ଫାଟକ ସମ୍ମୁଖରେ ଆନ୍ଦୋଳନ ହୋଇଥିଲା । କାରଖାନାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ଆନ୍ଦୋଳନକାରୀମାନେ ହୋହାଲ୍ଲା କରିଥିଲେ । ପରେ ଏନେଇ ରାଜଗାଙ୍ଗପୁର ଥାନାରେ ପୃଥକ୍ ପୃଥକ୍ ୩ଟି ଏତଲା ଦିଆଯାଇଥିଲା । ମୃତ ଦଶରଥଙ୍କ ଭାଇ ତୁମ୍ବେଶ୍ୱରଙ୍କ ଏତଲାକୁ ଭିତ୍ତି କରି ରାଜଗଙ୍ଗପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ମାମଲା ରୁଜୁ କରିଛନ୍ତି । କାରଖାନା କର୍ତ୍ତୃପକ୍ଷଙ୍କ ଅବହେଳା ତଥା ତ୍ରୁଟିପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ତାଙ୍କ ଭାଇଙ୍କ ଜୀବନ ଗଲା ବୋଲି ସେ ଅଭିଯୋଗ କରିଛନ୍ତି । ସେହିପରି ରାଜଗାଙ୍ଗପୁର ତହସିଲଦାଲ ଜଗବନ୍ଧୁ ମଲ୍ଲିକଙ୍କ ରିପୋର୍ଟକ୍ରମେ ରାଜଗାଙ୍ଗପୁର ପୁଲିସ୍ ମାମଲା ରୁଜୁ କରିଛି । କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ମଧ୍ୟ ରାଜଗାଙ୍ଗପୁର ଥାନାରେ ଡାଲମିଆ ସିମେଣ୍ଟ କାରଖାନାରେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ନେଇ ଏତଲା ଦିଆଯିବା ପରେ ପୁଲିସ୍ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି । କାରଖାନାର ଫାକ୍ଟ୍ରି ଅକ୍ୟୁପାୟର ଭେଙ୍ଗଟେଶ ତ୍ୟାଗରାଜନ୍ ଏବଂ ମ୍ୟାନେଜର ସନ୍ଦୀପ ବର୍ମାଙ୍କ ନାମରେ ଥାନାରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତ ଏତଲା ଦେଇଛନ୍ତି ।

### ପୁଣି ୭ କୋଟିର...

କାରବାରର ଗେଟ୍‌ୱେ ପାଲଟିଥିବା ଚର୍ଚ୍ଚା ଜୋର ଧରିଛି । ସେପଟେ ଏସବୁର ମାଷ୍ଟରମାଇଣ୍ଡ ଓ ଇଣ୍ଟର ନ୍ୟାସନ୍ୟାଲ ଲିଙ୍କ ନେଇ ଖୋଲତାଡ଼ ଚଳାଇଛି କଷ୍ଟମ ବିଭାଗ । ଜର୍ମାନୀ ମାରିଜୁଆନାକୁ ଓଡ଼ିଶା ଦେଇ ବିଦେଶକୁ ଚାଲାଣ କରାଯାଉଛି । ତେଣୁ ସୀମାଶୁଳ୍କ, ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଓ ଅନ୍ୟ ତଦନ୍ତକାରୀ ସଂସ୍ଥାଗୁଡିକ ସତର୍କ ହେବା ସହ ବିମାନବନ୍ଦରରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିଛି । ଗତ ୧୪ ତାରିଖରେ ବିମାନ ବନ୍ଦରରୁ ମାରିଜୁଆନା ଜବତ ହୋଇଥିଲା । କେରଳର ଯୁବକ ନିକଟରେ ଥାଇଲାଣ୍ଡ ଯାଇଥିଲେ । ସେଠାରୁ ଜର୍ମାନୀରେ ପ୍ରସ୍ତୁତ ହୋଇଥିବା ମାରିଜୁଆନାକୁ ଓଡ଼ିଶା ଦେଇ କେରଳ ଚାଲାଣ କରିବାକୁ ଯୋଜନା କରିଥିଲେ । ବ୍ୟାଙ୍କ୍- ଓଡ଼ିଶା ରୁଟ୍‌ରେ ଚଳାଚଳ କରୁଥିବା ବିମାନରେ ଏହି ନିଶାଦ୍ରବ୍ୟ ନେଇ ଭୁବନେଶ୍ୱର ବିମାନବନ୍ଦରରେ କେରଳୀ ଯୁବକ ପହଞ୍ଚିଥିଲେ । ତାଙ୍କ ଗତିବିଧି ସନ୍ଦେହ ଜନକ ହେବାରୁ ଯାଞ୍ଚ କରାଯାଇଥିଲା । ତାଙ୍କ ଠାରୁ ୩କିଲୋ ୯୯୦ ଗ୍ରାମର ମାରିଜୁଆନା ଜବତ କରାଯାଇଥିଲା । ସେହିପରି ଗତ ୪ ତାରିଖରେ ସମାନ ଭାବେ ମାରିଜୁଆନା ଚାଲାଣ ବେଳେ ଧରିଥିଲା କଷ୍ଟମ ବିଭାଗ । ଜର୍ମାନୀରୁ ମାଲେସିଆ ଭାୟା ଓଡ଼ିଶା ଦେଇ କୋଲକାତା ଚାଲାଣ କରୁଥିବା ବେଳେ ଦୁଇ ଜଣ ମହିଳାଙ୍କୁ ବିମାନ ବନ୍ଦରରେ ଧରିଥିଲା କଷ୍ଟମ ବିଭାଗ । ସେମାନଙ୍କୁ ଯାଞ୍ଚ ପରେ ୯କିଲୋ ୫୨୪ ଗ୍ରାମର ମାରିଜୁଆନା ଜବତ ହୋଇଥିଲା । ଜର୍ମାନୀରୁ ମାଲେସିଆ ଓ ଥାଇଲାଣ୍ଡ ଦେଇ ଭାରତକୁ ମାରିଜୁଆନା ଚାଲାଣ କରାଯାଉଛି । ୧କିଲୋ ମାରିଜୁଆନା ଚାଲାଣ ବାବଦରେ ଚାଲାଣକାରୀ ୧୦ ଲକ୍ଷ ଟଙ୍କା କମିସନ ନେଉଛନ୍ତି । ଧରା ନପଡିବା ପାଇଁ ଇଣ୍ଟରନ୍ୟାସନାଲ ନିଶା ମାଫିଆ ସୁନ୍ଦରୀ ଯୁବତୀ ମାନଙ୍କୁ ବ୍ୟବହାର କରୁଛନ୍ତି ।

### ଭୂତକାର୍ଡ କହି...

ଦିଆଯାଇଛି । ଏହାକୁ ଭାରତ ସରକାର ସ୍ୱୀକୃତି ଦେଇଛନ୍ତି । ଯଦି ମନ୍ତ୍ରୀଙ୍କ କଥା ସତ; ତେବେ ଆଧାର କାର୍ଡ ମିଛ ହୋଇଥିବ । 'ଇ-କେୱାଇସି' ନାଁରେ ଗରିବ ଓ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାରୁ ବଞ୍ଚିତ କରୁଛନ୍ତି । ଇ-କେୱାଇସି ପାଇଁ କୌଣସି ନିର୍ଦ୍ଦିଷ୍ଟ ସଫ୍ଟୱେୟାର ବ୍ୟବସ୍ଥା କରିନାହାନ୍ତି । ଯେଉଁଥିରେ ରାଜ୍ୟ ବାହାରେ ଥିବା ଲୋକ ଉପକୃତ ହୋଇପାରିବେ । ବାହାରେ ଥିବା ଲୋକ ଇ-କେୱାଇସି ପାଇଁ ରାଜ୍ୟକୁ ଆସିବାକୁ ହେଲେ ଜଣକା ୫ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ବାରମ୍ବାର ଇ-କେୱାଇସି ଅପ୍‌ଡେଟ୍ ପାଇଁ ବାହାରୁ ଗାଁକୁ ଆସି ଲୋକମାନେ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି ବୋଲି ବିଧାୟକ ଶ୍ରୀ ଜେନା କହିଛନ୍ତି । ସେହିପରି କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଇ-କେୱାଇସି ନାଁରେ ରାଜ୍ୟ ସରକାର ଲୋକଙ୍କୁ ରାସନ ଦେବାକୁ ଚାହୁ ନାହାନ୍ତି । ବିଜେପି ସରକାର ସମୟରେ ଫୁଲବାଣୀରେ ଆମ୍ବ ଟାକୁଆ ଯାଉ ଖାଇ ଲୋକଙ୍କର ମୃତ୍ୟୁ ହେଲା । ୨ ମାସ ବିଳମ୍ବରେ ଚାଉଳ ଦେବାରୁ ଏଭଳି ହୋଇଥିବା ଜଣାପଡ଼ିଛି । ଇ-କେୱାଇସି ପାଇଁ ହଜାର ହଜାର ଲୋକ ରାସନ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହି ଯୋଜନାରୁ ପଇସା ବଞ୍ଚାଇ ଅନ୍ୟ ଯୋଜନାରେ ଖର୍ଚ୍ଚ କରିବା ଲାଗି ରାଜ୍ୟ ସରକାର ଫନ୍ଦି କରୁଛନ୍ତି ବୋଲି ଶ୍ରୀ ସାଲୁଜା କହିଛନ୍ତି ।

ଅନ୍ୟପକ୍ଷରେ ଇ-କେୱାଇସି ଅପ୍‌ଡେଟ୍‌କୁ ନେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଆସନ୍ତା ୩୧ ତାରିଖ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ଅଧିକାରୀଙ୍କୁ ଟାର୍ଗେଟ ଦେଇଛୁ । ଏହା ସରିଯିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ । ଯୋଗ୍ୟ ହିତାଧିକାରୀ କେବେ ବି ରାସନ କାର୍ଡରୁ କଟିବେନି । ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏହି ପ୍ରକ୍ରିୟା ଚାଲିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଆହୁରି ୪୧ ଲକ୍ଷ ଲୋକଙ୍କ ଇ-କେୱାଇସି ହୋଇ ନାହିଁ । ଯାଞ୍ଚ ପ୍ରକ୍ରିୟା ସରିଗଲେ ପୋର୍ଟାଲ ଖୋଲି ଦିଆଯିବ । ଯେଉଁମାନେ ଆବେଦନ କରିବା କଥା କରିବେ । ଯେଉଁ ୬ ଲକ୍ଷ ଲୋକ ରାସନ କାଡର୍ ପାଇଁ ଆବେଦନ କରିଛନ୍ତି, ତାକୁ ଯାଞ୍ଚ କରାଯିବା ପରେ ନୂଆ କାର୍ଡ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ନିଯୁକ୍ତି ନାଁରେ ଲକ୍ଷାଧିକ ଠକେଇ; ୨ ଗିରଫ

ବଲାଙ୍ଗିର, ୧୮ ।୧(ସମିସ): ନିଯୁକ୍ତି ଦେବାକୁ କହି ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଏକ ବଡ଼ଧରଣର ରାକେଟର ପର୍ଦ୍ଦାଫାସ୍ କରିଛି ବଲାଙ୍ଗିର ପୁଲିସ୍ । ଏହି ଘଟଣାରେ ପୁଲିସ୍ ଦୁଇଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଅଧୀନ ମଙ୍ଗଳାପୁର ଗ୍ରାମର ମାତୃପ୍ରସାଦ ସେଠୀ(୫୪) ଏବଂ କୋଲକାତା ରବୀନ୍ଦ୍ର ନଗରର ଗୋପାଳ କୁମାର (୩୫) । ସେମାନଙ୍କଠାରୁ ୨ ଲକ୍ଷ ୭ ହଜାର ଟଙ୍କା, ୨୫ଟି କମ୍ପ୍ୟୁଟର ଏବଂ ପ୍ରିଣ୍ଟର, ୧୨ଟି ମୋବାଇଲ ଫୋନ, ୮ଟି ସିମ୍‌କାର୍ଡ, ୧ଟି କାଉଣ୍ଟର ସିଲ, ୨୪ଟି ବ୍ୟାଙ୍କ ପାସବୁକ୍ ଏବଂ ଏଟିଏମ କାର୍ଡ, ୧୫ ଟି ନକଲି ପରିଚୟପତ୍ର ସହ ଅନ୍ୟାନ୍ୟ ପ୍ରମାଣପତ୍ର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ରିଜର୍ଭ ପୁଲିସ୍ କାର୍ଯ୍ୟାଳୟଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ଏସ୍‌ପି ଋଷିକେଶ ଖିଲାରୀ ଏହି ସୂଚନା ଦେଇଛନ୍ତି । ଏସ୍‌ପି କହିଥିଲେ ଯେ ମୁଖ୍ୟ ଅଭିଯୁକ୍ତ ମାତୃପ୍ରସାଦ ସେଠୀ ଓ ସହଯୋଗୀ ଗୋପାଳ କୁମାର ବିଭିନ୍ନ ନାମରେ ସଂସ୍ଥା ଖୋଲି ସେଥିରେ ନିବେଶ କରିବାକୁ ଲୋକଙ୍କୁ ପ୍ରବର୍ତ୍ତାଉଥିଲେ । ଏହି ସଂସ୍ଥାକୁ ବିଦେଶରୁ ଟଙ୍କା ଆସିବ କହି ସାଧାରଣଙ୍କୁ ଭୁଆଁ ବୁଲାଉଥିଲେ ।

## ■ ୨ ବାଇକ୍ ମୁହାଁମୁହିଁ ଧକ୍କା
## ପ୍ରଧାନଶିକ୍ଷକଙ୍କ ସମେତ ୨ ମୃତ

ଫିରିଙ୍ଗିଆ, ୧୮ ।୧ (ସମିସ): କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଡେରାକୁମ୍ପା ଆଗ୍ରଗାମୀ କାର୍ଯ୍ୟାଳୟ ନିକଟରେ ଶନିବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ପ୍ରଧାନ ଶିକ୍ଷକଙ୍କ ସମେତ ଦୁଇଜଣଙ୍କ ମୃତ୍ୟୁ ଘଟିଛି । ମୃତ ଶିକ୍ଷକଜଣଙ୍କ ହେଲେ, କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଘାଟିଗୁଡ଼ା ଗାଁର ରବିଚନ୍ଦ୍ର ଦାଶ । ପରିବାର ସହ ସେ ଫୁଲବାଣୀରେ ରହନ୍ତି । ସେ ଫିରିଙ୍ଗିଆ ବ୍ଲକ ନୂଆପଦରରେ ଥିବା ବନବାସୀ ଉଚ୍ଚବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ । ସେହିପରି ଅନ୍ୟ ଜଣେ ମୃତକ ହେଲେ, ଗୋଛାପଡ଼ା ଥାନା ଅନ୍ତର୍ଗତ ସଲାଗୁଡ଼ା ଗାଁର ବିଶ୍ୱମ୍ବର କହଁର । ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ସୂଚନାନୁସାରେ, ରବିଚନ୍ଦ୍ର ଆଜି ସକାଳୁ ଫିରିଙ୍ଗିଆ ବ୍ଲକ୍‌ର ଲୋଇସିଂ ହାଇସ୍କୁଲରେ ଥିବା ଶିକ୍ଷକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବାଇକ୍‌ରେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ଫୁଲବାଣୀ-ଗୋଛାପଡ଼ା ମୁଖ୍ୟରାସ୍ତାର ଡେରାକୁମ୍ପାରେ ଥିବା ଅଗ୍ରଗାମୀ କାର୍ଯ୍ୟାଳୟ ନିକଟରେ ଗୋଛାପଡ଼ା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ସେହିପରି ଅନ୍ୟ ବାଇକ୍‌ର ଚାଳକ ବିଶ୍ୱମ୍ବର ଓ ପଛରେ ବସିଥିବା ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଗୋଛାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । କିନ୍ତୁ ବିଶ୍ୱମ୍ବରଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଘଟଣାସ୍ଥଳରେ ଗୋଛାପଡ଼ା ଥାନା ଅଧିକାରୀ ଚିରଞ୍ଜୀବ ବେହେରା ପହଞ୍ଚି ମୃତଦେହ ଜବତ କରିଥିଲେ ।

**ଅତ୍ରି ମକର ମହୋତ୍ସବ ଉଦ୍‌ଯାପିତ**

# 'ଅନୁଦାନ ରାଶିରେ ପୀଠର ଉନ୍ନତୀକରଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେଉ'





**ବେଗୁନିଆ,୧୮ ।୧(ସମିସ)**

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ଚାଲିଥିବା ମକର ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଯୋଗଦେଇ ପ୍ରଥମେ ବାବା ହଟକେଶ୍ୱରଙ୍କ ଆଶୀର୍ବାଦ କାମନା କରି ଏ ମାଟିକୁ ପ୍ରଣାମ ଜଣାଇଥିଲେ। ପରେ ବେଗୁନିଆ ବୋଲଗଡ ଅଞ୍ଚଳ ତଥା ରାଜ୍ୟରେ ପ୍ରସିଦ୍ଧ ଲାଭ କରିଥିବା ଦୁଇଜଣ କବି ରାମଲୀଳା ରଚୟିତା ଅନଙ୍ଗ ନରେନ୍ଦ୍ର ଓ ଶ୍ରୀକୃଷ୍ଣ ଲୀଳା ରଚୟିତା ଗୌରଚରଣ ଅଧିକାରୀଙ୍କ ସ୍ମୃତିଚାରଣ କରି ପ୍ରଣାମ ଜଣାଇଥିଲେ। ଏହି ମକରମେଳା ଆବାହମାନକାଳରୁ ଚାଲିଛି। ଲୋକଙ୍କ ଭାବାବେଗ ସହ ଜଡିତ ଏ ମେଳା।

- ଲୋକଙ୍କ ଭାବାବେଗ ସହ ଜଡ଼ିତ ମକରମେଳା
- ପ୍ରସିଦ୍ଧ ରାମଲୀଳା ଓ କୃଷ୍ଣଲୀଳା ରଚୟିତାଙ୍କୁ ସ୍ମରଣ କଲେ ସାଂସଦ ମାନସ ମଙ୍ଗରାଜ

ତେବେ ନବୀନ ସରକାରଙ୍କ ସମୟରେ ଏହାର ଉନ୍ନତିକରଣ ପାଇଁ ୪କୋଟି ଟଙ୍କା ମଞ୍ଜୁର ହୋଇଥିଲା। ତାହା ଏବେ ପର୍ଯ୍ୟଟନ ବିଭାଗ ନିକଟରେ ଥିବାବେଳେ ଏହା କାର୍ଯ୍ୟକାରୀ କରାଯାଇନି। ଏ ପୀଠ ଲାଗି ଅର୍ଥ ଅନୁଦାନ ମିଳିଥିଲେ ମଧ କାର୍ଯ୍ୟ କରିବା ଦିଗରେ ବିଳମ୍ବ କରାଯାଇଛି। ତେଣୁ ନୂଆ ସରକାର ଶୀଘ୍ର ଏ ଦିଗରେ ପଦକ୍ଷେପ ନେବେ ବୋଲି ଶ୍ରୀ ମଙ୍ଗରାଜ ଆଶା ପ୍ରକଟ କରିଥିଲେ।

ମୁଖ୍ୟବକ୍ତା ଭାବେ ଅନ୍ୟତମ ରାଜ୍ୟସଭା ସାଂସଦ ସୁଲତା ଦେଓ, ସମ୍ମାନିତ ଅତିଥି ଦୈନିକ 'ସକାଳ'ର ପ୍ରକାଶକ ଅମିତ ମଲ୍ଲିକ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସୁନନ୍ଦିତା ସାହୁ, ସୁବାସ ଚନ୍ଦ୍ର ରାୟଗୁରୁ, ବିଡ଼ିଓ ଲକ୍ଷ୍ମୀଧର ସାହୁ, ମହୋତ୍ସବ ଆବାହକ ତଥା ବେଗୁନିଆ ତହସିଲଦାର ତାପସ ବିଶି, ବୋଲଗଡ ଭାରପ୍ରାପ୍ତ ତହସିଲଦାର ଦୀପ୍ତିମୟୀ ଶର୍ମା, ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବେଗୁନିଆ ଉପନିବନ୍ଧକ ଅମିତ ସେଠୀ,ସମାଜସେବୀ ଲାଲା ବୀରେନ ରାୟ, ବେଗୁନିଆ ବ୍ଲକ ସହକାରୀ ଯନ୍ତ୍ରୀ ସୁସ୍ମିତା ମିଶ୍ର, ଗାଇଡାନ୍ସ ଇଣ୍ଟର ନ୍ୟାସନାଲ ସ୍କୁଲ ନିର୍ଦ୍ଦେଶକ ସୟଦ ଇଞ୍ଜାମାମଉଲ ହକ, ବେଗୁନିଆ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ବିଧାୟକ ପ୍ରତିନିଧି ପ୍ରଶାନ୍ତ ବେହେରା, ବାରପଲୀ କମିଟି ସଭାପତି ରବୀନ୍ଦ୍ର କୁମାର ରାୟ ପ୍ରୀତମ, ସମ୍ପାଦକ ବିରଞ୍ଚି କୁମାର ଜଗଦ୍ଦେବ, କୋଷାଧ୍ୟକ୍ଷ ଧର୍ମାନନ୍ଦ ମହାନ୍ତି, ଏମଡ଼ି ୟୁପି ସିଚେଣ୍ଟ ମୁଶାରଫ, ହାସ୍ୟକମେଡି ପ୍ରଜ୍ଞା ଓ ଶଙ୍କର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମହୋତ୍ସବ ଯୁବପୀଢ଼ି ପାଇଁ ପ୍ରେରଣା ଯୋଗାଇଥାଏ ବୋଲି ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବୋଲଗଡ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଉପଲକ୍ଷେ ସ୍ମରଣିକା ପୁସ୍ତକ 'ମକର' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶିକ୍ଷକ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭା କାର୍ଯ୍ୟ ପରେ ଭୁବନେଶ୍ୱର ଓଡ଼ିଶୀ, ମଡର୍ଣ୍ଣ ଡ୍ୟାନସ ଓ ସମ୍ବଲପୁରୀ ସହ ଆଞ୍ଚଳିକ ପ୍ରତିଭାଙ୍କ ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା। ଶୀତ ସତ୍ତ୍ୱେ ମଞ୍ଚ ତଳେ ଦର୍ଶକଙ୍କୁ ବାନ୍ଧି ରଖିଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ।

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ



ବାଣପୁର,୧୮ ।୧(ସମିସ): ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୀର୍ଘ ୮ ଦିନ ବ୍ୟାପୀ ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଶାନ୍ତ ଦାଶ, ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, କଲ୍ୟାଣୀ ବୈରୀଗଞ୍ଜନ, ସୁଚିତ୍ରା ଦାଶ, ରୋଜାଲିନ୍ ଦାଶ, ସାଗରିକା ଦାସ, କସ୍ତୁରୀ ପଟ୍ଟନାୟକ, ରବୀନ୍ଦ୍ର ମାର୍ଥା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତ ଛାତ୍ରୀ ଜଣେ ଜଣେ ସାହାସୀ ଝିଅ ହୋଇ ଜୀବନର ପ୍ରତିଟି କ୍ଷେତ୍ରରେ ସବୁ ପରିସ୍ଥିତିକୁ ନିର୍ଭିକ ଭାବେ ସାମ୍ନା କରିବାକୁ ଏହି ଆତ୍ମରକ୍ଷା ତାଲିମ କିପରି ସହାୟକ ହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ଯୁକ୍ତ ଦୁଇର ୧୫୦ ଛାତ୍ରୀ ସାମିଲ ହୋଇଥିଲେ। କ୍ରୀଡା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ ଶିବିର ପରିଚାଳନା କରିଥିଲେ। ପ୍ରଶିକ୍ଷକ ସୁଶ୍ରୀ କଳ୍ପଶ୍ରୀ ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶିବ ଶଙ୍କର ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ବାଣପୁର,୧୮ ।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ବାଣପୁର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଶାସନର ମିଳିତ ଆନୁକୂଲ୍ୟରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଓ ଏନ୍‌ଏସି ନଗରପାଳ ମିଟୁ ନାୟକ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ବାଣପୁର ଏନ୍‌ଏସି ଓ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରୁ ମୋଟ ୫୬୮ ଜଣ ଭିନ୍ନକ୍ଷମ ନିଜର ନାମ ପଞ୍ଜିକୃତ କରିଥିବା ସହ ପ୍ରମାଣପତ୍ର ପାଇବା ପାଇଁ ଅନ୍‌ଲାଇନରେ ଆବେଦନ କରିଥିବା ସମସ୍ତ କାଗଜପତ୍ରର ଅବିକଳ ନକଲ ଯାଞ୍ଚ ନିମନ୍ତେ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହି ଦାଖଲ କରିଥିଲେ। ଏହି ଶିବିରକୁ ୪ଟି ବିଭାଗରେ ବିଭକ୍ତ କରାଯାଇଥିବା ବେଳେ ଶାରୀରିକ ଭିନ୍ନକ୍ଷମ ବିଭାଗରେ ୨୬୨ଜଣ, ଦୃଷ୍ଟିହୀନ ବିଭାଗରେ ୮୯, ମୁକ ବଧିର ବିଭାଗରେ ୮୪ ଓ ମାନସିକ ଭିନ୍ନକ୍ଷମ ବିଭାଗରେ ୧୩୨ଜଣ ଭିନ୍ନକ୍ଷମ ପ୍ରମାଣପତ୍ର ନିମନ୍ତେ ଆବେଦନ କରିଥିଲେ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ଜଟଣୀ,୧୮ ।୧(ସମିସ): ଜଟଣୀ ଉପକଣ୍ଠ ବଡ଼ତୋଟା ବେଲପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ନିଶା ନିବାରଣ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉଗ୍ରେସନ୍ ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ଅର୍ଜୁନ ଚରଣ ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜବାହରଲାଲ ସୁବୁଦ୍ଧି ଯୋଗଦେଇ 'ନିଶାକୁ ନା', ଆଦର୍ଶ ଜୀବନଶୈଳୀ, ଶିକ୍ଷାକୁ ଗୁରୁତ୍ୱ ଦେବା,



ବିବେକାନୁ ମୋଦିତ କାର୍ଯ୍ୟ କରିବା, ସମୟାନୁବର୍ତ୍ତିତା ହେବା, ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁଙ୍କ ପରି ମହାପୁରୁଷଙ୍କ ଜୀବନୀ ପୁସ୍ତକ ଅଧ୍ୟୟନ କରିବା ସହ ସୁସଙ୍ଗ କରିବା ଆଦି ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା ପ୍ରଶ୍ନୋତ୍ତର ମାଧ୍ୟମରେ ସୂଚନା ଦେଇଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ସୁଜାତା ପଟ୍ଟନାୟକ, ନମିତା ବିଶୋଇ, କିର୍ତ୍ତୀରାଣୀ ନାୟକ ପ୍ରମୁଖ ଭାଗ ନେଇଥିଲେ। ବରିଷ୍ଠ ଶିକ୍ଷକ ସନ୍ତୋଷ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଜଟଣୀ,୧୮ ।୧(ସମିସ):** ଜଟଣୀ ଥାନା ରଥିପୁର ଗ୍ରାମରୁ ଜଣେ ଯୁବକଙ୍କ ଗଳିତ ମୃତଦେହ କୂଅରୁ ଉଦ୍ଧାର ହୋଇଛି। ଆଜି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସୂଚନାଯୋଗ୍ୟ ଯେ, ରୋହନ ରଥିପୁରରେ ଥିବା ନିଜ ମାମୁଘରେ କିଛି ଦିନ ହେଲା ରହି ଆସୁଥିଲେ। ଗତ ଦୁଇ ଦିନ ତଳେ ରୋହନ ଘରୁ ପାଣି ମଟର ନେଇ କୂଅରେ ପକାଇବାକୁ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନଥିଲେ। ଆଜି କୂଅରେ କେହି ଭାସୁଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କୂଅରୁ ମୃତଦେହକୁ ଉଦ୍ଧାର କରିଥିଲେ। ରୋହନଙ୍କ ମାମୁଘର ଲୋକ ପହଞ୍ଚି ଭଣଜାର ମୃତଦେହ ବୋଲି ଚିହ୍ନଟ କରିଥିଲେ। ତେବେ ରୋହନ କୂଅରେ କିପରି ପଡ଼ିଲେ ତାହା ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପଞ୍ଚ ପାଇକ ବଜାର ଉଦ୍‌ଘାଟିତ

**ଖୋର୍ଦ୍ଧା,୧୮ ।୧(ସମିସ):** ସ୍ଥାନୀୟ ଟିଏଲ୍‌ସି ଖଣି ଉପରେ ଖୋର୍ଦ୍ଧା ପୌରପରିଷଦ ପକ୍ଷରୁ କରାଯାଇଥିବା ପଞ୍ଚପାଇକ ବଜାର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରିବା ବ୍ୟବସାୟୀଙ୍କୁ ଝୁଡ଼ି ପ୍ରଦାନ କରିବା ସହ ବୃକ୍ଷରୋପଣ କରିଥିଲେ। ପୌରପରିଷଦ ନିର୍ବାହୀ ଅଧିକାରୀ ରିଜିୱାନା କଅକବ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ୬.୮୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ବଜାରରେ ୧୬୬ ଜଣ ଉଠାଦୋକାନୀଙ୍କୁ ଥଇଥାନ କରାଯାଇଥିବା ପ୍ରକାଶ କରିଥିଲେ। ପ୍ରାୟ ୭୦ ଉଠାଦୋକାନୀ ବ୍ୟବସାୟ କରିବାକୁ ପିଣ୍ଡି ବ୍ୟବସ୍ଥା ହୋଇଥିବା ସୂଚନା ଦେଇଥିଲେ।

**● ମହିଳା ଫୁଟ୍‌ବଲ ପ୍ରଦର୍ଶନୀ ମ୍ୟାଚ୍**

## ବାମନ ସ୍ମାରକୀ ଟ୍ରଫି ଜିତିଲା ବିଡ଼ାନାସୀ ଟିମ୍



**ନିରାକାରପୁର,୧୮ ।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡ଼ା ସଂସଦ ତରଫରୁ ଚାଲିଥିବା ୩୧ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଆଜିର ମହିଳା ପ୍ରଦର୍ଶନୀ ମ୍ୟାଚ୍‌ରେ କଟକ ବିଡାନାସୀ ମହିଳା ଫୁଟ୍‌ବଲ ଟିମ୍ ୧-୦ରେ ଭୁବନେଶ୍ୱର ମହିଳା ଟିମ୍ ଆଡୋର ଫୁଟ୍‌ବଲ ଏକାଡେମୀକୁ ପରାସ୍ତ କରିଛି। ଉପଦେଷ୍ଟା ରବୀନ୍ଦ୍ର ରାଉତରାୟଙ୍କ ତରଫରୁ ବିଜୟୀ ଟିମ୍‌କୁ ବାମନ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଛି। ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ୍ ଦେଇ ବିଡାନାସୀ କଟକ ମହିଳା ଫୁଟବଲ ଟିମ୍ ୧-୦ରେ ଅଗ୍ରଣୀ ରହିଥିଲା। ଆଜିର ଖେଳକୁ ନନ୍ଦ କିଶୋର ସ୍ୱାଇଁ, ବିପିନ ସାମନ୍ତରାୟ, ସୁକାନ୍ତ କୁମାର ପ୍ରଧାନ ଓ ଓମ୍ ପ୍ରକାଶ ମିଶ୍ର , ଅକ୍ଷୟ କୁମାର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଆଜି ଅତିଥି ଭାବେ କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ, ନୟାଗଡ ଭାରପ୍ରାପ୍ତ ଏସିଏଫ୍ ତଥା ପଞ୍ଚିରିଡା ରେଞ୍ଜର ଚୁଡ଼ାରାଣୀ ମୁର୍ମୁ, ସମାଜସେବୀ ଏଲିନା ପାଟଶାଣୀ ମିଶ୍ର, ପ୍ରାକ୍ତନ ପ୍ରାନ୍ତ ପାଳିକା ଜିଲ୍ଲା ରୋଟାରୀ ଜୟଶ୍ରୀ ମିଶ୍ର, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ସମାଜସେବୀ ନିହାର ରଞ୍ଜନ ଭୂୟାଁ ମହାପାତ୍ର, ସରପଞ୍ଚ ବିନୋଦିନୀ ଦାଶ, ଏସ୍‌ଆଇ ଭାଗ୍ୟଶ୍ରୀ ବେହେରା, ପ୍ରସନ୍ନ କୁମାର ସେଠୀ, ଶିକ୍ଷୟିତ୍ରୀ ପ୍ରମିଳା ପ୍ରଧାନ ଓ ନାରୀନେତ୍ରୀ ରଶ୍ମିତା ରାଉତରାୟ ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ଓ ପ୍ରଶାନ୍ତ କୁମାର ପାଟଶାଣୀ ମଞ୍ଚ ପରିଚାଳନା କରିଥିଲେ। ଆଜି ସଭାପତି ବିପିନ କୁମାର ଜୟସିଂହ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର କୁମାର ରାଉତରାୟ, ଉପସଭାପତି ଶ୍ୟାମ ସୁନ୍ଦର ପଟ୍ଟନାୟକ, ପ୍ରକାଶ କୁମାର ବଳିଆରସିଂହ, ସମ୍ପାଦକ ଭାଗିରଥି ପ୍ରଧାନ, କୋଷାଧ୍ୟକ୍ଷ ହରିହର ସିଂହ, ଉପଦେଷ୍ଟା ମହେଶ୍ୱର ବେହେରା, ହିମାଂଶୁ ଭୂଷଣ ଚମ୍ପତିରାୟ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନିରାକାରପୁର ଅଞ୍ଚଳର ଯୁବ ଖେଳାଳି ଓ ଭେଟରାନ୍ ଟିମ୍ ମଧ୍ୟରେ ଏକ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବକ ଟିମ୍ ୪-୦ ଗୋଲରେ ବିଜୟ ଲାଭ କରିଛି।

## କନିଷ୍ଠ ଇନ୍‌ଟ୍ରା କ୍ଲବ୍ କ୍ରିକେଟ: ଖୋର୍ଦ୍ଧା ବିଜୟୀ

**ଖୋର୍ଦ୍ଧା,୧୮ ।୧(ସମିସ):** ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଆନୁକୂଲ୍ୟରେ ଚାଲିଥିବା ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚ୍‌ରେ ଖୋର୍ଦ୍ଧା କ୍ରିକେଟ କ୍ଲବ, କେଟି ଗ୍ଲୋବାଲ କ୍ରିକେଟ କ୍ଲବକୁ ୫ ୱିକେଟ୍‌ରେ ପରାସ୍ତ କରିଛି। ଟସ୍ ଜିତି କେଟି ଗ୍ଲୋବାଲ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୬ ଓଭରରେ ସମସ୍ତ ୱିକେଟ୍ ହରାଇ ୯୩ ରନ୍ କରିଥିଲା। ଜବାବରେ ଖୋର୍ଦ୍ଧା ଦଳ ୨୪.୨ ଓଭରରେ ୫ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଖେଳକୁ ପ୍ରୀତିରଞ୍ଜନ ବିଜୟସିଂ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବାବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସମୀର ବଳିଆରସିଂହ ମ୍ୟାଚ୍ ରେଫରୀ, କିରଣ ଶତପଥୀ ଏବଂ ସୁଧୀର ସାହୁ ଏହି ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ।



## କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ଟାଙ୍ଗୀ,୧୮ ।୧(ସମିସ):** ଟାଙ୍ଗୀ ବ୍ଲକ ଅଧୀନସ୍ଥ କୁହୁଡି କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ କ୍ରୀଡାବିତ୍ ତଥା ବରିଷ୍ଠ ଆଇନଜୀବୀ ମନୋଜ କୁମାର ମାନସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟା ହେଉଛି ଅମୂଲ୍ୟ ସମ୍ପଦ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କୋମଳମତି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ସମୟରେ ଯତ୍ନବାନ ହେବା ସହିତ ଜ୍ଞାନ ରୂପକ ଆଲୋକକୁ ପ୍ରଦାନ କରିବା ଉଚିତ୍ ବୋଲି ମୁଖ୍ୟଅତିଥି ଶ୍ରୀ ମାନସିଂହ ମତ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା ଲାଭ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୀନବନ୍ଧୁ ପୃଷ୍ଟି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଷ୍ଟମ ଶ୍ରେଣୀ ଛାତ୍ର ରିତେଶ ତରାସ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସଭାପତି ଲୀପିନା ଶ୍ରୀଚନ୍ଦନ, ସମରେଶ ବେହେରା, ଶୈଳବାଳା ମହାରଣା, ସସ୍ମିତା ଦଳବେହେରା, ଅନନ୍ତ ବାରିକ, ସୁଚିତ୍ରା ରାଉତରାୟ, ପ୍ରକାଶ ସାହୁ, କାହ୍ନୁ ବେହେରା, ଜ୍ୟୋତିର୍ମୟୀ ରାଉଳ, ସୋନାଲି ଚିନେରା, କଳ୍ପନା ରାଉତରାୟ, ସ୍ନେହଲତା ନାୟକ ଓ ତନୁଜା ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିପଦକୁ ଡାକୁଛି ମୁକୁଳା ଖଣି; ବିଗୁଡ଼ୁଛି ପରିବେଶ ସନ୍ତୁଳନ

**ଖୋର୍ଦ୍ଧା,୧୮ ।୧(ସମିସ)**


ବେଆଇନ ଖଣି ଖନନ କରି ପରେ ତାକୁ ବିପଦପୂର୍ଣ୍ଣ ଭାବେ ଛାଡ଼ିବା ଯୋଗୁ ଏଥିରେ ବହୁ ସମୟରେ ଦୁର୍ଘଟଣା ଘଟୁଛି। ଶହ ଶହ ଫୁଟ୍ ଗଭୀର ଖାଲ ଯୋଗୁ ମୃତାହତ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ଖୋର୍ଦ୍ଧା ତହସିଲ ଅଞ୍ଚଳରେ ଥିବା ବହୁ ଖୋଲା ଖଣିକୁ ପୋତାଯାଉ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସେହିପରି ବେଆଇନ ଖଣି ଖନନ ବନ୍ଦ କରିବାକୁ କଂଗ୍ରେସ ଦାବି କରିଛି। ଏନେଇ ଆଜି ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ସୋନାଲୀ ସାହୁ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ଉପରେ ବିଚାର କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ତହସିଲ ଅଧୀନସ୍ଥ ତାପଙ୍ଗ, ମଳିପଡା, କାଇପଦର ଏବଂ ଛତ୍ରମା ମୌଜାରେ ଥିବା କେତେକ କଳାମୁଗୁନି ପଥର ଖଣିରୁ ବେଆଇନ୍ ଭାବେ ପ୍ରତ୍ୟେକ ଦିନ ଶହ ଶହ ଟନ୍ ପଥର ଲୁଟ୍ ହେଉଛି। ଏଥିସହିତ କିଛି ଖଣିକୁ ଲିଜ୍ ପ୍ରଦାନ କରାଯାଇଥିଲେ ମଧ ଆବଶ୍ୟକତାଠାରୁ ଅଧିକ ଖନନ କରି ବିରାଟ ବିରାଟ ଖାଲ କରି କୃତ୍ରିମ ଜଳାଶୟ ସୃଷ୍ଟି କରିଛନ୍ତି। ବିନା 'ୱାଇ' ଫର୍ମରେ ଅନେକ ଖଣି ମାଲିକ ପ୍ରତ୍ୟେକ ଦିନ ଅସାଧୁ ପୁଲିସ, ପ୍ରଶାସନିକ କର୍ମଚାରୀଙ୍କୁ



ହାତକରି ଶହ ଶହ ଟ୍ରିପ୍ ପଥର ଚୋରା ଚାଲାଣ କରୁଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ମୁଣ୍ଡାଆମ୍ବ ମୌଜାରେ ଥିବା ଏକମାତ୍ର ଖଣି କଳାବତୀରୁ ମୋରମ୍ ଖନନ ପାଇଁ ଅନୁମତି ଥିବା ବେଳେ ଖୋର୍ଦ୍ଧା ଉପକଣ୍ଠ ନାଳିପଡ଼ା ଅର୍ଜୁନପୁର, ତରତୁଆ, ନିଆଳ, ଟାଙ୍ଗିଆପଡ଼ା ଅଞ୍ଚଳରେ ଥିବା ସରକାରୀ ଜାଗା ଏବଂ କାଜୁ ନିଗମ ଅଧୀନରେ ଥିବା ଅନେକ ଜମିରୁ ବେଆଇନ୍ ଭାବେ ମାଙ୍କଡ଼ା ପଥର ଏବଂ ମୋରମ ଚୋରା ଚାଲାଣ ହେଉଛି।

ଆବଶ୍ୟକତାଠାରୁ ଅଧିକ ଖନନ କରି ଖୋଲାରେ ଖଣି ଛାଡିବା ଦ୍ୱାରା ତାହା ବିପଦ ସାଜୁଛି। କିଛିମାସ ତଳେ ତାପଙ୍ଗସ୍ଥିତ ଏକ ଖଣିରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଅନ୍ୟ ଜଣେ ଯୁବକଙ୍କୁ ହତ୍ୟାକରି ଦୁର୍ବୃତ୍ତ କାଇପଦରର ଏକ ଖଣିରେ ଫୋପାଡ଼ି ଦେଇଥିଲେ। ଏହା ପୂର୍ବରୁ ଅନେକ ଜୀବନ ହାନୀ ସହିତ ଗୃହପାଳିତ ପଶୁ ମଧ ଏହି ସବୁ ଖଣି ମାନଙ୍କରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ, ଲଘୁ ଖଣିଜ ସମ୍ପଦ ଅନ୍ତର୍ଗତ ଲିଜ ଖଣିମାନଙ୍କରୁ ୮ ମିଟର ଖୋଳିବାକୁ ନିୟମ ଥିବାବେଳେ ଅସାଧୁ ଖଣିମାଫିଆମାନେ ଏହାକୁ ଉଲ୍ଲଂଘନ କରି ଶହଶହ ମିଟର ପର୍ଯ୍ୟନ୍ତ ପଥର ଖନନ କରି ଜନସାଧାରଣଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ଏହିସବୁ ବେଆଇନ୍ ଖଣି ଖନନ ପାଇଁ ପରିବେଶ ସନ୍ତୁଳନ ବିଗିଡ଼ିଥିବା ବେଳେ କୌଣସି ମୁହୂର୍ତ୍ତରେ ଏହି ସବୁ ଅଞ୍ଚଳରେ କୃତ୍ରିମ ଭୂମିକମ୍ପ ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଣୁ ନିୟମ ଅନୁଯାୟୀ କଳାମୁଗୁନି ପଥର ଖଣି ସହିତ ମାଙ୍କଡ଼ା ପଥର ଖଣିଗୁଡିକୁ ଲିଜ୍ ନେଇଥିବା ବ୍ୟକ୍ତିଙ୍କ ଜରିଆରେ ତୁରନ୍ତ ପୋତିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି କଂଗ୍ରେସ ଦାବି କରିଛି। ସେହିପରି ବେଆଇନ୍ ଭାବେ ଚାଲୁଥିବା ସମସ୍ତ ଖଣିକୁ ତୁରନ୍ତ ବନ୍ଦ କରିବା ଏବଂ ସେମାନଙ୍କୁ ସହଯୋଗ କରୁଥିବା ଦୁର୍ନୀତିଖୋର ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମତୀ ସାହୁ ଦାବି କରିଛନ୍ତି।



**ବେଆଇନ ଖଣି ଖନନ ବନ୍ଦ ଦାବିକଲା କଂଗ୍ରେସ**

**● ଟାଙ୍କୋଳ ପଥର ଖଣିରେ ଚଢ଼ଉ**

## ୭ ଟ୍ରକ୍, ୨ ପାୱାର ଟିଲର୍ ଓ ୧ ବାଇକ୍ ଜବତ

ନିରାକାରପୁର,୧୮ ।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଟାଙ୍କୋଳ ଅଞ୍ଚଳରେ ପୁଲିସ ଗତକାଲି ରାତିରେ ଅତର୍କିତ ଚଢ଼ଉ କରି ୭ ପଥର ଟ୍ରକ୍, ଦୁଇ ପାୱାର ଟିଲର, ଗୋଟିଏ ବାଇକ୍ ଜବତ କରିଛି। ଟାଙ୍କୋଳ ମୌଜାରେ ବେଆଇନ ମାଙ୍କଡ଼ା ପଥର ଖଣି ଚାଲୁଥିବା କୌଣସି ସୂତ୍ରରୁ ଖବର ପାଇ ଜଙ୍କିଆ ଆଇଆଇସି ପ୍ରଜ୍ଞା ରିତମ୍ବରା କର ସଦଳବଳେ ଉକ୍ତ ଖଣି ଚାଲୁଥିବା ସ୍ଥାନରେ ଗତକାଲି ରାତିରେ ଚଢ଼ଉ କରିଥିଲେ। ଏହି ସମୟରେ ଖଣି ମାଲିକ, ଗାଡ଼ିଚାଳକ ଗାଡ଼ି ଛାଡ଼ି ଛତ୍ରଭଙ୍ଗ ଦେଇଥିଲେ। ପୁଲିସ ଘଟଣାସ୍ଥଳରୁ ୭ଟି ପଥର ବୋଝେଇ ଟ୍ରକ୍, ଦୁଇଟି ପାୱାର ଟିଲର୍ ଓ ଗୋଟିଏ ବାଇକ୍ ଜବତ କରିଥିଲା। ଏନେଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି।



# ଗୁଡ୍ ମର୍ଣ୍ଣିଂ ରିପୋର୍ଟର






ବୁଲା ବାରିକ

# ମନ୍ଦିର ମାଳିନୀ ଗାଁ

**ଖୋର୍ଦ୍ଧାରୁ ଭୁବନେଶ୍ୱର ଯିବା ରାସ୍ତାରେ ୧୬ନଂ ଜାତୀୟ ରାଜପଥରେ ଅବସ୍ଥିତ ଜଟଣୀ ବ୍ଲକ୍‌ର ଯାଁଳା ଅଞ୍ଚଳ, ଏହାକୁ ମନ୍ଦିର ମାଳିନୀ ଗାଁ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଅଞ୍ଚଳରେ ଛୋଟବଡ଼ ହୋଇ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ମନ୍ଦିର ରହିଛି । ପ୍ରତ୍ୟେକ ଦେବଦେବୀଙ୍କ ପଛରେ କିଛି ନା କିଛି କିମ୍ବଦନ୍ତୀ ଲୁଚି ରହିଛି । ଏହି ଅଞ୍ଚଳରେ ଚତୁଃଦିଗରେ ୪ଟି ମହାଦେବ ମନ୍ଦିର, ପୂର୍ବରେ ଗ୍ରାମେଶ୍ୱର ଦେବ, ପଶ୍ଚିମରେ ପଞ୍ଚଲିଙ୍ଗେଶ୍ୱର, ଉତ୍ତରରେ ବାବା ବାଲୁଙ୍କେଶ୍ୱର ଏବଂ ଦକ୍ଷିଣରେ ମୃଗେଶ୍ୱର ମହାଦେବ ବିରାଜମାନ କରିଛନ୍ତି । ଅଞ୍ଚଳର ପ୍ରତ୍ୟକ୍ଷ ଏବଂ ପ୍ରସିଦ୍ଧ ଦେବୀ ମା'ବାଟ ଭୁଆଶୁଣୀ ମନ୍ଦିର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ ।**

ଶୁଣାଯାଏ ଏକଦା ଜଣେ ରାଜା ଏକ ମିରିଗକୁ ଶିକାର କରିବା ଉଦ୍ଦେଶ୍ୟରେ ତା ପଛରେ ଧାଇଁଥିଲେ, ମିରିଗଟି ଧାଇଁଥିବା ବେଳେ ତାର ପାଦସେହି ରାସ୍ତାରେ ଥିବା ମହାଦେବଙ୍କ ଶକ୍ତି ଉପରେ ପଡିଯାଇଥିଲା, ଏବଂ ତା ଉପରେ ସେହି ମିରିଗର ପାଦଚିହ୍ନ ସ୍ପଷ୍ଟ ହୋଇ ରହିଯାଇଥିଲା, ରାଜା ଏହାଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ଏବଂ ସେହିଠାରେ ଏକ ଶିବ ମନ୍ଦିର ନିର୍ମାଣ କରିଥିଲେ,ମୃଗର ପାଦଚିହ୍ନ ରହିଥିବାରୁ ଠାକୁରଙ୍କର ନାମ ମୃଗେଶ୍ୱର ରଖାଗଲା ।

ସେହିପରି ଆଉ ଏକ ଆଶ୍ଚର୍ଯ୍ୟର କଥା ହେଉଛି ମହାବିଷୁବ ପଣାସଂକ୍ରାନ୍ତିରେ ଚାରିଆଡେ ଝାମୁଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ବାବା ମୃତ୍ୟେଶ୍ୱରଙ୍କ ପୀଠରେ ରଜଯାତ୍ରା ସମୟରେ ଝାମୁଯାତ୍ରା ଅନୁଷ୍ଠିତ ହୁଏ ଠିକ୍ ପଣା ସଂକ୍ରାନ୍ତିରେ ଝାମୁଯାତ୍ରା ପରି ପାଟୁଆମାନେ ଦେହରେ କଣ୍ଟାଫୋଡି ହୁଅନ୍ତି, ଖାଇରେ ତଳକୁ ଝୁଲନ୍ତି ଯାହାକୁ ଅଘୋର ତପ କୁହାଯାଏ, ଆହୁରି ମଧ୍ୟ ପ୍ରତ୍ୟେକ ସଂକ୍ରାନ୍ତି ଏବଂ ଜାଗର ବେଳେ ଏଠାରେ ନାହିଁ ନ ଥିବା ଭିଡ଼ ପରିଲିକ୍ଷିତ ହୁଏ,ଠାକୁରଙ୍କର ଅନ୍ୟାନ୍ୟ ଯାତ୍ରା ମଧ୍ୟ ଏଠାରେ ପ୍ରଥା, ପରମ୍ପରା ଅନୁଯାୟୀ ମହା ଆଡମ୍ବରରେ ପାଳନ କରାଯାଏ,

ବାବା ଗ୍ରାମେଶ୍ୱରଙ୍କର ଏକ କିମ୍ବଦନ୍ତୀ ଅଛି ଯେ ଏହି ଅଞ୍ଚଳରେ ସ୍ଥାନୀୟ ଗୌଡ଼ଙ୍କର ପୂର୍ବ ପୁରୁଷ ଏକଦା ଗାଈ ଚରାଇବା ସମୟରେ ଦେଖିଲେ ଯେ ଗାଈଟିଏ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିଦିନ ଯାଇ ଛିଡ଼ାହେଉଛି ଏବଂ ତା ପହ୍ନାରୁ ଆପେ ଆପେ ସେଠାରେ କ୍ଷୀର ବାହାରି ଭୂମିରେ ପଡୁଛି କୌତୁହଳ ହେବାରୁ ଦେଖନ୍ତି ଯେ ସେଠାରେ ସ୍ୱୟଂ ମହାଦେବଙ୍କ ଶକ୍ତି ଉପରକୁ ଦିସୁଛି, ସେହି ରାତିରେ ପ୍ରଭୁଙ୍କର ସ୍ୱପ୍ନାଦେଶ ହେଲା ସେଠାରେ ମନ୍ଦିର ନିର୍ମାଣ ପାଇଁ, କିନ୍ତୁ ମନ୍ଦିର ନିର୍ମାଣ ପାଇଁ ସ୍ଥାନୀୟ ଜଣେ ବ୍ୟକ୍ତି ଏବଂ ଗୌଡ଼ମାନଙ୍କ ମଧ୍ୟରେ ବିବାଦ ଉପୁଜିଲା ଶେଷରେ ଦୁଇଟି ମାଠିଆ ଭର୍ତ୍ତି ମୁଦ୍ରା ଏକ ଗଛ ଡାଳରେ ବାନ୍ଧି ଦିଆଗଲା, ଯେଉଁ ମାଠିଆଟି ପ୍ରଥମେ ତଳକୁ ପଡିବ ସେହି ମନ୍ଦିର ନିର୍ମାଣ ଦାୟିତ୍ୱ ନେବ ବୋଲି ସ୍ଥିର କରାଗଲା. ଶେଷରେ ସ୍ଥାନୀୟ ସେହି ବ୍ୟକ୍ତି ଜଣକ ଗ୍ରାମବାସୀଙ୍କୁ ଧରି ମନ୍ଦିର ନିର୍ମାଣ ସଂପୂର୍ଣ୍ଣ କଲେ, ଏମିତିକି ତାଙ୍କର ସମ୍ପତ୍ତି ତିନିବାଟି ଦଶମାଣ ଜମିକୁ ଠାକୁରଙ୍କ ନାମରେ ତାଙ୍କର ସେବାୟତମାନଙ୍କୁ ସମର୍ପି ଦେଲେ, ବିସ୍ମୟର କଥା ଏହି କି ଭବିଷ୍ୟତରେ ତାଙ୍କୁ କିମ୍ବା ତାଙ୍କର ବଂଶଧରମାନଙ୍କୁ କେହି ଯେମିତି ନ କୁହନ୍ତୁ ଯେ ସେ ମନ୍ଦିର ନିର୍ମାଣ କରିଛନ୍ତି, ସେଥିପାଇଁ ସେ ଗାଁ ମାଟି ଛାଡ଼ି ସବୁଦିନ ପାଇଁ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଛନ୍ତି ଗ୍ରାମର ବିବାଦ ଯୋଗୁ ପ୍ରତିଷ୍ଠିତ ମହାଦେବଙ୍କ ନାମ ଗ୍ରାମେଶ୍ୱର ନାମରେ ଖ୍ୟାତ ହେଲା । ସେହିପରି ବାବା ବାଲୁଙ୍କେଶ୍ୱରଙ୍କ କୃପା ମଧ୍ୟ ଆପାର, ଏହାର ବିଶେଷତ୍ୱ ଏହି କି ଯେ ସମସ୍ତ ଶୈବ ପୀଠର ମୁଖ ପୂର୍ବଦିଗକୁ ଥିବା ବେଳେ ଏହା ଏକ ପଶ୍ଚିମ ମୁଖା ମନ୍ଦିର । ଶୁଣାଯାଏ ଯେ ଜଣେ ରାଜା ଏହା ନିର୍ମାଣ କରିଥିଲେ ଏବଂ ତା ପାଖରେ ଥିବା ପୋଖରୀକୁ ତାଙ୍କ ରାଣୀ ଚିତ୍ର ଦେବୀଙ୍କ ନାମରେ ନାମିତ କରିଥିଲେ ବର୍ତ୍ତମାନ ଯେଉଁ ପୋଖରୀଟି ବଡ଼ ପୋଖରୀ ନାମରେ ପରିଚିତ ଅଟେ ।

ସେହିପରି ପ୍ରଭୁ ମହାଦେବଙ୍କୁ ନେଇ ପଞ୍ଚାୟତରେ ଦୁଇଟି ଗାଁରେ ବାଦ ବିବାଦ ଉପୁଜିଥିଲା, ବାବା ମହାଦେବଙ୍କ ମନ୍ଦିର ନିର୍ମାଣକୁ ନେଇ ପଞ୍ଚାୟତରେ ଦୁଇଟି ଗାଁରେ ବିବାଦ ଯୋଗୁ ନିର୍ମିତ ମନ୍ଦିରର ନାମ ପଞ୍ଚଲିଙ୍ଗେଶ୍ୱର ନାମରେ ନାମିତ ହୋଇଛି ।

ସେହିପରି ଯାଁଳାର ଅଧିଷ୍ଠାତ୍ରୀ ଦେବୀ ମା' ବାଟ ଭୁଆଷୁଣୀ, ମା'ଙ୍କ ମନ୍ଦିର ପ୍ରତିଷ୍ଠା ଅତ୍ୟନ୍ତ ରହସ୍ୟମୟ,ଲୋକ ନିସୃତ ବାଣୀ ଏହି କି ଯେ ଜଣେ ଗାଈ ଜଗୁଆଳ ପ୍ରତିଦିନ ଗାଈ ନେଇ ଜଙ୍ଗଲ ବାଟ ଦେଇ ଯାଏ, ତାର ଏକ ଭୁଆଷୁଣୀ ଝିଅ ପ୍ରତିଦିନ ତାର ଆସିବା ବାଟକୁ ଅନାଇ ଥାଏ ଏମିତିକି ଟିକେ ଡେରି ହେଲେ ବାଟ ପର୍ଯ୍ୟନ୍ତ ଚାଲିଯାଏ । ଥରେ ତା ବାପାର ଆସିବା ଡେରି ହେବାରୁ ସେ ବାଟ ପର୍ଯ୍ୟନ୍ତ ଚାଲି ଯାଇଥିଲା ହେଲେ ତା ବାପାକୁ ପାଇନଥିଲା ଶୁଣାଯାଏ ଯେ ତା ବାପା କୌଣସି କାରଣରୁ ଜଙ୍ଗଲରେ ମୃତ୍ୟୁବରଣ କରିଥିଲେ,ଭୁଆଷୁଣୀ ଝିଅଟି ମଧ୍ୟ ସେହି ବାଟରେ ହିଁ ମୃତ୍ୟୁବରଣ କରିଥିଲା । ସେହି ବାଟଦେଇ ଲୋକେ ଯିବା ଆସିବା ସମୟରେ ସେହି ସ୍ଥାନରେ ଏକ ଝିଅର କ୍ରନ୍ଦନ ଏବଂ ଚୁଡ଼ି ଝଣ ଝଣ ଶବ୍ଦ ଶୁଣାଯାଏ, ଆହୁରି ମଧ୍ୟ ଶୁଣାଯାଏ ଯେ ସେହି ସ୍ଥାନରେ କୌଣସି ଅଘଟଣ ବା ଦୁର୍ଘଟଣା ଘଟିଲେ କେହି ଯେମିତି ସେମାନଙ୍କୁ ସାହାଯ୍ୟ କରୁଛି,ବିପଦ ଆପଦରେ ରକ୍ଷା କରୁଛି । ସେଥିପାଇଁ ସ୍ଥାନୀୟ ଲୋକେ ସେଠାରେ ଏକ ପଥର ରଖି ତାକୁ ପୂଜା କରିବାରେ ଲାଗିଲେ । ସେହି ବାଟରେ ଭୁଆଷୁଣୀ ଝିଅର ଜୀବନ ଯାଇଥିବାରୁ ସେହି ପଥରକୁ ସେମାନେ ମା' ବାଟ ଭୁଆଷୁଣୀ ନାମରେ ନାମିତ କରି ପୂଜା କରିବାରେ ଲାଗିଲେ, କାଳକ୍ରମେ ସେହି ଗଛ ମୂଳରେ ଏକ ମନ୍ଦିର ନିର୍ମାଣ କରାଗଲା । ସେହିଦିନ ଠାରୁ ମା' ସେହି ଗଛ ମୂଳରେ ଏକ ମନ୍ଦିରରେ ପୂଜା ପାଇ ସମସ୍ତଙ୍କର ମନୋସ୍କାମନା ପୂରଣ କରୁଛନ୍ତି ବୋଲି ଭକ୍ତମାନେ କୁହନ୍ତି । ସେହିପରି ଆହୁରି ଅନେକ ମନ୍ଦିର ଏ ଅଞ୍ଚଳରେ ଅବସ୍ଥିତ ଯାହାକି କଳ୍ପନାର ବାହାରେ, ଯେପରିକି ଅନେକ ମଙ୍ଗଳା ମନ୍ଦିର, ହନୁମାନ ମନ୍ଦିର,ରଘୁନାଥ ମନ୍ଦିର, ଚଣ୍ଡି ମନ୍ଦିର, ସାଇ ମନ୍ଦିର,ମା' ଖଣ୍ଡୁଆଳ ମନ୍ଦିର,ତ୍ରିନାଥ ମନ୍ଦିର, ଶ୍ୟାମାକାଳୀ,ଯୋଗମାୟା, ରାଧାମାଧବ, ଜାଗୁଳେଇ, ଦାରୁ ଆଣୀ ମନ୍ଦିର ଅନ୍ୟତମ ।



## ଆଉ ମିଳୁନି

# ଗୋବିନ୍ଦପାଲ୍ଲୀ ବାଇଗଣ



ଅଶୋକ ମିଶ୍ର

**ବିଗତ ଶତାବ୍ଦୀ ଓ ଦଶକ ଗୁଡିକରେ ରାଜ୍ୟରେ ଖୁବ ପ୍ରସିଦ୍ଧି ଲାଭ କରିଥିଲା ଏଠାକାର ବାଇଗଣ । ଭୁବନେଶ୍ୱର, କଟକ, ବ୍ରହ୍ମପୁର, ବଲାଙ୍ଗୀର, ସମ୍ବଲପୁରରେ ବି ଗୋବିନ୍ଦପାଲ୍ଲୀ ବାଇଗଣ ନାମରେ ପ୍ରସିଦ୍ଧ ଥିବା ସହିତ ସ୍ଥାନୀୟ ଚାଷୀଙ୍କ ପାଇଁ ବି ଭଲ ରୋଜଗାର ଦେଉଥିଲା । ତେବେ ଗତ ଦୁଇ ଦଶକରେ ଆଧୁନିକ ଚାଷ ନାମରେ ଏଠି ହେଉଥିବା ବାଇଗଣ, ଭେଣ୍ଡି , ଟମାଟୋ ଓ ଲଙ୍କା ଆଉ ବଜାରରେ ଦେଖିବାକୁ ମିଳୁନି ।**

ରାଜ୍ୟରେ ସୁନାମ ଅର୍ଜନ କରିଥିବା ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଅଞ୍ଚଳର ବିଭିନ୍ନ ପ୍ରଜାତିର ବାଇଗଣ ବର୍ତ୍ତମାନ ଆଉ ମିଳୁନି । ପ୍ରୋତ୍ସାହନ ଅଭାବରୁ ପ୍ରଜାତିର ସୁସ୍ୱାଦୁ ବାଇଗଣ ଚାଷ ଲୋକ ଧିରେ ଧିରେ ବନ୍ଦ କଲେଣି । ନିଜର ପରିଚୟ ସୃଷ୍ଟି କରିଥିବା ଏ ବାଇଗଣର ମୁଖ୍ୟତଃ ମଞ୍ଜି ଖୁବ କମ ହୁଏ ଓ ଆକାରରେ ଅଧା କିଲୋରୁ ଏକ କିଲୋ ପର୍ଯ୍ୟନ୍ତ ହୁଏ । ଏହାର ସୁଗନ୍ଧ ମଧ୍ୟ ଖୁବ ଆକର୍ଷଣୀୟ ।

ଗୋବିନ୍ଦପାଲ୍ଲୀ ଆଖ ପାଖର ଧୁଙ୍ଗିଆପୁଟ, ଗୋବିନ୍ଦପାଲ୍ଲୀ, କୁଟୁଣୀପାଲ୍ଲୀ ପ୍ରଭୃତି ପଞ୍ଚାୟତ ସପ୍ତଧାରା ଓ ଏହାର ଉପନଦୀ ଧର୍ମଧାରାର ଅବବାହିକାରେ ଆସେ ଶହ ଶହ ଏକର ଚାଷ ଉପତ୍ୟକା । ପାହାଡି ନଦୀ ଗୁଡିକର ଅବବାହିକା ଓ ଉପତ୍ୟକା ପ୍ରତି ବର୍ଷ ବର୍ଷାଦିନେ ପାହାଡି ପଟୁ ମାଟିରେ ଖୁବ ଉର୍ବର ହୋଇଥାଏ । ନଦୀର ଦୁଇପଟର ବାଲୁକା ଶଯ୍ୟା ଯୁକ୍ତ ଚାଷ ଉପଯୋଗୀ ଅଞ୍ଚଳକୁ ଏଠାକାର ଆଦିବାସୀ ଭାଷାରେ "ଅଟାଳ' କହନ୍ତି । ତେଣୁ ଏଠି ଚାଷ ହେଉଥିବା ଝୁମ୍ପା, ପେଣ୍ଡି, ବଡ ବାଇଗଣ ପ୍ରଜାତି ଅଟାଳ ବାଇଗଣ ବୋଲି ପ୍ରସିଦ୍ଧି ଲାଭ କରିଥିଲା । ଏଠି ଅଟାଳରେ ଚାଷ ହେଉଥିବା ଦେଶୀ ଟମାଟକୁ ଭେଜରି ବୋଲି କହନ୍ତି । ତେବେ ଏ ଭେଜରି ଆକାରରେ ଖୁବ ବଡ ନ ହେଲେ ବି ବର୍ତ୍ତମାନ ବଜାରରେ ମିଳୁଥିବା ଟମାଟୋ ଠାରୁ ଭଲ ଓ ଅଳ୍ପ ଖଟା । ସେମିତି ଭେଣ୍ଡିରେ ଯେଉଁ ପ୍ରଜାତି ଏସବୁ ଅଟାଳ ଗୁଡିକରେ ଚାଷ ହେଉଥିଲା ସେଗୁଡିକରେ ନାଲୁଆ ଅଂଶ ଖୁବ କମ କିନ୍ତୁ ଖୁବ ସୁସ୍ୱାଦୁ ।



ସବୁଠୁ ବଡ କଥା ହେଉଛି ପୁରା ବିଶ୍ୱରେ ଜୈବିକ କୃଷିକୁ ବହୁତ ଗୁରୁତ୍ୱ ଦିଆ ଯାଉଥିବା ବେଳେ ଏଠାକାର ଅଟାଳ ଚାଷ ସଂପୁର୍ଣ ଜୈବିକ ହିଁ ହୁଏ । କୌଣସି ପ୍ରକାର ରାସାୟନିକ ସାର ଓ କୀଟନାଶକ ବ୍ୟବହାର ହେଉ ନ ଥିବାରୁ ଏ ବାଇଗଣ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର ହେଉଥିଲା । ଅତି ବେଶୀରେ କେହି କେହି ଅଳ୍ପ ଗୋବର ପ୍ରୟୋଗ କରୁଥିଲେ । ପଟୁ ମାଟିରେ ଏ ବିଶିଷ୍ଟ ପ୍ରଜାତିର ବିହନରେ ପ୍ରସ୍ତୁତ ବାଇଗଣ ଆକାର ଖୁବ ବଡ, ମଞ୍ଜି ଖୁବ କମ ଏ ରଙ୍ଗ ମୂଳତଃ ଧଳା ହେଉଥିଲା । ମୁଖ୍ୟତଃ ଝୁମ୍ପା, ପେଣ୍ଡି ଓ ବଡ ବାଇଗଣ ବାଇଗଣ ଓ ଫୁଲେରି ଟମାଟ ନିକଟତମ ଗୋବିନ୍ଦପାଲ୍ଲୀ ବଜାରରେ ଶୀତ ଦିନରୁ ଆରମ୍ଭ କରି ଖରା ଦିନର ଶେଷ ପର୍ଯ୍ୟନ୍ତ ମିଳୁଥିଲା ।

ତେବେ ମୂଳ କଥା ହେଉଛି ଅଟାଳ ଚାଷ ଓ ବିନା ରାସାୟନିକ ସାର କୀଟନାଶକରେ ହୁଏ, ଯାହା ଧିରେ ଧିରେ ବନ୍ଦ ହେବାକୁ ବସିଲାଣି । ବଜାରରେ ଚାହିଦା ଥିଲେ ମଧ୍ୟ ଉଚିତ ସୁବିଧାସୁଯୋଗ ଓ ବିପଣନ ରାସ୍ତା ଠିକରେ ଚାଷୀଙ୍କ ପାଖରେ ନ ଥିବାରୁ ପ୍ରଜାତି ଗୁଡିକ ଲୋପ ତ ପାଉଛି ତା ସହିତ ଗୋବିନ୍ଦପାଲ୍ଲୀର ପରିଚୟ କୁହାଯାଉଥିବା ଅଟାଳ ବାଇଗଣ ଲୋପ ବି ହେଉଛି ।

## ରାସ୍ତାରେ ଗଡୁନି ଶଗଡ଼

# ହଜିଯାଉଛି ହଳ ବଳଦ



**ବର୍ତ୍ତମାନ ବିଜ୍ଞାନ ଯୁଗରେ ପୁର ପଲ୍ଲୀ ସବୁଠି ଆଧୁନିକତାର ଛାପ । ଆଧୁନିକତାର ଛାପରେ ବଦଳିଗଲାଣି ପାରମ୍ପରିକ ଚାଷ ପ୍ରଣାଳୀ । ଗାଁ ଦାଣ୍ଡରେ ଆଉ ଗଡୁନି ଶଗଡ଼ । ଦିଶୁନାହାନ୍ତି ହଳ ବଳଦ । ଶୁଣାଯାଉନାହିଁ ଗୋରୁ, ବଳଦଙ୍କ ହମ୍ବା ରଡ଼ି । ଦିନ ଥିଲା ଶଗଡ଼ ଗାଡ଼ି ଯାତ୍ରୀ ପରିବହନଠାରୁ ଆରମ୍ଭ କରି ମାଲ ପରିବହନ ପାଇଁ ଏକମାତ୍ର ମାଧ୍ୟମ ଥିଲା । ଅଧିକାଂଶ ଘରେ ବଳଦ, ଲଙ୍ଗଳ ଓ ଶଗଡ଼ ଗାଡ଼ି ଥିବାର ଦେଖିବାକୁ ମିଳୁଥିଲା । ଗ୍ରାମୀଣ ଜୀବନରେ ମଧ୍ୟ ଆଧୁନିକତାର ଚାକଚକ୍ୟରେ ଶଗଡ଼ ଗାଡ଼ିର କେଁ କଟର ଶବ୍ଦ କାଳର କରାଳ ଗର୍ଭରେ ହଜିଗଲାଣି ।**



ରଞ୍ଜିତ୍ କେ ଏନ୍ ସାମନ୍ତରାୟ

ଦିନେ ଗାଁ ଗଣ୍ଡାରେ ବାସ କରୁଥିବା ସମ୍ଭ୍ରାନ୍ତ ତଥା ସାହୁକାର ଶ୍ରେଣୀର ମୁଖ୍ୟ ପରିଚୟଥିଲା ଶଗଡ଼ । ଗାଁ ଠାରୁ ସହର ପର୍ଯ୍ୟନ୍ତ ଶଗଡ଼ର ବହୁଳ ବ୍ୟବହାର ଦେଖିବାକୁ ମିଳୁଥିଲା । ଆଧୁନିକ ଜ୍ଞାନ କୌଶଳର ଉଦ୍ଭାବନ ଓ ଏହାର ପ୍ରୟୋଗ ଫଳରେ ଆଜିକାଲି ପ୍ରାୟ ଶଗଡ଼ ଅଲୋଡ଼ା ହୋଇ ପଡିଛି । ସେହିପରି ହଳ ବଳଦ କଥା ନକହିଲେ ଭଲ । ପୁରୁଷାନୁକ୍ରମେ ଭୋର ୪ଟାରୁ ଚାଷୀମାନେ ହଳ ଲଙ୍ଗଳ ନେଇ ବିଲରେ ଚାଷ କରୁଥିଲେ । ଶଗଡ଼ରେ ଜମିକୁ ଖତ ବୋହୁଥିଲେ । ସେଠାରୁ ଫସଲ ଆଣୁଥିଲେ । ପୂର୍ବରୁ ଶୁଣାଯାଉଥିବା ଶଗଡ଼ର କେଁ କଟର ଶବ୍ଦ, ଶଗଡ଼ିଆଙ୍କ ଗୀତ ଆଉ ନାହିଁ । ଜମିରେ ଲଙ୍ଗଳ ବଦଳରେ ବୁଲୁଛି ଟ୍ରାକ୍ଟର, ପାୱାର ଟିଲର ଓ ହାର୍ଭେଷ୍ଟର ଭଳି ଆଧୁନିକ ଯନ୍ତ୍ରପାତି । ଏହି ଯାନ୍ତ୍ରିକ ଗାଡ଼ିର କର୍କଶ ଶବ୍ଦରେ କାନ ଫାଟିଯାଉଛି । ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କମ୍ ସମୟରେ ଅଧିକ କାର୍ଯ୍ୟ ହୋଇପାରୁଛି ସତ, କିନ୍ତୁ ଏଥିଯୋଗୁଁ ଗାଁ ଗହଳିରେ ଏବେ ଲୋକେ କାମ ପାଉନାହାନ୍ତି । ଅନେକ ଚାଷୀ ଚାଷ କାର୍ଯ୍ୟ ଛାଡ଼ି ଦାଦନ ଖଟିବାକୁ ବାହାରକୁ ଚାଲିଯାଉଛନ୍ତି । ଏହି ଯାନ୍ତ୍ରିକରୁ ବାହାରୁଥିବା କଳାଧୂଆଁ ପରିବେଶକୁ ପ୍ରଦୂଷିତ କରୁଛି । କାଁ ଭାଁ ଗ୍ରାମାଂଚଳରେ ଗରିବ, ଆର୍ଥିକ ଦୁର୍ବଳ ଓ ସ୍ୱାବଲମ୍ବୀ ଚାଷୀ ଶଗଡ଼ ଗାଡ଼ିରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ କ୍ୱଚିତ ଦେଖିବାକୁ ମିଳୁଛି ।ବହୁବର୍ଷ ପୂର୍ବରୁ ଲୋକେ ବ୍ୟବହାର କରୁଥିବା ଶଗଡ଼ ଗାଡ଼ି ଏବଂ ଏଥିରେ ଲାଗିଥିବା ଚକ, ଅଖ, ହଳ, ଲଙ୍ଗଳ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡ଼ରେ ପଡ଼ିଛି ତ କେଉଁଠି ପିଣ୍ଡାରେ ଅଜାଡ଼ି ହୋଇ ତା ଉପରେ ବହଳେ ଧୂଳି ଆସ୍ତରଣ ଜମାଟ ବାନ୍ଧି ପରିତ୍ୟକ୍ତ ଅବସ୍ଥାରେ ପଡି ଅତୀତର ସ୍ମୃତିକୁ ଜାହିର କରୁଛି ।

ଏଭଳି ବିକଳ ଚିତ୍ର ଅତ୍ୟାଧୁନିକ ହାଇଟେକ୍ ସଂସ୍କୃତିର ନୂତନ ପିଢ଼ିଙ୍କ ମନରେ ଜିଜ୍ଞାସା ଭାବ ସୃଷ୍ଟି କରୁଛି ।କାରଣ ଶଗଡ଼ ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଉପଯୁକ୍ତ କାଠ ଏବେ ସୁଲଭ ମୂଲ୍ୟରେ ମିଳୁ ନାହିଁ । ବଳଦ ଚରାଇବା ପାଇଁ ଲୋକଙ୍କ ଅଭାବ ତଥା ସରକାର କିମ୍ବା ସାମାଜିକସ୍ତରରେ ସେମିତି ଶଗଡ଼ ଗାଡ଼ିର ବ୍ୟବହାର ପାଇଁ କୌଣସି ପ୍ରୋତ୍ସାହନ ମିଳୁ ନାହିଁ । ଫଳରେ ଲୋକେ ଶଗଡ଼ ଗାଡ଼ି ଉପରେ ନିର୍ଭରଶୀଳ ନ ହୋଇ ଟ୍ରାକ୍ଟର,ପାୱାର ଟିଲର ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ତେଣୁ ଶଗଡ ଗାଡ଼ି ଓ ହଳବଳଦ ର ଚାହିଦା ଗାଁ ଠାରୁ ସହର ପର୍ଯ୍ୟନ୍ତ କାଁ ଭାଁ ଦେଖିବାକୁ ମିଳୁଛି ।

ଅନ୍ୟପକ୍ଷରେ ବୟସ୍କ ଚାଷୀ ଲକ୍ଷ୍ମୀଧର ରାଉତ କୁହନ୍ତି, ଗ୍ରାମାଞ୍ଚଳରେ କାଁ ଭାଁ ସ୍ୱାବଲମ୍ବୀ ଚାଷୀ ବଳଦ, ହଳ, ଲଙ୍ଗଳ ରଖିଥିବା ବେଳେ ଶଗଡ଼ ଗାଡ଼ିରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ କ୍ୱଚିତ ଦେଖିବାକୁ ମିଳୁଛି । ପୁରୁଣା କାଳରେ ଲୋକେ ବ୍ୟବହାର କରୁଥିବା ଲଙ୍ଗଳ ଫାଳ, ଜୁଆଳି ଓ ଶଗଡ଼ ଗାଡ଼ିରେ ଲାଗୁଥିବା ଚକ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡ଼ରେ ପଡିଛି ତ କେଉଁଠି ପିଣ୍ଡାରେ ଡେରା ହୋଇଛି । ସେହିପରି ପୂର୍ବତନ ପ୍ରାଧ୍ୟାପକ ତଥା ଗବେଷକ ଗୋପାଳ ଦାସ କୁହନ୍ତି, ନିଜକୁ ଆଧୁନିକ ବୋଲାଉଥିବା ମଣିଷ ନିଜର ପୁରୁଣା ଜିନିଷକୁ ଭୁଲିବାରେ ଲାଗିଛି । ଆଜିର ଯୁବପିଢ଼ି କେବଳ ବର୍ଣ୍ଣବୋଧ ବହିରେ ଚକ, ଅଖ, ଶଗଡ଼ ଚିହ୍ନୁଛନ୍ତି । ଯନ୍ତ୍ରପାତିର ବହୁଳ ବ୍ୟବହାର ଯୋଗୁ ମାଟି, ପାଣି, ପବନ ବିଷାକ୍ତ ହେବାରେ ଲାଗିଛି । ଯେଉଁ କାରଣରୁ ନାନାବିଧ ରୋଗରେ ପଡ଼ି ମଣିଷ ଛଟପଟ ହେଉଛନ୍ତି ।

# ଜନଜାତିଙ୍କ ନିଆରା ବିବାହ

**ବିବାହ ଏକ ସାମାଜିକ ସ୍ୱୀକୃତି । ମଣିଷ ଜାତିର ବଂଶରକ୍ଷାର ଏକ ଶୃଙ୍ଖଳିତ ବିଧି । ଯାହା କାଳ କାଳ ଧରି ଚାଲି ଆସୁଛି । ବିଭିନ୍ନ ଧର୍ମ ତଥା ସମ୍ପ୍ରଦାୟର ବିବାହରେ ଭିନ୍ନ ପରମ୍ପରା ତଥା ରୀତି, ନୀତି ଦେଖିବାକୁ ମିଳେ । ଏସମସ୍ତ ପରମ୍ପରାରେ ଲୁଚି ରହିଥାଏ ଗୋଟିଏ ସମ୍ପ୍ରଦାୟର ସାମାଜିକ ଚିନ୍ତାଧାରା ଓ ଆଉ କିଛି ଚିରାଚରିତ ନୀତି ନିୟମ । ଆଧୁନିକର ତାଳେ ତାଳେ ବିବାହର ରୂପ ପରିବର୍ତ୍ତନ ହୋଇଛି । ଆଧୁନିକତାର ଢାଞ୍ଚାରେ ନିଜକୁ ବଦଳାଇ ଭିନ୍ନ ଭିନ୍ନ ଢଙ୍ଗରେ ବିବାହ ଦେଖିବାକୁ ମିଳୁଛି । କିନ୍ତୁ ଆଜି ବି ଅନେକାଂଶରେ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖି ପାରମ୍ପରିକ ଶୈଳୀରେ ବିବାହ ପ୍ରଥା ଦେଖିବାକୁ ମିଳୁଛି । ଓଡ଼ିଶାରେ ଅନେକ ପ୍ରକାର ଆଦିମ ଜନଜାତି ବସବାସ କରୁଥିବା ବେଳେ, ସେମାନଙ୍କ ମଧ୍ୟରେ ଚୁକ୍ତିଆ ଭୁଞ୍ଜିଆ ଜନଜାତିଙ୍କ ନିଆରା ବିବାହ ପରମ୍ପରାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା**



ଚୁକ୍ତିଆ ଭୁଞ୍ଜିଆ ଜନଜାତି ମୁଖ୍ୟତଃ ନୂଆପଡ଼ା ଜିଲ୍ଲାରେ ବାସ କରନ୍ତି । ସେମାନଙ୍କ ସମ୍ପ୍ରଦାୟର ପ୍ରତ୍ୟେକ ଝିଅ ଥରେ ନୁହେଁ ବରଂ ଦୁଇ ଥର ବିବାହ କରନ୍ତି । ଆଦିବାସୀ ସମ୍ପ୍ରଦାୟର ଚୁକ୍ତିଆ ଭୁଞ୍ଜିଆ ଜନଜାତିଙ୍କ ମଧ୍ୟରେ ଏପରି ଏକ ଭିନ୍ନ ଧରଣର ବିବାହ ପ୍ରଥା ଦେଖିବାକୁ ମିଳିଥାଏ । ପୂର୍ବ କାଳରୁ ଜନଜାତି ସଂସ୍କୃତି ଓ ପରମ୍ପରା ସହ ଜଡିତ ଏହି ଭିନ୍ନ ପ୍ରକାରର ବିବାହକୁ ଅତି ଧୁମ ଧାମ ସହ ପାଳନ କରି ଆସୁଛନ୍ତି ଏହି ସମ୍ପ୍ରଦାୟର ଲୋକେ । ସ୍ଥାନୀୟ ଭାଷାରେ ଏହି ବିବାହର ନାମ ହେଉଛି "କଣାବରା" ବା ଅଧା ବିବାହ । କଣାବରା ବା ଅଧା ବିବାହ" ଚୁକ୍ତିଆ ଭୁଞ୍ଜିଆ ଜନଜାତିଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା । ଏହା ମୁଖ୍ୟତଃ ବୈଶାଖ ମାସର ବିବାହ ତିଥିରେ ପାଳନ କରାଯାଏ । ଝିଅଟିର ଋତୁସ୍ରାବ ହେବା ପୂର୍ବରୁ ଦଶ ବର୍ଷ ବୟସରେ ନିଜ ପରିବାର ଏବଂ ସମ୍ପ୍ରଦାୟର ଲୋକଙ୍କ ଉପସ୍ଥିତିରେ କଣାବରା ବା ବିବାହ କରାଯାଇଥାଏ ।

ସାଧାରଣ ବିବାହ ପରି କୌଣସି ପୁଅ ସହ ନୁହେଁ ବରଂ ସମ୍ପୂର୍ଣ୍ଣ ରୀତି ନୀତି ଅନୁସାରେ ଏହି ବିବାହ ଧନୁତୀର ସହ କରାଯାଇଥାଏ । ଏହି ଦିନ ପ୍ରଥମେ ନୂଆ ଧାନର ଚାଉଳକୁ ଚୁନା କରି ବେଦୀରେ ଝୋଟି ଅଙ୍କାଯାଏ । ବାଉଁଶର ପରା, ବାଉଁଶ ବିଛଣା, ବାଉଁଶ ପଙ୍ଖା, ଢ଼ିଙ୍କି କୁଟା କଞ୍ଚା ହଳଦୀ, ମାଟି କଳସ, ତେଲ ଏବଂ ବତୀ ଆଦି ସାମଗ୍ରୀକୁ ରଖାଯାଇ ବିବାହ କର୍ମ ଆରମ୍ଭ କରାଯାଏ ।

ପ୍ରଥମ ଦିନ କନ୍ୟାକୁ ବେଦୀ ମଝିରେ ବସାଇ ଦୀପ ଜାଳି ସମସ୍ତେ ସାରା ରାତି ଦେବୀ ବନ୍ଦନା ଗାନ କରନ୍ତି । ସକାଳ ହେଲେ କନ୍ୟାକୁ ଧଳା ଶାଢ଼ି ପିନ୍ଧାଇ ଧରମ ଖଟିଲା ଦିଆଯାଏ । ସେଥିରେ ନାଲି ଫୁଲ, ନାଲି ଫିତା, ଅରୁଆ ଚାଉଳ, କଞ୍ଚା ହଳଦୀ, ଧରମ ଖଟିଲାରେ ଦିଆଯାଇ ମୂଷରରେ କୁଟାଯାଏ ।

ଏହାପରେ କନ୍ୟାକୁ ଖାଇବା ପାଇଁ ଜଳଖିଆ ଦିଆଯାଇଥାଏ । ସେହିପରି ଭାବେ ବିବାହର ଦ୍ୱିତୀୟ ଦିନରେ ପାରମ୍ପରିକ ଗୀତ, ନୃତ୍ୟ ପରିବେଷଣ ହେବା ସହ ଭୋଜି ଭାତ କରାଯାଇ ଏହି ବିବାହ ଉତ୍ସବ ପାଳନ କରାଯାଇଥାଏ । ପ୍ରାତଃ ସ୍ନାନ ପରେ କନ୍ୟାର ପିଇସୀ ତା' ମୁଣ୍ଡରେ ସିନ୍ଦୁର ଏବଂ ହଳଦୀ ଲଗାଇ ଦେବା ସହ ଭିଣେଇ ଖଜୁରୀ ପଟରେ ମୋଉଡ଼ ତିଆରି କରି ଧନୁତୀର ଏବଂ କନ୍ୟାର ମୁଣ୍ଡରେ ବାନ୍ଧି ଦେବା ପରେ ଅନୁକୂଳ ଲଗ୍ନରେ ବିବାହ କରାଯାଇଥାଏ ।

ଏହି ବିବାହ ଝିଅମାନଙ୍କ ପାଇଁ ଏକ ଶୁଭ ଦିନ ମାନୁଥିବା ହେତୁ, ଏହା ପ୍ରତ୍ୟେକ ଝିଅର ଋତୁସ୍ରାବ ପୂର୍ବରୁ କରାଯାଇଥାଏ । ଯଦି କୌଣସି ଝିଅର ଋତୁସ୍ରାବ ପୂର୍ବରୁ କଣାବରା ବିବାହ ନ କରାଯାଏ, ତେବେ ସେ ପରବର୍ତ୍ତୀ ସମୟରେ ସମ୍ପ୍ରଦାୟ ମଧ୍ୟରେ ବିବାହ କରିପାରିବ ନାହିଁ ବୋଲି ବିଶ୍ୱାସ ରହିଛି । ଯଦିଓ ସେ ମୃତ୍ୟୁବରଣ କରେ, ତେବେ ତାର ପରିବାର ତରଫରୁ କୌଣସି କ୍ରିୟା କର୍ମ କରାଯାଏ ନାହିଁ । ତେଣୁ ଝିଅ ଦଶ ବର୍ଷର ହୋଇଗଲେ ତାର କଣାବରା କରାଯାଇଥାଏ ।

ଭୁଞ୍ଜିଆ ସମ୍ପ୍ରଦାୟର ସଂସ୍କୃତି ପରମ୍ପରା ସହ ନିବିଡ଼ ଭାବେ ଜଡିତ ଥିବା ଏହି ଅଧା ବିବାହ ବା କଣାବରା ପ୍ରଥା ପୂର୍ବଜଙ୍କ ସମୟରୁ ଚାଲିଆସୁଛି । ବର୍ତ୍ତମାନ ବିବାହର ରୂପ ବଦଳିଛି, ଢାଞ୍ଚାରେ ପରିବର୍ତ୍ତନ ଆସିଛି, କିନ୍ତୁ ଜନଜାତି ସମ୍ପ୍ରଦାୟରେ ବହୁ ପୁରାତନ ସଂସ୍କୃତି ଓ ପରମ୍ପରା ଉଜ୍ଜୀବିତ ରହିଛି । ପାରମ୍ପରିକ ରୀତିନୀତି ପାଳନ କରିବା ସହ ସେମାନେ ଆଧୁନିକ ସମାଜରେ ସାମିଲ ହୋଇଛନ୍ତି । ବିବାହ ପରେ ମଧ୍ୟ ଝିଅମାନେ ସାଧାରଣ ଭାବେ ପାଠ ପଢିବାଠାରୁ ଆରମ୍ଭ କରି ପ୍ରତ୍ୟେକଟି କାର୍ଯ୍ୟରେ ନିୟୋଜିତ ହେଉଛନ୍ତି । ଆଧୁନିକତାରେ ପାଦ ଦେଇ ମଧ୍ୟ ସେମାନେ ନିଜର ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ।ଏନେଇ ଭୁଞ୍ଜିଆ ସମ୍ପ୍ରଦାୟର ରାମାୟଣ ଭୁଞ୍ଜିଆ କୁହନ୍ତି "ମୋର ମଧ୍ୟ ଛୋଟ ଥିବା ବେଳେ କଣାବରା କରାଯାଇଥିଲା । ଏହି ବିବାହକୁ ଆମ ପରମ୍ପରାରେ ବହୁତ ଶୁଭ ଏବଂ ସ୍ୱତନ୍ତ୍ର ପ୍ରଥା ଭାବେ ଆମେ ମାନିଥାଉ । ଏଥିରେ ଗୋଟିଏ ଝିଅର କୌଣସି ସମସ୍ୟା ହୋଇନଥାଏ । ଆମ ସମ୍ପ୍ରଦାୟରେ ଝିଅମାନେ "ପଢନ୍ତୁ ଓ ଆଗକୁ ବଢନ୍ତୁ" ବୋଲି ଚିନ୍ତା କରି ଆମେ ଝିଅମାନଙ୍କୁ ପାଠ ପଢିବାଠାରୁ ନେଇ ସମସ୍ତ କାମ କରିବା ପାଇଁ ଉତ୍ସାହିତ କରୁଛୁ ।

## ୧୦ ବର୍ଷ ପରେ ରଣ୍‌ଜୀ ଖେଳିବେ ରୋହିତ୍

ମୁମ୍ବଇ, ୧୮ ।୧ (ଏଜେନ୍ସି): ପାଖାପାଖି ୧୦ ବର୍ଷର ବ୍ୟବଧାନ ପରେ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରୋହିତ୍ ଶର୍ମା ଘରୋଇ କ୍ରିକେଟ୍‌ର ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି । ସ୍ଥଗିତ ରହିଥିବା ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଜାନୁଆରୀ ୨୩ରୁ ଆରମ୍ଭ ହେବ । ଏଥିରେ ମୁମ୍ବାଇ ଦଳ ୱାଙ୍ଖେଡେ ଷ୍ଟାଡିୟମରେ ଜମ୍ମୁ କଶ୍ମୀର ସହ ଖେଳିବାର କାର୍ଯ୍ୟସୂଚୀ ରହିଛି । ଏହି ମ୍ୟାଚ୍ ଲାଗି ଉପଲବ୍ଧ ରହିବେ ଅର୍ଥାତ୍ ଖେଳିବେ ବୋଲି ରୋହିତ୍ ଶନିବାର ଘୋଷଣା କରିଛନ୍ତି । ୧୦ ବର୍ଷ ତଳେ ୨୦୧୫ରେ ଏହି ସମାନ ଭେନ୍ୟୁରେ ରୋହିତ୍ ତାଙ୍କ ଶେଷ ରଣଜୀ ଟ୍ରଫି ମ୍ୟାଚ୍ ଉତ୍ତର ପ୍ରଦେଶ ବିପକ୍ଷରେ ଖେଳିଥିଲେ ।

ଜମ୍ମୁ କଶ୍ମୀର ବିପକ୍ଷ ମ୍ୟାଚ୍ ଲାଗି ରୋହିତ୍ କିଛିଦିନ ହେବ ମୁମ୍ବାଇ ଦଳ ସହ ପ୍ରସ୍ତୁତି କରୁଛନ୍ତି । ଏହି ମ୍ୟାଚ୍ ଲାଗି ରବିବାର ମୁମ୍ବାଇ ଦଳ ଘୋଷଣା ହେବ । ଏଠାରେ ଉଲ୍ଲେଖଯୋଗ୍ୟ, ବର୍ଡର-ଗାଭାସ୍କର ଟ୍ରଫିରେ ୩-୧ରେ ଭାରତୀୟ ଦଳ ଶୋଚନୀୟ ଭାବେ ପରାସ୍ତ ହେବା ପରେ ବିସିସିଆଇ କଡ଼ା ପଦକ୍ଷେପମୂଳକ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଘରୋଇ କ୍ରିକେଟ୍ ଖେଳିବା ବାଧ୍ୟତାମୂଳକ କରିଛି । ଫଳରେ ଋଷଭ ପନ୍ତ, ଶୁବମାନ ଗିଲ୍, ଯଶସ୍ୱୀ ଜୟସ୍ୱାଲ ପ୍ରମୁଖ ପୂର୍ବରୁ ନିଜ ନିଜ ରାଜ୍ୟ ତରଫରୁ ଆଗାମୀ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବା ନେଇ ଘୋଷଣା କରିସାରିଥିଲେ । ଅପରପକ୍ଷରେ ଦୀର୍ଘ ୧୩ ବର୍ଷ ପରେ ବିରାଟ କୋହଲି ଦିଲ୍ଲୀ ପାଇଁ ରଣଜୀ ଟ୍ରଫି ଖେଳିବେ ବୋଲି ଯେଉଁ ଆଲୋଚନା ହେଉଥିଲା ସେଥିରେ ବିରାମ ଲାଗିଛି । ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ସେ ଖେଳିବେ ନାହିଁ ବୋଲି କୋହଲି ଶନିବାର ସ୍ପଷ୍ଟ କରିଛନ୍ତି ।

### ଚାମ୍ପିଅନ୍ସ ଟ୍ରଫି ଓ ଇଂଲଣ୍ଡ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ସାମି, ବୁମ୍‌ରା ସାମିଲ; ଗିଲ୍ ଉପଅଧିନାୟକ

ନୂଆଦିଲ୍ଲୀ, ୧୮ ।୧(ଏଜେନ୍ସି):

ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଓ ପାକିସ୍ତାନ-ଦୁବାଇରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଲାଗି ଜାତୀୟ ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର ଓ ଅଧିନାୟକ ରୋହିତ ଶର୍ମା ଆଜି ଭାରତୀୟ ଦଳ ଘୋଷଣା କରିଛନ୍ତି । ଏହି ଦଳରେ ଦୁଇ ଫାଷ୍ଟ ବୋଲର ମହମ୍ମଦ୍ ସାମି ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ସାମିଲ କରାଯାଇଛି । କିନ୍ତୁ ଇଂଲଣ୍ଡ ବିପକ୍ଷ ସିରିଜ୍ ଲାଗି ବୁମ୍‌ରାଙ୍କ ପରିବର୍ତ୍ତେ ଯୁବ ଫାଷ୍ଟ ବୋଲର ହର୍ଷିତ ରାଣାଙ୍କୁ ନିଆଯାଇଛି । ରୋହିତ ଶର୍ମାଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳ ଇଂଲଣ୍ଡ ସହ ଦିନିକିଆ ସିରିଜ୍ ଯଥାକ୍ରମେ ନାଗପୁରରେ ଫେବୃଆରୀ ୬, କଟକରେ ୯ ଓ ଅହମ୍ମଦାବାଦରେ ୧୨ରେ ଖେଳିବ । ସେହିପରି ଚାମ୍ପିଅନ୍ସ ଟ୍ରଫି ଲାଗି ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ । ଏହା ମଧ୍ୟରେ ବାଂଲାଦେଶ ସହ ପ୍ରଥମ ଲିଗ୍ ମ୍ୟାଚ୍ ଫେବୃଆରୀ ୨୦ରେ, ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଫେବୃଆରୀ ୨୩ରେ ଓ ନ୍ୟୁଜିଲାଣ୍ଡ ସହ ମାର୍ଚ୍ଚ ୨ରେ ଖେଳିବ । ନକ୍‌ଆଉଟକୁ ଉନ୍ନିତ ହେଲେ ଭାରତ ଅନ୍ୟ ମ୍ୟାଚ୍ ଗୁଡ଼ିକ ଦୁବାଇରେ ଖେଳିବାର କାର୍ଯ୍ୟକ୍ରମ ରହିଛି । ଚାମ୍ପିଅନ୍ସ ଟ୍ରଫିରେ ଭାରତ ଦୁଇଥର ଚାମ୍ପିଅନ ହୋଇଛି । ୨୦୧୭ରେ ଶେଷଥର ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା ।

### ସ୍ପିନର, ଯୁବ ଖେଳାଳିଙ୍କୁ ଗୁରୁତ୍ୱ

ଘୋଷଣା କରାଯାଇଥିବା ୧୫ ଜଣିଆ ଭାରତୀୟ ଦଳରେ ସ୍ପିନର ଓ ଯୁବ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଇଛି । ଏହି ଦଳରେ ୪ଜଣ ସ୍ପିନର ଯଥା ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କୁ ନିଆଯାଇଛି । ଏମାନଙ୍କ ମଧ୍ୟରୁ ପ୍ରଥମ ୩ଜଣ ବ୍ୟାଟିଂରେ ଦଳ ଲାଗି ବୋନସ ସାବ୍ୟସ୍ତ ହୋଇଆସିଛନ୍ତି । ସେହିପରି ଭବିଷ୍ୟତର ଅଧିନାୟକ ଭାବେ ଶୁବମାନ ଗିଲ୍‌ଙ୍କୁ ଏହି ଦୁଇଟି ସିରିଜ୍‌ରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ସେହିପରି ଅନ୍ୟତମ ଯୁବ ଖେଳାଳି ତଥା ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ମଧ୍ୟ ପ୍ରଥମଥର ଦଳରେ ସାମିଲ କରାଯାଇଛି । ଏହାର ଅର୍ଥ ଯେଉଁ ଯୁବ ଖେଳାଳିମାନେ ଭଲ ପ୍ରଦର୍ଶନ କରୁଛନ୍ତି ତାଙ୍କୁ ସମସ୍ତ ଫର୍ମାଟରେ ଗୁରୁଦାୟିତ୍ୱ ଦେବାକୁ ମନୋନୟନ କମିଟି ଯୋଜନା କରୁଛି ।



ଦଳ ଘୋଷଣା ଅବସରରେ ଚୟନ କମିଟି ଅଧ୍ୟକ୍ଷ ଅଜିତ୍ ଅଗରକର ଓ ଅଧିନାୟକ ରୋହିତ ଶର୍ମା

### ବୁମ୍‌ରାଙ୍କ ଖେଳିବା ନେଇ ସନ୍ଦେହ

ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜର ୫ମ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଇ ଖେଳୁଥିବା ଯଶପ୍ରୀତ ବୁମ୍‌ରା ପିଠିରେ ଆଘାତ ଲାଗିବାରୁ ଖେଳି ପାରି ନ ଥିଲେ । ଏହା ପରଠାରୁ ସେ ବିସିସିଆଇ ମେଡିକାଲ ଟିମ୍ ଦ୍ୱାରା ଚିକିତ୍ସିତ ହେଉଛନ୍ତି । କିନ୍ତୁ ଫିଟ୍‌ନେସ୍ ସାର୍ଟିଫିକେଟ ନ ଥାଇ ମଧ୍ୟ ତାଙ୍କୁ ଦଳରେ ସାମିଲ କରାଯାଇଛି । ଚୟନ କମିଟି ଅଧ୍ୟକ୍ଷ ଅଗରକରଙ୍କ କହିବା ଅନୁଯାୟୀ ଫେବୃଆରୀ ୨ରେ ତାଙ୍କର ପୁନର୍ବାର ସ୍କାନ କରାଯିବ । ଏହା ପରେ ତାଙ୍କ ଖେଳିବା ନେଇ ସ୍ପଷ୍ଟ ହେବ । ଏଣୁ ଇଂଲଣ୍ଡ ସିରିଜ୍‌ରେ ତାଙ୍କୁ ସାମିଲ କରାଯାଇନାହିଁ । ଚାମ୍ପିଅନ୍ସ ଟ୍ରଫିରେ ଖେଳିବା ନେଇ ସନ୍ଦେହ ରହିଛି । ପୂର୍ବାନୁମାନ ଅନୁଯାୟୀ ମହମ୍ମଦ୍ ସାମିଙ୍କୁ ଦିନିକିଆ ଦଳରେ ସାମିଲ କରାଯାଇଛି ।

ପୂର୍ବରୁ ତାଙ୍କୁ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ମଧ୍ୟ ଦଳରେ ସାମିଲ କରାଯାଇଥିଲା । ଅନ୍ୟ ପେସ୍ ବୋଲର ଭାବେ ଅର୍ଶଦୀପ ସିଂଙ୍କୁ ପ୍ରଥମଥର ନିଆଯାଇଛି । ଡେଥ୍ ଓଭରରେ ଅର୍ଶଦୀପଙ୍କ ପ୍ରଦର୍ଶନ ଉନ୍ନତ ରହିଛି । ଏଣୁ ମହମ୍ମଦ୍ ସିରାଜଙ୍କୁ ବାଦ୍ ଦିଆଯାଇ ଅର୍ଶଦୀପଙ୍କୁ ଦଳରେ ସାମିଲ କରାଯାଇଛି । ଯୁବ ଖେଳାଳି ହର୍ଷିତ ରାଣାଙ୍କୁ ବୁମ୍‌ରାଙ୍କ ସ୍ଥାନରେ ଆସିଛନ୍ତି । ବୁମ୍‌ରା ଯଦି ଅନ୍‌ଫିଟ ଘୋଷିତ ହୁଅନ୍ତି ତେବେ ହର୍ଷିତ ଚାମ୍ପିଅନ୍ସ ଟ୍ରଫି ଦଳରେ ସାମିଲ ହେଲେ ।

### ଭାରତୀୟ ଦଳ

ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ଋଷଭ ପନ୍ତ (ୱିକେଟରକ୍ଷକ), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ୍ ସାମି, ଅର୍ଶଦୀପ ସିଂ ।

- ଇଂଲଣ୍ଡ ସିରିଜ୍ ଲାଗି ବୁମ୍‌ରାଙ୍କ ସ୍ଥାନରେ ହର୍ଷିତ ରାଣାଙ୍କୁ ସାମିଲ କରାଯାଇଛି ।

### ଭାରତର ଖେଳସୂଚୀ

**ଇଂଲଣ୍ଡ ବିପକ୍ଷ ସିରିଜ୍**

୬।୨: ପ୍ରଥମ ଦିନିକିଆ, ନାଗପୁର, ୯।୨: ଦ୍ୱିତୀୟ ଦିନିକିଆ, କଟକ, ୧୨।୨: ତୃତୀୟ ଦିନିକିଆ, ଅହମ୍ମଦାବାଦ୍ ।

**ଚାମ୍ପିଅନ୍ସ ଟ୍ରଫି**

୨୦।୨: ବନାମ ବାଂଲାଦେଶ, ଦୁବାଇ, ୨୩।୨: ବନାମ ପାକିସ୍ତାନ, ଦୁବାଇ, ୨୦।୨: ବନାମ ନ୍ୟୁଜିଲାଣ୍ଡ, ଦୁବାଇ ।

### 'ଦଳରେ ସମସ୍ତଙ୍କୁ ନିଆଯାଇ ପାରିବ ନାହିଁ'

ରୋହିତ ଶର୍ମା ଓ ଶୁବମାନ ଗିଲ ଓପନର ଭାବେ ଖେଳିବେ । ତୃତୀୟ ଓପନର ଭାବେ ଜୟସ୍ୱାଲଙ୍କୁ ନିଆଯାଇଛି । ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ ଓ ୱିକେଟ ରକ୍ଷକ ଋଷଭ ପନ୍ତଙ୍କ ଉପରେ ବ୍ୟାଟିଂ ଭାର ରହିବ । ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ବ୍ୟାଟିଂରେ ପ୍ରମୁଖ ଭୂମିକା ନେବେ । କିନ୍ତୁ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୭୫୨ ହାରରେ ରନ୍ ସଂଗ୍ରହ କରିଥିବା କରୁଣ ନାୟାରଙ୍କୁ ଦଳରେ ସ୍ଥାନ ମିଳିନାହିଁ । ଆମେ ସମସ୍ତଙ୍କୁ ଦଳରେ ସ୍ଥାନ ଦେଇପାରିବୁ ନାହିଁ ବୋଲି ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ କହିଛନ୍ତି ଅଗରକର । ମହମ୍ମଦ୍ ସିରାଜଙ୍କୁ ମଧ୍ୟ ସମାନ ଭାବେ ଦଳରୁ ବାଦ୍ ଦିଆଯାଇଛି । ଘରୋଇ କ୍ରିକେଟ ଖେଳିବାକୁ ବାଧ୍ୟ କରୁଥିବା ବିସିସିଆଇ ସଫଳତା ପାଉଥିବା ଖେଳାଳିଙ୍କୁ ଅଣଦେଖା କଲେ ଏହି ବାଧ୍ୟବାଧକତାର ଗୁରୁତ୍ୱ କ'ଣ ବୋଲି ପୂର୍ବତନ ଖେଳାଳିମାନେ ପ୍ରଶ୍ନ କରିଛନ୍ତି । ବିଶେଷ କରି ଇଂଲଣ୍ଡ ବିପକ୍ଷ ସିରିଜ୍ ଓ ଚାମ୍ପିଅନ୍ସ ଟ୍ରଫି ଯେଭଳି ପିଚ୍‌ରେ ଖେଳାଯିବ, ସେହିଭଳି ପିଚ୍‌ରେ କରୁଣ ସଫଳତା ପାଇଥିବାରୁ ତାଙ୍କୁ ଅଣଦେଖା କରିବା ଅନୁଚିତ ବୋଲି ଏହି ଖେଳାଳିମାନେ କହିଛନ୍ତି ।

## ପ୍ରଥମ ଟେଷ୍ଟ: ପାକିସ୍ତାନ ସ୍ଥିତି ଦୃଢ଼

ମୁଲତାନ,୧୮ ।୧(ଏଜେନ୍ସି): ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ପାକିସ୍ତାନ ତା'ର ସ୍ଥିତି ଦୃଢ଼ କରିଛି । ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂକରି ୬୮.୫ ଓଭରରେ ୨୩୦ ରନକରି ଅଲଆଉଟ ହୋଇଥିଲା । ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ଆରମ୍ଭ



କରି ୨୫.୨ ଓଭରରେ ୧୩୭ ରନକରି ଅଲଆଉଟ ହୋଇଥିଲା । ଫଳରେ ପାକିସ୍ତାନ ୯୩ ରନର ଅଗ୍ରଣୀ ହାସଲ କରିଥିଲା । ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୩୧ ଓଭରରେ ୩ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଛି । ଫଳରେ ୭ ୱିକେଟ ବାକିଥାଇ ପାକିସ୍ତାନ ଏବେ ୨୦୨ ରନର ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ଼ କରିଛି । ଷ୍ଟମ୍ପ ଅପସାରଣ ବେଳକୁ କାମରନ ଗୁଲାମ ୯ ଓ ସାଉଦ୍ ସକିଲ ୨ ରନକରି ଅପରାଜିତ ରହିଛନ୍ତି । ଅଧିନାୟକ ଶାନ ମାସୁଦ୍ ୫୨, ମୁହମ୍ମଦ ହୁରାଇରା ୨୯ ଓ ବାବର ଆଜମ ୫ ରନକରି ଆଉଟ ହୋଇଥିଲେ । ୱେଷ୍ଟଇଣ୍ଡିଜର ଜୋମେଲ ୱାରିକାନ ୨ ୱିକେଟ ନେଇଛନ୍ତି ।

### ନୋମାନଙ୍କୁ ୫, ସାଜିଦଙ୍କୁ ୪ ୱିକେଟ

ପ୍ରଥମ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୩/୪ରୁ ଖେଳ ଆରମ୍ଭ କରି ଅଲଆଉଟ ହୋଇଥିଲା । ଦଳ ତରଫରୁ ସାଉଦ ସକିଲ ୮୪ ଓ ମହମ୍ମଦ ରିଜୱାନ ୭୧ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ । ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଜେଡେନ ସିଲ୍ସ ଓ ଜୋମେଲ ୱାରିକାନ ୩ଟି ଲେଖାଏ, କେଭିନ ସିନକ୍ଲେୟାର ୨ ୱିକେଟ ନେଇଥିଲେ । ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ଟପ୍ ଅର୍ଡର ଓ ମିଡଲ ଅର୍ଡର ବ୍ୟାଟର ବିଫଳ ହୋଇଥିଲେ । ୱାରିକାନ ସର୍ବାଧିକ ଅପରାଜିତ ୩୧, ଜେଡେନ ସିଲ୍ସ ୨୨ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ । ପାକିସ୍ତାନ ତରଫରୁ ବୋଲିଂରେ ନୋମାନ ଅଲି ୫, ସାଜିଦ ଖାନ୍ ୪ ୱିକେଟ ନେଇଥିଲେ ।

■ ଚିଫ୍ ମିନିଷ୍ଟର କପ୍

## କିଟ୍‌ର ବୃହତ୍ ବିଜୟ

ଭୁବନେଶ୍ୱର, ୧୮ ।୧ (ସମିସ): ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲିଥିବା ଚିଫ୍ ମିନିଷ୍ଟର୍ କପ୍ ୧୫ ବର୍ଷରୁ କମ୍ ଆନ୍ତଃକ୍ଲବ ଜିଲ୍ଲାସ୍ତରୀୟ ଫୁଟ୍‌ବଲରେ ଶନିବାର କିଟ୍-କିସ୍ ଦଳ ବୃହତ୍ ବିଜୟ ହାସଲ କରିଛି । ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ କିଟ୍-କିସ୍ ଦଳ ୨୫-୦ ଗୋଲରେ ସିଟି କ୍ଲବ (ନୟାପଲ୍ଲୀ)କୁ ପରାସ୍ତ କରିଛି । ସେହିଭଳି ଅନ୍ୟ ଏକ ମ୍ୟଶଚରେ କଳିଙ୍ଗ ୟୁଥ୍ ସ୍ପୋର୍ଟିଂ କ୍ଲବ (ଭୁବନେଶ୍ୱର) ୧୩-୧ ଗୋଲରେ କ୍ୟାପିଟାଲ୍ ଷ୍ଟାର୍ କ୍ଲବ (ଭୁବନେଶ୍ୱର)କୁ ହରାଇଦେଇଛି । ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମା ହିଙ୍ଗୁଳା କ୍ଲବ (ଅନୁଗୁଳ), ଭାଲେର୍ ଏଫ୍‌ସି (ବଲାଙ୍ଗିର), ରୋଭର୍ସ କ୍ଲବ (ଭଦ୍ରକ), ନୀତା ଫୁଟ୍‌ବଲ ଏକାଡେମୀ, କଳିଙ୍ଗ ନଗର ସ୍ପୋର୍ଟ୍ସ ଏକାଡେମୀ, ଫୁଲବାଣୀ ଫୁଟ୍‌ବଲ ଆସୋସିଏସନ ପ୍ରମୁଖ ବିଜୟ ଲାଭ କରିଛନ୍ତି ।



## ଫୁଟବଲ କିମ୍ବଦନ୍ତୀ ଡେନିସ୍ ଲ'ଙ୍କ ପରଲୋକ

ଏଡିନବର୍ଗ,୧୮ ।୧(ଏଜେନ୍ସି): ସ୍କଟଲାଣ୍ଡ ତଥା ମାଞ୍ଚେଷ୍ଟର ୟୁନାଇଟେଡ୍ ଫୁଟବଲର ଡେନିସ ଲ ୮୪ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି ।



ନିଜ ସମୟରେ ସେ ଜଣେ ଉଚ୍ଚକୋଟୀର ଫରୱାର୍ଡ ଭାବେ ଜଣାଶୁଣା ଥିଲେ । ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ତାଙ୍କର ଦେହାନ୍ତ ହୋଇଛି । ସ୍କଟଲାଣ୍ଡର ଆବେରଡିନ୍‌ରେ ଜନ୍ମିତ ଡେନିସ୍ ସ୍କଟଲାଣ୍ଡ ତରଫରୁ ୫୫ଟି ମ୍ୟାଚ୍ ଖେଳି ୩୦ଟି ଗୋଲ ସ୍କୋର କରିଥିଲେ । ସେହିପରି ସେ ୨୩ ବର୍ଷରୁ କମ୍ ସ୍କଟଲାଣ୍ଡ ଦଳ ପାଇଁ ୩ଟି ମ୍ୟାଚ୍ ଖେଳି ଗୋଟିଏ ଗୋଲ ସ୍କୋର କରିଥିଲେ । ସେହିପରି ମାଞ୍ଚେଷ୍ଟର ୟୁନାଇଟେଡ ତରଫରୁ ସେ ୪୦୪ଟି ମ୍ୟାଚ୍ ଖେଳି ୨୩୭ଟି ଗୋଲ ସ୍କୋର କରିଥିଲେ । କ୍ଲବ ତରଫରୁ ସେ ତୃତୀୟ ସର୍ବାଧିକ ଗୋଲ ସ୍କୋର କରିଛନ୍ତି । ତାଙ୍କ ଦେହାନ୍ତରେ ୟୁନାଇଟେଡ ତରଫରୁ ଶୋକ ପ୍ରକାଶ କରାଯାଇଛି । ଏଥିସହ ବିଶ୍ୱ ଫୁଟବଲର ଅନ୍ୟ ତାରକାମାନେ ମଧ୍ୟ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

## ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ ଆରମ୍ଭ

### ୱେଷ୍ଟଇଣ୍ଡିଜ ବିପକ୍ଷରୁ ଭାରତର ଅଭିଯାନ ଆଜି

କ୍ୱାଲାଲମ୍ପୁର,୧୮ ।୧(ଏଜେନ୍ସି): ମାଲେସିଆରେ ଶନିବାରଠାରୁ ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ ଆରମ୍ଭ ହୋଇଛି । ବିଶ୍ୱକପ୍‌ର ଏହି ଦ୍ୱିତୀୟ ସଂସ୍କରଣରେ ମୋଟ୍ ୧୬ଟି ଦେଶ ଅଂଶଗ୍ରହଣ କରିଛନ୍ତି । ଫେବୃଆରୀ ୨ ପର୍ଯ୍ୟନ୍ତ ଅର୍ଥାତ ୧୬ ଦିନଧରି ଚାଲିବାକୁ ଥିବା ଏହି ବିଶ୍ୱକପ୍‌ରେ ମୋଟ୍ ୪୧ଟି ମ୍ୟାଚ୍ ଖେଳାଯିବ । ଆୟୋଜକ ମାଲେସିଆ, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ ସମେତ ଭାରତ ଗ୍ରୁପ୍-ଏ'ରେ ସାମିଲ ହୋଇଛି । ଭାରତ ରବିବାର ତା'ର ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ଭେଟି ଅଭିଯାନ ଆରମ୍ଭ କରିବ । ୨୦୨୩ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ୭ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ମାଲେସିଆର ୪ଟି ଭେନ୍ୟୁ ଯଥା ପାଣ୍ଡମାରାନ, ଜୋହର, ବାଙ୍ଗି ଓ ସାରାୱାକରେ ବିଶ୍ୱକପ୍‌ର ମ୍ୟାଚ୍ ଗୁଡ଼ିକ ଖେଳାଯିବ । କ୍ୱାଲାଲମ୍ପୁରରେ



ଭାରତ ୨୧ ତାରିଖ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ମାଲେସିଆକୁ ଓ ୨୩ରେ ଶ୍ରୀଲଙ୍କାକୁ ଭେଟିବ । ୩ଟି ଯାକ ମ୍ୟାଚ୍ କ୍ୱାଲାଲମ୍ପୁରରେ ଖେଳାଯିବ । ଶନିବାର ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚରେ ଅଷ୍ଟ୍ରେଲିଆ ୮୦ଟି ବଲ୍ ବାକିଥାଇ ୯ ୱିକେଟରେ ସ୍କଟଲାଣ୍ଡକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି ।

■ ଏଆଇଏଫ୍‌ଏଫ୍ ଏଲିଟ୍ ୟୁଥ୍ ଲିଗ୍

## ଇଣ୍ଟର କାଶୀକୁ ହରାଇଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୮ ।୧ (ସମିସ): ଏଆଇଏଫ୍‌ଏଫ୍ ଏଲିଟ୍ ୟୁଥ୍ ଲିଗ୍ (୧୭ ବର୍ଷରୁ କମ୍)ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ୫-୩ ଗୋଲରେ ଇଣ୍ଟର କାଶି କ୍ଲବକୁ ପରାସ୍ତ କରିଛି । କଟକସ୍ଥିତ ସାଇ ଇଣ୍ଟରନ୍ୟାସନରଶ ରେସିଡେଣ୍ଟିଆଲ୍ ସ୍କୁଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଘରୋଇ ଓଡ଼ିଶା ଏଫ୍‌ସି ପାଇଁ ରାଜଦେବ ମହତୋ ହ୍ୟାଟ୍ରିକ ଗୋଲ୍ ସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେହିଭଳି ରାଇସ ଅହମ୍ମଦ ଖାନ ଅନ୍ୟ ଦୁଇଟି ଗୋଲ୍ ଦେଇଥିଲେ । ପ୍ରତିପକ୍ଷ ଇଣ୍ଟର କାଶୀ ପାଇଁ ଗୌରବ ଚୌହାନ ହ୍ୟାଟ୍ରିକ ଗୋଲସ୍କୋର କରିଥିଲେ ମଧ୍ୟ ଦଳକୁ



ପରାଜୟରୁ ରକ୍ଷା କରିପାରି ନ ଥିଲେ । ଓଡ଼ିଶା ଏଫ୍‌ସି ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଏସ୍‌କେଏମ୍‌ଏସ୍‌ଏଫ୍ ଦଳକୁ ଭେଟିବ ।

## ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍

# ଚତୁର୍ଥ ରାଉଣ୍ଡରେ ସିନର, ରୁନ୍, ମିନାଉର

ମେଲବୋର୍ଣ୍ଣ,୧୮ ।୧(ଏଜେନ୍ସି):

ଚଳିତ ଅଷ୍ଟ୍ରେଲିଆନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାରେ ଟପ୍ ସିଡ୍ ଇଟାଲୀର ଜାନିକ ସିନର, ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର, ୧୩ତମ ସିଡ ଡେନମାର୍କର ହୋଲଗାର ରୁନ୍‌ଙ୍କ ଭଳି ଖେଳାଳି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି । ତେବେ ଚତୁର୍ଥ ସିଡ ଆମେରିକାର ଟେଲର ଫ୍ରିଜ୍ ଶନିବାର ଖେଳାଯାଇଥିବା ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୩, ୫-୭, ୬-୭, ୪-୬ ସେଟ୍‌ରେ ଫ୍ରାନ୍ସର ଗାଏଲ ମନଫିଲ୍ସଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି । ସିନର ୬-୩, ୬-୪, ୬-୨ ସେଟ୍‌ରେ ମାର୍କସ ଗିରୋନଙ୍କୁ, ମିନାଉର ୫-୭, ୭-୬, ୬-୩, ୬-୩ ସେଟ୍‌ରେ ଆର୍ଜେଣ୍ଟିନାର ୩୧ତମ ସିଡ୍ ଫ୍ରାନସିସ୍‌କୋ ସେରୁଣ୍ଡୋଲୋଙ୍କୁ, ରୁନ୍ ୬-୭, ୬-୩, ୪-୬, ୬-୪, ୬-୪ ମାରାଥନ ସେଟ୍‌ରେ ସର୍ବିଆର ମିଓମୀର କେକ୍‌ମାନୋଭିକଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି । ୧୯ତମ ସିଡ୍ ରୁଷିଆର କାରେନ ଖାଚାନୋଭ ୩-୬, ୬-୭, ୨-୬ ସେଟ୍‌ରେ ଆମେରିକାର ଆଲେକ୍ସ ମିଚେଲସେନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି ।

### ରିବାକିନା, ସ୍ୱିଆଟେକଙ୍କ ଅଗ୍ରଗତି: ପାଓଲିନି ଆଉଟ୍

ମହିଳା ଏକକରେ ସିଡେଡ୍ ଖେଳାଳିମାନେ ଅଗ୍ରଗତି କରିଥିବା ବେଳେ ଗୋଟେ ଦୁଇଟି ବିପର୍ଯ୍ୟୟ ଘଟିଛି । ୬ଷ୍ଠ ସିଡ୍ କାଜାଖସ୍ତାନର ଏଲିନା ରିବାକିନା ୬-୩, ୬-୪ ସେଟ୍‌ରେ ୩୨ତମ ସିଡ୍ ୟୁକ୍ରେନର ଡାୟାନା ୟସ୍ତ୍ରେମସ୍କାଙ୍କୁ, ଦ୍ୱିତୀୟ ସିଡ ପୋଲାଣ୍ଡର ଇଗା ସ୍ୱିଆଟେକ ୬-୧, ୬-୦ ସିଧାସଳଖ ସେଟ୍‌ରେ ବ୍ରିଟେନର ଇମା ରାଡୁକାନୁଙ୍କୁ, ୮ମ ସିଡ୍ ଆମେରିକାର ଇମା ନାଭାରୋ ୬-୪, ୩-୬, ୬-୪ ସେଟ୍‌ରେ ଟ୍ୟୁନିସଆର ଓନ୍ସ ଜାବେରଉରଙ୍କୁ, ୯ମ ସିଡ୍ ରୁଷିଆର ଡାରିଆ କାସାତକିନା ୭-୫, ୬-୧ ସେଟ୍‌ରେ ୨୪ତମ ସିଡ୍ କାଜାଖସ୍ତାନର ୟୁଲିଆ ପୁତିନଶୋଭାଙ୍କୁ, ୧୯ତମ ସିଡ୍ ଆମେରିକାର ମାଡିନସନ କିଜ୍ ୬-୪, ୬-୪ ସେଟ୍‌ରେ ନିଜ ଦେଶର ୧୦ମ ସିଡ୍ ଡାନିଏଲେ କଲିନ୍ସଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି । ତେବେ ଚତୁର୍ଥ ସିଡ୍ ଇଟାଲୀର ଜସ୍ମିନ ପାଓଲିନି ୬-୨, ୪-୬, ୦-୬ ସେଟ୍‌ରେ ୨୮ତମ ସିଡ୍ ୟୁକ୍ରେନ୍‌ର ଏଲିନା ଭିଟୋଲିନାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି ।



ଏଲିନା ରିବାକିନା

### ଯୁଗଳରେ ହାରିଲେ ବାଲାଜୀ

ପୁରୁଷ ଯୁଗଳ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଏନ୍ ଶ୍ରୀରାମ ବାଲାଜୀ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ବାଲାଜୀ ଓ ତାଙ୍କ ମେକ୍ସିକୋ ସାଥି ମିଗୁଏଲ୍ ଆଞ୍ଜେଲ ରେୟେସ-ଭାରେଲଶ ୬-୭, ୬-୪, ୩-୬ ସେଟ୍‌ରେ ପର୍ତ୍ତୁଗାଲ ଯୋଡି ନୁନୋ ବୋର୍ଗେସ ଓ ଫ୍ରାନ୍‌ସିସ୍କୋ କର୍ବାଲଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ଅଭିଜ୍ଞ ରୋହନ ବୋପାନ୍ନା ଓ ତାଙ୍କ ଚୀନ୍ ସାଥି ଝାଙ୍ଗ ସୁଆଇ ରବିବାର ମିଶ୍ରିତ ଯୁଗଳ ଦ୍ୱିତୀୟ ରାଉଣ୍ଡରେ ମୋନେଗାସ୍କର ହୁଗୋ ନିସ ଓ ଆମେରିକାର ଟେଲର ଟାଉନସେଣ୍ଟଙ୍କୁ ଭେଟିବେ ।

## ଖୋ ଖୋ ବିଶ୍ୱକପ୍ ଫାଇନାଲ୍ ଆଜି

# ଉଭୟ ବର୍ଗରେ ଭାରତ-ନେପାଳ ଲଢ଼େଇ



ବିଜୟପରେ ଉଲ୍ଲସିତ ଭାରତୀୟ ମହିଳା ଦଳ

ନୂଆଦିଲ୍ଲୀ, ୧୮ ।୧ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଆୟୋଜକ ଭାରତକୁ ଶନିବାର ଡବଲ୍ ସଫଳତା ମିଳିଛି । ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ବିଜୟ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି । ସେମିଫାଇନାଲରେ ଭାରତୀୟ ପୁରୁଷ ଦଳ ୧୮ ପଏଣ୍ଟ (୬୦-୪୨)ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା । ସେହିଭଳି ମହିଳା ଦଳ ୫୦ ପଏଣ୍ଟ (୬୬-୧୬)ରେ ସହଜରେ ସମାନ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଛି । ରବିବାର ପୁରୁଷ ବିଭାଗ ଫାଇନାଲରେ ଭାରତର ମୁକାବିଲା ନେପାଳ ସହ ହେବ । ସେହିଭଳି ମହିଳା ବିଭାଗରେ ମଧ୍ୟ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦେଖିବାକୁ ମିଳିବ । ଭାରତୀୟ ମହିଳା ସହ ନେପାଳ ମହିଳା ଦଳ ଟାଇଟଲ୍ ଲାଗି ଟର୍ଫକୁ ଓହ୍ଲାଇବେ । ନେପାଳ ପୁରୁଷ ଦଳ ସେମିରେ ୭୨-୨୦ରେ ଇରାନକୁ ଓ ମହିଳା ଦଳ ୮୯-୧୮ରେ ଉଗାଣ୍ଡାକୁ ହରାଇଥିଲା ।

ଶନିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ପୁରୁଷ ସେମିଫାଇନାଲ କଡ଼ା ସଂଘର୍ଷପୂର୍ଣ୍ଣ ରହିଥିଲା । ଏପରିକି ୩ୟ ଟର୍ନ ସୁଦ୍ଧା ଦକ୍ଷିଣ ଆଫ୍ରିକା ୪୨-୨୮ ପଏଣ୍ଟରେ ଅଗ୍ରଣୀ ହାସଲ କରିଥିଲା । ଅନ୍ତିମ ୭ ମିନିଟ୍ ତଥା ୪ର୍ଥ ଟର୍ନରେ ଭାରତ ଚମତ୍କାର ଆଟାକ୍ କରି ୩୨ ପଏଣ୍ଟ ହାତେଇନେବା ସହ ୬୦-୪୨ରେ ବିଜୟୀ ହୋଇଥିଲା । ଭାରତ ସ୍କାଏ ଡାଇଭରେ ୩୬ ଓ ଟଚ୍‌ରେ ୨୦ ପଏଣ୍ଟ ହାସଲ କରିଥିଲା । ଭାରତୀୟ ଦଳର ଅଧିନାୟକ ପ୍ରତୀକ ୱାଇକର୍, ରାମଜୀ କାଶ୍ୟପ, ଓଡ଼ିଶାର ପବନୀ ଶବର ପ୍ରମୁଖ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ସେହିଭଳି ମହିଳା ବିଭାଗ ସେମିଫାଇନାଲରେ ମଧ୍ୟ ଦକ୍ଷିଣ ଆଫ୍ରିକା ଭାରତର ଶିକାର ବନିଥିଲା । ଭାରତ ଏହି ମ୍ୟାଚକୁ ୬୬-୧୬ରେ ଏକପାଖିଆ ବିଜୟ ଲାଭ କରିଥିଲା । ଭାରତୀୟ ମହିଳା ଦଳରେ ଓଡ଼ିଶାର ଶୁଭଶ୍ରୀ ସିଂ ଓ ମଗାଇ ମାଝୀ ଖେଳୁଛନ୍ତି ।




ଭାରତ ଓ ଦ.ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ପୁରୁଷ ସେମିଫାଇନାଲ୍

**ଆଜି ଫାଇନାଲ**

**ମହିଳା:** ଭାରତ-ଦକ୍ଷିଣ ଆଫ୍ରିକା, ରାତି ୭ଟା
**ପୁରୁଷ:** ଭାରତ-ଦକ୍ଷିଣ ଆଫ୍ରିକା, ରାତି ୮ଟା ୧୫
**ପ୍ରସାରଣ:** ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ

■ ୨୮ରୁ ୩୮ତମ ଜାତୀୟ କ୍ରୀଡ଼ା

## ଭାଗନେବେ ୩୦୧ ଓଡ଼ିଆ କ୍ରୀଡ଼ାବିତ୍

ଡେରାଡୁନ,୧୮ ।୧(ଏଜେନ୍ସି): ଉତ୍ତରାଖଣ୍ଡର ଡେରାଡୁନଠାରେ ଆୟୋଜନ ହେବ ୩୮ତମ ଜାତୀୟ କ୍ରୀଡ଼ା । ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏହି କ୍ରୀଡ଼ା ମହାକୁମ୍ଭର ଉଦ୍‌ଘାଟନୀ ଉତ୍ସବ ଆସନ୍ତା ୨୮ ତାରିଖରେ ଆୟୋଜନ ହେବ । ସେହିପରି ଉଦ୍‌ଯାପନୀ ଉତ୍ସବ ଫେବୃଆରୀ ୧୪ରେ ଆୟୋଜନ ହେବ । ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ୩୦୧ ଆଥଲେଟ୍ ଓ ୭୫ ଜଣ ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିବେ । ମୋଟ୍ ୩୬ଟି କ୍ରୀଡ଼ାରୁ ଓଡ଼ିଆ ଖେଳାଳିମାନେ ୨୫ଟି କ୍ରୀଡ଼ାରେ ଅଂଶଗ୍ରହଣ କରିବେ । ଓଡ଼ିଶା ବାସ୍କେଟବଲ ଆସୋସିଏସନ ସମ୍ପାଦକ ଅଶୋକ କୁମାର ସାହୁ ଦଳର 'ଚେଫ୍ ଡି ମିଶନ' ଭାବେ ଦାୟିତ୍ୱ ସମ୍ପାଦନ କରିବେ । ଦୁଇ ଦିନ ପୂର୍ବରୁ ଆଥଲେଟମାନେ ଡେରାଡୁନ୍‌ରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିବେ ବୋଲି କୁହାଯାଇଛି । ଜାତୀୟ କ୍ରୀଡ଼ାର ଗତ ୩୭ତମ ସଂସ୍କରଣ ଗୋଆରେ ଆୟୋଜିତ ହୋଇଥିଲା । ଏଥିରେ ମହାରାଷ୍ଟ୍ର ୮୦ ସ୍ୱର୍ଣ୍ଣ, ୬୯ ରୌପ୍ୟ, ୭୯ କାଂସ୍ୟ ସହ ମୋଟ୍ ୨୨୮ ପଦକ ହାସଲ କରି ତାଲିକାର ଶୀର୍ଷରେ ରହିଥିଲା । ସେହିପରି ଓଡ଼ିଶା ୧୦ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୩୦ କାଂସ୍ୟ ସହ ମୋଟ ୫୮ ପଦକ ସହ ତାଲିକାର ୧୬ତମ ସ୍ଥାନରେ ରହିଥିଲା ।

# କର୍ଣ୍ଣାଟକକୁ ୫ମ ବିଜୟ ହଜାରେ ଟ୍ରଫି

ଭଦୋଦାରା,୧୮ ।୧(ଏଜେନ୍ସି): ବିଜୟ ହଜାରେ ଟ୍ରଫିର ୩୨ତମ ସଂସ୍କରଣ ଶନିବାର ଉଦ୍‌ଯାପିତ ହୋଇଛି । କର୍ଣ୍ଣାଟକ ୩୬ ରନରେ ବିଦର୍ଭକୁ ପରାସ୍ତ କରି ଏଥର ଟାଇଟଲ ହାସଲ କରିଛି । କର୍ଣ୍ଣାଟକ ୫ମଥର ପାଇଁ ଚାମ୍ପିଅନ ହୋଇଛି । ସ୍ଥାନୀୟ କୋଟାମ୍ବି ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଫାଇନାଲରେ ଟସହାରି କର୍ଣ୍ଣାଟକ ୬ ୱିକେଟ ହରାଇ ୩୪୮ ରନ କରିଥିଲା । ଜବାବରେ ବିଦର୍ଭ ୪୮.୨ ଓଭରରେ ୩୧୨ ରନରେ ସୀମିତ ରହି ରନର୍ସଅପ୍ ବିବେଚିତ ହୋଇଛି । ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୭୭୯ ରନ କରି ପ୍ଲେୟର ଅଫ ଦି ସିରିଜ ବିବେଚିତ ହୋଇଥିବା କରୁନ ନାୟର ବିଫଳ ହୋଇଥିଲେ । କର୍ଣ୍ଣାଟକର ରବିଚନ୍ଦ୍ରନ ସ୍ମରଣ ୧୦୧ ରନର ଶତକୀୟ ପାଳି ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।



୩୪୯ ରନର କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ବିଦର୍ଭ ନିୟମିତ ଅନ୍ତରରେ ୱିକେଟ ହରାଇଥିଲା । ଓପନର ଧ୍ରୁବ ଶୋରେ ୧୧୦ ରନର ଶତକୀୟ ପାଳି ଖେଳିଥିଲେ ମଧ୍ୟ ଏହା ନିଷ୍ଫଳ ସାବ୍ୟସ୍ତ ହୋଇଥିଲା । ସେହିପରି ମଧ୍ୟକ୍ରମ ବ୍ୟାଟର ହର୍ଷ ଦୁବେ ୬୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ । ଏହି କ୍ରମରେ ଯଶ ରାଠୋର ୨୨, ଇନ୍‌ଫର୍ମ କରୁଣ ନାୟର ୨୭, ଜିତେଶ ଶର୍ମା ୩୪ ରନ କରି ଆଉଟ ହୋଇଥିଲେ । ବୋଲିଂରେ କର୍ଣ୍ଣାଟକ ତରଫରୁ ବାସୁକି କୌଶିକ, ପ୍ରସିଦ୍ଧ କ୍ରିଷ୍ଣା ଓ ଅଭିଲାଷ ସେଟ୍ଟୀ ୩ଟି ଲେଖାଏ, ହାର୍ଦ୍ଦିକ ରାଜ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ ।

ପ୍ରଥମେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ତରଫରୁ ମଧ୍ୟକ୍ରମ ବ୍ୟାଟର ରବିଚନ୍ଦ୍ରନ ସ୍ମରଣ ୧୦୧ ରନର ଶତକୀୟ ପାଳି ଖେଳିଥିଲେ । ସେହିପରି ଅଭିନବ ମନୋହର ୪୨ ବଲରୁ ୧୦ ଚୌକା ଓ ୪ ଛକା ସହ ୭୯ ରନର ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ବିଶାଳ ସ୍କୋର ପ୍ରଦାନ କରିଥିଲେ । କ୍ରିଷ୍ଣନ ଶ୍ରୀଜିତ୍ ୭୮, ମୟଙ୍କ ୩୨ ରନ ସଂଗ୍ରହ କରିଥିଲେ । ବୋଲିଂରେ ବିଦର୍ଭ ତରଫରୁ ଦର୍ଶନ ନାଲକଣ୍ଡେ ଓ ନଚିକେତ ଭୂତେ ୨ଟି ଲେଖାଏ, ଯଶ ଠାକୁର ଓ ଯଶ କଦକ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ ।




## ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନରେ ଭାରତର ଅଭିଯାନ ଶେଷ

ନୂଆଦିଲ୍ଲୀ, ୧୮ ।୧ (ଏଜେନ୍ସି): ସ୍ଥାନୀୟ କେଡି ଯାଦବ ଇଣ୍ଡୋର୍ ହଲ୍‌ରେ ଚାଲିଥିବା ୮ କୋଟି ୨୨ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି । ଶନିବାର ପୁରୁଷ ଡବଲ୍ସ ସେମିଫାଇନାଲରେ ଭାରତର ଶେଷଆଶା ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ୧୮-୨୧, ୧୪-୨୧ ସିଧାସଳଖ ଗେମ୍‌ରେ ଇଣ୍ଡୋନେସିଆ ଯୋଡ଼ି ଗୋ ଜି ଫେଇ ଓ ନୁର୍ ଇଜ୍ଜୁଦ୍ଦିନଙ୍କ ନିକଟରୁ ହାରିଯାଇଥିଲେ । ଚିରାଗ ଓ ସାତ୍ତ୍ୱିକ ଯୋଡ଼ି କ୍ରମାଗତ ୨ୟ ସେମିଫାଇନାଲରେ ପରାସ୍ତ ହୋଇଛନ୍ତି । ଏଥିପୂର୍ବରୁ ମାଲେସିଆ ଓପନ୍‌ରେ ମଧ୍ୟ ଏହି ଭାରତୀୟ ଯୋଡ଼ି ସେମିଫାଇନାଲରେ ଅଟକିଥିଲେ ।

## ଉତ୍କଳ ଓପନ୍ ଟେନିସ | ପ୍ରାର୍ଥନା-ଅଭିପ୍ସା ଫାଇନାଲ ମୁକାବିଲା

ଭୁବନେଶ୍ୱର, ୧୮ ।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଉତ୍କଳ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି । ରବିବାର ଫାଇନାଲରେ ୩ୟ ସିଡ୍ ପ୍ରାର୍ଥନା ମଣ୍ଡଳ ଓ ଅଭିପ୍ସା ଦେହୁରୀ ପରସ୍ପରକୁ ଭେଟିବେ । ସେମିରେ ପ୍ରାର୍ଥନା ୯-୮ (୫)ରେ ଟପ୍ ସିଡ୍ ପ୍ରିଶା ଦାସଙ୍କୁ ପରାସ୍ତ କରିଥିଲେ । ସେହିଭଳି ଅଭିପ୍ସା ୯-୨ରେ ୮ମ ସିଡ୍ ସରଞ୍ଜନା ଦାସଙ୍କୁ ହରାଇଥିଲେ । ରବିବାର ପୁରୁଷ ସିଙ୍ଗଲ୍ସ ସେମି ଖେଳାଯିବ । ଟପ୍ ସିଡ୍ ଅମୃତଜୟ ମହାନ୍ତି ଓ ୩ୟ ସିଡ୍ ଅଂଶୁମାନ ସିଂ ପରସ୍ପରକୁ ଭେଟିବେ । ଆଦିତ୍ୟ ଶତପଥୀ ଓ ୬ଷ୍ଠ ସିଡ୍ ଆଦିତ୍ୟ ମହାପାତ୍ରଙ୍କ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ । ୧୪ ବର୍ଷରୁ କମ୍ ବାଳିକା ଫାଇନାଲରେ ଏସ୍‌କେ ୱନିଆ ଶଜଫା ଓ ସରଞ୍ଜନା ଦାସ ପରସ୍ପରକୁ ଭେଟିବେ ।

## ଆଶିଷ ପ୍ରଥମ ଓଡ଼ିଆ ସ୍ୱୀକୃତିପ୍ରାପ୍ତ ଅନ୍ତର୍ଜାତୀୟ ସୁଟିଂ ବିଚାରପତି



ଭୁବନେଶ୍ୱର, ୧୮ ।୧ (ସମିସ): ପ୍ରଥମ ଓଡ଼ିଆ ଭାବେ ଆଶିଷ ନାୟକ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ ବିଚାରପତି ଭାବେ ସ୍ୱୀକୃତି ଲାଭ କରିଛନ୍ତି । ଜାତୀୟ ରାଇଫଲ୍ ସଂଘ ପକ୍ଷରୁ ମନୋନୀତ ହୋଇ ଆଶିଷ ଦିଲ୍ଲୀରେ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ ଫେଡେରେସନ ଦ୍ୱାରା ଆୟୋଜିତ ବିଚାରପତି ପାଠ୍ୟକ୍ରମ ପରୀକ୍ଷା (ରାଇଫଲ୍ ଓ ପିସ୍ତଲ)ରେ କୃତକାର୍ଯ୍ୟ ହୋଇଛନ୍ତି । ଆଶିଷ ଏଥିପୂର୍ବରୁ ପ୍ରଥମ ଓଡ଼ିଆ ଭାବେ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ କ୍ରୀଡ଼ା ପ୍ରଶିକ୍ଷକ ଓ ଜାତୀୟ ବନ୍ଧୁକ ଚାଳନା ବିଚାରପତି ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇଥିଲେ । ଏହି ସଫଳତା ଲାଗି ଆଶିଷଙ୍କୁ ଜାତୀୟ ରାଇଫଲ୍ ସଂଘର ସଭାପତି କଳିକେଶ ନାରାୟଣ ସିଂଦେଓ ଅଭିନନ୍ଦନ ଜଣାଇଛନ୍ତି ।




## ହକି ଇଣ୍ଡିଆ ଲିଗ୍

# ହାଇଦ୍ରାବାଦ୍ ତୁଫାନ୍ସର ବଡ଼ ବିଜୟ

ରାଞ୍ଚି,୧୮ ।୧(ଏଜେନ୍ସି): ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଚଳିତ ଷଷ୍ଠ ସଂସ୍କରଣରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦରାବାଦ ତୁଫାନ୍ସ ୪-୦ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି । ଡ୍ରାଗନ୍ସର ରକ୍ଷଣଭାଗ ଦୁର୍ବଳତାରୁ ଫାଇଦା ଉଠାଇ ଡ୍ରାଗନ୍ସ ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରିଥିଲା । ଏହି ବିଜୟ ସହ ତୁଫାନ୍ସ ୭ଟି ମ୍ୟାଚ୍ ଖେଳି ୧୩ ପଏଣ୍ଟ ପାଇ ଦ୍ୱିତୀୟ ଓ ଡ୍ରାଗନ୍ସ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ପରାଜୟ ସତ୍ତ୍ୱେ ୧୫ ପଏଣ୍ଟ ଶୀର୍ଷ ସ୍ଥାନ ବଜାୟ ରଖିଛି ।

### ପେଇଲାଟଙ୍କ ଡବଲ୍ ଗୋଲ

ସ୍ଥାନୀୟ ଜୟପାଲ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଏକପାଖିଆ ମ୍ୟାଚ୍‌ରେ ତୁଫାନ୍ସ ତରଫରୁ ୨୧ତମ ମିନିଟ୍‌ରେ ଅଭିଜ୍ଞ ଜର୍ମାନୀ ଡିଫେଣ୍ଡର ଗୋଞ୍ଜାଲୋ ପେଇଲାଟ୍ ୨୧ ୪୮ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେହିପରି ୩୧ତମ ମିନିଟ୍‌ରେ ନେଦରଲାଣ୍ଡସ ଡିଫେଣ୍ଡର ଆର୍ଥର ସ୍ଲୁଭେର ଓ ଏହାର ଦୁଇ ମିନିଟ ପରେ ଅର୍ଥାତ ୩୩ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ଫରୱାର୍ଡ ଟିମୋଥି ଡାନିଏଲ ବ୍ରାଣ୍ଡ ଗୋଲ ସ୍କୋର କରିଥିଲେ । ଅପରପକ୍ଷରେ ଡ୍ରାଗନ୍ସ ତୁଫାନ୍ସ ଡିଫେନ୍ସକୁ ଭେଦ କରିପାରି ନଥିଲା । ବ୍ରାଣ୍ଡ ଫିଲ୍ଡ ଗୋଲ ଦେଇଥିବା ବେଳେ ଅନ୍ୟ ୩ଟି ଗୋଲ୍ ପେନାଲ୍ଟି କର୍ଣ୍ଣର ଜରିଆରେ ସ୍କୋର ହୋଇଥିଲା । ବଲ ପଜେସନରେ ଡ୍ରାଗନ୍ସ ସାମାନ୍ୟ ଆଗୁଆ ରହିଥିଲା । ତେବେ ସର୍ଟ୍ସ, ସର୍କଲ ଏଣ୍ଟ୍ରି ଓ ପେନାଲ୍ଟି କର୍ଣ୍ଣରରେ ତୁଫାନ୍ସ ଯଥେଷ୍ଟ ଅଗାରେ ରହିଥିଲା । ୧୮ଟି ପେନାଲ୍ଟି କର୍ଣ୍ଣର ପାଇ ତୁଫାନ୍ସ ମାତ୍ର ୩ଟି ଗୋଲ ସ୍କୋର କରିଥିଲା । ସେହିପରି ୩ଟି ପେନାଲ୍ଟି ପାଇଥିଲେ ମଧ୍ୟ ଡ୍ରାଗନ୍ସ ଗୋଲ ଦେଇପାରି ନଥିଲା ।



### ରୁଦ୍ରସଠାରୁ ହାରିଲା ଗୋନାସିକା

ଦ୍ୱିତୀୟ ମ୍ୟାଚ୍‌ରେ ଟିମ୍ ଗୋନାସିକା ୦-୧ ଗୋଲରେ ୟୁପି ରୁଦ୍ରସଠାରୁ ପରାସ୍ତ ହୋଇଛି । ସ୍ଥାନୟ ଜୟପାଲ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ରୁଦ୍ରସ ତରଫରୁ ହାର୍ଦ୍ଦିକ ସିଂ ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ୧୫ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ । ଗୋନାସିକା ୧୭ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଟିଏ ବି ଗୋଲରେ ପରିଣତ କରିପାରି ନଥିଲା । ମିଳିଥିବା ଗୋଟିଏ ପେନାଲ୍ଟି ଷ୍ଟୋକ୍‌କୁ ରୁଦ୍ରସ୍ ଗୋଲରେ ପରିଣତ କରିଥିଲା । ସର୍କଲ ଏଣ୍ଟ୍ରିରେ ରୁଦ୍ରସ ସମାନ୍ୟ ଆଗରେ ରହିଥିଲା । ବଲ୍ ପଜେସନରେ ଗୋନାସିଆକ ମଧ୍ୟ ସାମାନ୍ୟ ଆଗରେ ରହିଥିଲା ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS